# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୧/୨୦୨୦ (୧୩ ପୃଷ୍ଠା) | Bhubaneswar, Tuesday, July 21/2020 | ★★★★★★

୪୬ଶ ଭାଗ ୨୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ମେସିଙ୍କୁ ଟପ୍ ସ୍କୋରିଂ ଟାଇଟଲ**

ସ୍ପାନିଶ ଲିଗ୍‌ରେ ଆର୍ଜେଣ୍ଟିନାର ଷ୍ଟାର ଫୁଟ୍‌ବଲ ଖେଳାଳି ଲିଓନେଲ ମେସି ରେକର୍ଡ ଟପ୍ ସ୍କୋରିଂ ଟାଇଟଲ ଜିତିଛନ୍ତି।

୧୩

୧୦

**ଟ୍ରୋଲ୍ ହେଲେ କରିସ୍ମା**

ଟେଲି ଅଭିନେତ୍ରୀ କରିସ୍ମା ତନ୍ନା ତାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଥିଲେ, ଏଥିଲାଗି ତାଙ୍କୁ ଟ୍ରୋଲ୍ ମଧ ହେବାକୁ ପଡ଼ିଛି।



# ଇ-ବାଣିଜ୍ୟ ସଂସ୍ଥା ଉପରେ ଲାଗିବ ଅଙ୍କୁଶ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

**କାର୍ଯ୍ୟକାରୀ ହେଲା ଉପଭୋକ୍ତା ସୁରକ୍ଷା ଆଇନ-୨୦୧୯**

- ସ୍ଥାପନ ହେବ କେନ୍ଦ୍ର ଉପଭୋକ୍ତା ସୁରକ୍ଷା କର୍ତ୍ତୃପକ୍ଷ
- ୫ ଲକ୍ଷ ପର୍ଯ୍ୟନ୍ତ ପଡ଼ିବନି ଆବେଦନ ଫି'

ଦେଶରେ ଇ-ବାଣିଜ୍ୟ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗ୍ରାହକମାନେ ଅନ୍‌ଲାଇନ ଜରିଆରେ ମଗାଉଥିବା ସାମଗ୍ରୀ ଖରାପ ପଡ଼ିଲେ ସେହି ସଂସ୍ଥାଗୁଡ଼ିକ ବିରୋଧରେ ପୂର୍ବରୁ ଅଭିଯୋଗ କରିବାର କୌଣସି ଆଇନଗତ ବ୍ୟବସ୍ଥା ନ ଥିଲା। ତେଣୁ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଉପଭୋକ୍ତା ସୁରକ୍ଷା ଆଇନ-୨୦୧୯କୁ ସୋମବାର କାର୍ଯ୍ୟକାରୀ କରିଛନ୍ତି। ଏହି ନୂତନ ଆଇନ ଇ-ବାଣିଜ୍ୟ କରୁଥିବା ସଂସ୍ଥାଗୁଡ଼ିକ ଉପରେ ଅଙ୍କୁଶ ଲଗାଇବ। ଉତ୍ପାଦର ମାନ ଖରାପ ହେବା କିମ୍ବା ଠକାମିର ଶିକାର ହେଉଥିବା ଲୋକମାନେ ଏହି ନୂତନ ଆଇନରେ ଲାଭ ପାଇପାରିବେ। ଏହି ଆଇନ ବଳରେ ଠକ ସଂସ୍ଥା ବିରୋଧରେ ଦଣ୍ଡବିଧାନ କରାଯାଇପାରିବ।

ଏହି ଆଇନରେ ଉପଭୋକ୍ତାମାନଙ୍କୁ ଆଇନଗତ ସହାୟତା ଯୋଗାଇଦେବାକୁ ଉପଭୋକ୍ତା ସୁରକ୍ଷା ପରିଷଦ, ଉପଭୋକ୍ତା ବିବାଦ ରିଡ୍ରେସାଲ କମିଶନ, ଉତ୍ପାଦର ଗୁଣାବତ୍ତା , ଉତ୍ପାଦନକାରୀ ଏବଂ ବିକ୍ରେତାଙ୍କୁ ଦଣ୍ଡବିଧାନ କରିବା ବ୍ୟବସ୍ଥା ରହିଛି। ଏଥିସହିତ କେନ୍ଦ୍ର ଉପଭୋକ୍ତା ସୁରକ୍ଷା କର୍ତ୍ତୃପକ୍ଷ(ସିସିପିଏ) ସ୍ଥାପନ ହେବ। ଏହା ଉପଭୋକ୍ତାଙ୍କର ଅଧିକାର ଓ ସୁରକ୍ଷାକୁ ନିଶ୍ଚିତ କରିବ। ଏହି ସଂସ୍ଥା ଉପଭୋକ୍ତା ସୁରକ୍ଷା ଆଇନ ଅଧିକାରକୁ କ୍ଷୁଣ୍ଣ କରୁଥିବା ସଂସ୍ଥା ବିରୋଧରେ ତଦନ୍ତକରି ଦଣ୍ଡବିଧାନ କରିବ। ଏଥିସହିତ ଉତ୍ପାଦନକାରୀ, ବିକ୍ରେତା, ବିଜ୍ଞାପନଦାତାଙ୍କ ଉପରେ ମଧ ଏହି ନୂତନ ଆଇନ ଅଙ୍କୁଶ ଲଗାଇବ। କମିଶନଙ୍କ ନିକଟରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅଭିଯୋଗ ପାଇଁ କୌଣସି ଆବେଦନ ଫି ଦେବାକୁ ପଡ଼ିବ ନାହିଁ। ପ୍ରତ୍ୟେକ ରାଜ୍ୟରେ କଞ୍ଜୁମର ରିଡ୍ରେସାଲ କମିଶନ ସ୍ଥାପନ ହେବ। ରାଜ୍ୟ କମିଶନ କେନ୍ଦ୍ରୀୟ କମିଶନଙ୍କୁ ପ୍ରତି ୬ ମାସରେ କେତେକ ମାମଲା ଶୁଣାଣି ହୋଇ କେତେ ମାମଲା ଫଇସଲା କରାଯାଇଛି ଓ କେତେ ବାକି ପଡ଼ିଛି ସେ ନେଇ ରିପୋର୍ଟ ଦେବେ। ନୂତନ ଆଇନରେ କୋର୍ଟ ଯଦି କୌଣସି ☞ପୃଷ୍ଠା-୪

# ପରଲୋକରେ ବିଜୟ



ଭୁବନେଶ୍ୱର,୨୦।୭(ବ୍ୟୁରୋ)

**ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ**

ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତା ବିଜୟ ମହାନ୍ତିଙ୍କ ସୋମବାର ରାତିରେ ପରଲୋକ ଘଟିଛି। ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। କିଛି ମାସ ଧରି ସେ ଅସୁସ୍ଥ ଥିଲେ। ସନ୍ଧ୍ୟାରେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଆରମ୍ଭ ହେବାର କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ ତଥା ଅଭିନେତ୍ରୀ ତନ୍ଦ୍ରା ରାୟ ଏବଂ ଝିଅ ଯସ୍ମିନ୍ ଉପସ୍ଥିତ ଥିଲେ। ମଧୁମେହରେ ଆକ୍ରାନ୍ତ ଥିବା ମହାନ୍ତି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ଲାଗି ତାଙ୍କୁ ଗତ ମେ' ମାସରେ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରିଥିଲେ। ସାମାନ୍ୟ ସୁସ୍ଥ ହେବାପରେ ଓଡ଼ିଶା ଆସିବାକୁ ମନ ବଳାଇବାରୁ ଗତ ଜୁନ୍ ୧୪ରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ହାଇଦ୍ରାବାଦରୁ ଭୁବନେଶ୍ୱର ଅଣାଯାଇଥିଲା। ଏଠାରେ ସେ ଏକ ଘରୋଇ ହସ୍ପିଟାଲ ଏବଂ ପରେ ଭୁବନେଶ୍ୱରସ୍ଥିତ ବାସଭବନରେ ରହି ଚିକିତ୍ସିତ ହେଉଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ପୁଣିଥରେ ବିଗିଡ଼ିଥିଲା। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କରିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର ରାଷ୍ଟ୍ରୀୟ ସମ୍ମାନ ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି।

ବିଜୟ ମହାନ୍ତିଙ୍କ ଭଳି ଜଣେ ପ୍ରତିଷ୍ଠିତ କଳାକାରଙ୍କ ଅବସାନ ଯୋଗୁ ଓଡ଼ିଆ ଫିଲ୍ମ ଜଗତରେ ଏକ ଯୁଗର ଅବସାନ ଘଟିଛି। ୧୯୫୦ ଏପ୍ରିଲ ୮ରେ ବିଜୟ କେନ୍ଦ୍ରାପଡ଼ା ଜିଲାର ପାଣ୍ଡିରି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିତା ଆଦିକନ୍ଦ ମହାନ୍ତି ଓ ମାତା ଶାନ୍ତିଲତା ମହାନ୍ତିଙ୍କ ସୁପୁତ୍ର ବିଜୟ ମୟୂରଭଞ୍ଜ ଜିଲାର ☞ପୃଷ୍ଠା-୪

## ଏକ ଯୁଗର ଅନ୍ତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ପ୍ରସିଦ୍ଧ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବିଜୟ ମହାନ୍ତିଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୋକବାର୍ତ୍ତାରେ କହିଛନ୍ତି ଯେ ବିଜୟ ମହାନ୍ତି ତାଙ୍କର ବହୁବିଧ ପ୍ରତିଭା ପାଇଁ ଓଡ଼ିଆ ଚଳଚ୍ଚିତ୍ରକୁ ସମୃଦ୍ଧ କରିଛନ୍ତି। ଓଡ଼ିଆ ଫିଲ୍ମଜଗତରେ ତାଙ୍କର ଚମତ୍କାର କ୍ୟାରିୟର ଥିଲା। ରାଜ୍ୟ ଓ ରାଜ୍ୟ ବାହାରେ ନିୟୁତ ନିୟୁତ ପ୍ରଶଂସକଙ୍କ ହୃଦୟରେ ସେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ଯୁଗର ଅନ୍ତ ହେଲା। ବିଜୟଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ନଜର ସମବେଦନା ଜଣାଇବା ସହିତ ସ୍ୱର୍ଗତ ଆତ୍ମାର ସଦ୍‌ସଗତି କାମନା କରିଛନ୍ତି।

ବିଜୟ ମହାନ୍ତିଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକାର ଛାୟା ଖେଳି ଯାଇଛି। ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ☞ପୃଷ୍ଠା-୪

## ୧୨ ପଇସା ବଢ଼ିଲା ଡିଜେଲ

**ଭୁବନେଶ୍ୱର,୨୦।୭:** କରୋନା ମହାମାରୀ ସମୟରେ ତେଲ ଦର ବୃଦ୍ଧି ଲୋକଙ୍କୁ ଅତିଷ୍ଠ କରିଛି। ପେଟ୍ରୋଲ ଦର ଗତ କିଛିଦିନ ଧରି ବୃଦ୍ଧି ହୋଇ ନ ଥିବା ବେଳେ ଡିଜେଲ ଦରରେ ବିରତି ଲାଗୁ ନାହିଁ। ସୋମବାର ଭୁବନେଶ୍ୱରରେ ଡିଜେଲ ଦର ୧୨ ପଇସା ବଢ଼ି ୭୯.୭୩ ଟଙ୍କା ଛୁଇଁଛି। ଏଠାରେ ପେଟ୍ରୋଲ ଲିଟର ଅପରିବର୍ତ୍ତିତ ୮୧.୦୧ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ ସଂସ୍ଥା ଇଣ୍ଡିଆନ ଅଏଲ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ସୋମବାର ନୂଆଦିଲ୍ଲୀରେ ଡିଜେଲ ଦର ୧୨ ପଇସା ବଢ଼ି ୮୧.୬୪ ଟଙ୍କା ହୋଇଛି। ମୁମ୍ବାଇରେ ଲୋକମାନେ ୧ ଲିଟର ପେଟ୍ରୋଲ ପାଇଁ ୭୯.୮୩ ଟଙ୍କା ଦେଉଛନ୍ତି। ଏହାବାଦ ଚେନ୍ନାଇରେ ଡିଜେଲ ୧୦ ପଇସା ବଢ଼ି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କେରଳ ସୁନା**

**ଆଜିର ମନ୍ତବ୍ୟ**

"ଏନ୍‌ସିପି ଅଧକ୍ଷ ଶରଦ ପାୱାର ମୋଦିଙ୍କୁ ସମାଲୋଚନା କରିନାହାନ୍ତି ବରଂ ରାମଦ୍ରୋହୀ ମନ୍ତବ୍ୟ ଦେଇଛନ୍ତି।

– ଉମା ଭାରତୀ, ଭାଜପା ଉପାଧକ୍ଷ

# କୋଭାକ୍ସିନର ମାନବ ପରୀକ୍ଷଣ ଆରମ୍ଭ

ନୂଆଦିଲ୍ଲୀ, ୨୦।୭

**୧୮୦୦** ସ୍ୱେଚ୍ଛାସେବୀ ପରୀକ୍ଷଣ ପାଇଁ ପଞ୍ଜୀକୃତ

**୧୨** ହସ୍ପିଟାଲରେ ହେବ ପରୀକ୍ଷଣ

**୩** ମାସରେ ମିଳିବ ଫଳାଫଳ




- ତାଲିକାରେ ରହିଛି ଦିଲ୍ଲୀର ଏମ୍‌ସ, ଭୁବନେଶ୍ୱରର ସମ୍ ହସ୍ପିଟାଲ

ହାଇଦ୍ରାବାଦ୍‌ସ୍ଥିତ ଭାରତ ବାୟୋଟେକ୍, ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର) ଏବଂ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି (ଏନ୍‌ଆଇଭି) ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ କୋଭିଡ୍-୧୯ ପାଇଁ ପ୍ରସ୍ତୁତ କୋଭାକ୍ସିନ୍ ଟିକାର ସୋମବାର ମାନବ ପରୀକ୍ଷଣ(ହ୍ୟୁମାନ ଟ୍ରାଏଲ୍) ଆରମ୍ଭ ହୋଇଛି। ଏହାର ପ୍ରଥମ ପର୍ଯ୍ୟାୟ ଫଳାଫଳ ମିଳିବାକୁ ଗବେଷକଙ୍କୁ ଅନ୍ୟୂନ ୩ ମାସ ଲାଗିଯିବ ବୋଲି ଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡ. ରଣଦୀପ୍ ଗୁଲେରିଆ କହିଛନ୍ତି। କୋଭିଡ୍-୧୯ ପାଇଁ ସଞ୍ଜିବନୀ କୁହାଯାଉଥିବା କୋଭାକ୍ସିନ ଟିକାର ପ୍ରଥମ ପର୍ଯ୍ୟାୟ ମାନବ ପରୀକ୍ଷଣ ଦିଲ୍ଲୀସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ(ଏମ୍ସ)ରେ ଆରମ୍ଭ ହୋଇଛି। ଭୁବନେଶ୍ୱର ସମ୍ ହସ୍ପିଟାଲ ସମେତ ଦେଶର ୧୨ଟି ହସ୍ପିଟାଲରେ ଏହି ପର୍ଯ୍ୟାୟ ପରୀକ୍ଷଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

କୋଭାକ୍ସିନ୍ ଟିକାର ମାନବ ପରୀକ୍ଷଣ ନିମନ୍ତେ ଗତ ୧୮ତାରିଖରେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ସବୁଜ ସଙ୍କେତ ଦେଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏହି ପରୀକ୍ଷଣ ୧୨ଟି ମେଡିକାଲ୍‌ରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରାୟ ୧୮୦୦ ସେଚ୍ଛାସେବୀ ପର୍ଯ୍ୟାୟ-୧ ଏବଂ ୨ ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଏହି ପରୀକ୍ଷଣ ୧୮ ରୁ ୫୫ବର୍ଷୀୟ ଲୋକଙ୍କଠାରେ କରାଯିବ। ପ୍ରଥମ ପର୍ଯ୍ୟାୟରେ ୩୭୫ ସ୍ୱେଚ୍ଛାସେବୀଙ୍କଠାରେ କୋଭାକ୍ସିନ ପରୀକ୍ଷଣ ହେବ। ସେଥିମଧ୍ୟରୁ ୧୦୦ପରୀକ୍ଷଣ ଦିଲ୍ଲୀସ୍ଥିତ ଏମ୍‌ସରେ କରାଯିବ ବୋଲି ଜଣାପଡ଼ିଛି। ସେହିପରି ଦ୍ୱିତୀୟ ☞ପୃଷ୍ଠା-୪

## ସମ୍‌ରେ କ୍ଲିନିକାଲ୍ ଟ୍ରାଏଲ୍ ୟୁନିଟ୍ ଶୁଭାରମ୍ଭ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

- ପ୍ରଥମ ଦିନରେ ହେଲା ସ୍କ୍ରିନିଂ
- ଖୁବ୍‌ଶୀଘ୍ର ପରୀକ୍ଷଣ
- ୱେବ୍‌ସାଇଟ୍, ହ୍ୱାଟ୍ସଆପ୍ ନମ୍ବର ଜାରି

ରାଜ୍ୟରେ କୋଭିଡ-୧୯ ପାଇଁ ସଞ୍ଜିବନୀ କୁହାଯାଉଥିବା କୋଭାକ୍ସିନ ଟିକାର ମାନବିକ ପରୀକ୍ଷଣ ପ୍ରକ୍ରିୟା ବିଧିବଦ୍ଧଭାବେ ଭୁବନେଶ୍ୱରସ୍ଥିତ ସମ୍ କୋଭିଡ୍ ହସ୍ପିଟାଲରେ ସୋମବାର ଆରମ୍ଭ ହୋଇଛି। ମଣିଷ ଶରୀରରେ ଏହି ଟିକାର ପରୀକ୍ଷାମୂଳକ ପ୍ରୟୋଗ ନିମନ୍ତେ ଓଡ଼ିଶାର ଏକମାତ୍ର ପରୀକ୍ଷଣ କେନ୍ଦ୍ର ଭାବେ ଇଣ୍ଡିଆନ୍ କାଉନ୍‌ସିଲ ଫର୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ଦ୍ୱାରା ସମ୍ ହସ୍ପିଟାଲ ମନୋନୀତ ହୋଇଛି। ଏଥିପାଇଁ ସୋମବାର ସମ୍ ହସ୍ପିଟାଲରେ ପ୍ରିଭେଣ୍ଟିଭ୍ ଆଣ୍ଡ ଥେରାପିଉଟିକ୍ କ୍ଲିନିକାଲ୍ ଟ୍ରାଏଲ୍ ୟୁନିଟ୍‌ର ଶୁଭାରମ୍ଭ କରାଯାଇଛି। ରିଜିଓନାଲ୍ ମେଡିକାଲ ରିସର୍ଚ୍ଚ ☞ପୃଷ୍ଠା-୪

# ଘରୋଇକରଣ ହେବ ଅଧିକାଂଶ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

ନୂଆଦିଲ୍ଲୀ,୨୦।୭

**୪ରୁ ୫ ସରକାରୀ ବ୍ୟାଙ୍କ ରହିପାରେ**




ବର୍ତ୍ତମାନ ଦେଶରେ କାର୍ଯ୍ୟ କରୁଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ଅର୍ଦ୍ଧାଧିକ ବ୍ୟାଙ୍କ ଘରୋଇକରଣ ହୋଇପାରେ। ସରକାର ବର୍ତ୍ତମାନ ବ୍ୟାଙ୍କିଙ୍ଗ୍ ଶିଳ୍ପରେ ବଡ଼ ପରିବର୍ତ୍ତନ କରୁଛନ୍ତି। ଏଭଳି କାର୍ଯ୍ୟକ୍ରମ ଅନ୍ତର୍ଗତ ଦେଶରେ ମାତ୍ର ୪ରୁ ୫ଟି ସରକାରୀ ବ୍ୟାଙ୍କ ରହିବ ବୋଲି ପ୍ରକ୍ରିୟା ସହ ଜଡ଼ିତ ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ଏବଂ ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି ଏହା କହିଛନ୍ତି।

ଯୋଜନାର ପ୍ରଥମ ପର୍ଯ୍ୟାୟରେ ସରକାର ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ସମେତ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କର ଅଧିକାଂଶ ଅଂଶଧନ ବିକ୍ରି କରିବାକୁ ଯୋଜନା ରଖିଥିବା କୁହାଯାଉଛି। ଘରୋଇକରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି କାର୍ଯ୍ୟପନ୍ଥା ସରକାର ହାତକୁ ନେବେ ବୋଲି ଜଣେ ବରିଷ୍ଠ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ଦେଶ ମଧ୍ୟରେ ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କାର୍ଯ୍ୟ କରୁଛି। ନୂଆ ଯୋଜନା ଦ୍ୱାରା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ୪ରୁ ୫କୁ ଖସାଯିବ। ଘରୋଇକରଣ ନେଇ ନୂଆ ପ୍ରସ୍ତାବ ଉପରେ ସରକାର ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି। ଏହି ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ଲାଗି ପ୍ରଦାନ କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି।

ପ୍ରସ୍ତାବ ଉପରେ ଅର୍ଥ ମନ୍ତ୍ରଣାଳୟ ଉତ୍ତର ଲୋଡ଼ାଯାଇଥିଲେ ମଧ କୌଣସି ସୂଚନା ମିଳିପାରିନାହିଁ। କରୋନା ଭାଇରସ୍ ସମେତ ଦେଶର ଆର୍ଥିକ ଅଭିବୃଦ୍ଧି ବାଧାପ୍ରାପ୍ତ ☞ପୃଷ୍ଠା-୪

# ମାନ୍ୟତା ମିଳିଲେ ଗୁରୁତ୍ୱ ବଢ଼ିବ

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୨୦।୭



ତାଳପଦାସ୍ଥିତ ବଙ୍ଗୋପସାଗରର ପ୍ରାକୃତିକ ହେନ୍ତାଳବଣ।

- ହେନ୍ତାଳବଣକୁ ପୁନରୁଦ୍ଧାର କରି ବନୀ ଜଙ୍ଗଲ କରାଯାଉ
- ସମୁଦ୍ର-ନଦୀ ମିଳନସ୍ଥଳ ପ୍ରତି ଆକୃଷ୍ଟ ହେବେ ପର୍ଯ୍ୟଟକ
- ପ୍ରାକୃତିକ ବିପର୍ଯ୍ୟୟରୁ ମିଳିବ ସୁରକ୍ଷା

ପରିବେଶ ସନ୍ତୁଳନ ରକ୍ଷା ସହ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ସରକାର ସମୁଦ୍ର ଉପକୂଳରେ ଜଙ୍ଗଲ ସୃଷ୍ଟି କରିବାକୁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବିଶେଷ କରି ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ (ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ ଜୋନ୍ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ) ଜରିଆରେ ବନୀ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରକୃତିର ବରଦାନ ଭାବେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ତାଳପଦା ପଞ୍ଚାୟତକୁ ଲାଗିଥିବା ବଙ୍ଗୋପସାଗର ଅଞ୍ଚଳରେ ପ୍ରାୟ ୧୫୦ ଏକର ଜମିରେ ୮ରୁ ୧୦ବର୍ଷ ପୂର୍ବରୁ ଏକ ବିରାଟ ହେନ୍ତାଳ ବଣ ସୃଷ୍ଟି ହୋଇଛି। ସେଠାରେ କୁମ୍ଭୀରମାନଙ୍କର ଅଭୟାରଣ୍ୟ ପାଲଟିଗଲାଣି। ହେନ୍ତାଳ ବଣକୁ ଲାଗିଥିବା କଣ୍ଟିଆଚରା ନଦୀ ମୁହାଣରେ ମାଛ ଧରୁଥିବା ୪ଶହରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ସେଠାରେ ବହୁ କୁମ୍ଭୀର, ବଡ଼ ବଡ଼ ସାପ, ସାମୁଦ୍ରିକ ଜନ୍ତୁ ଦେଖିଥିବା କୁହନ୍ତି। ଏହାର ପୁନରୁଦ୍ଧାର କରାଯାଇପାରିଲେ ଏକ ପ୍ରାକୃତିକ ମନୋହର ପର୍ଯ୍ୟଟନସ୍ଥଳୀ ହୋଇପାରିବ। ପିକନିକ୍ ଋତୁ ଆସିଲେ ଶତାଧିକ ପର୍ଯ୍ୟଟକ ଏଠାକୁ ଆସି ନଦୀ ଓ ସମୁଦ୍ରର ମିଳନସ୍ଥଳକୁ ଉପଭୋଗ କରିଥାନ୍ତି। ବାଲେଶ୍ୱର ☞ପୃଷ୍ଠା-୪

ସୁରଟ ଫେରିଲେ ଶ୍ରମିକ




©Dharitri

# ‘ନାଗଫାଶ’ରୁ ‘ଅଜାତି’ ଯାଏ ଅପରାଜେୟ ବିଜୟ



ବିଜୟ ମହାନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ସର୍ବଜ୍ଞାତ ଉଚ୍ଚାରଣ। ପିଲାଠୁ ବୟସ୍କଙ୍କ ଯାଏ ତାଙ୍କୁ ଟେଲିଭିଜନ୍‌ରୁ ବଡ଼ ପରଦା ଯେଉଁଥିରେ ଦେଖିଲେ ଚିହ୍ନିକି ଉଠିଥାଆନ୍ତି ଓ କହିଥାଆନ୍ତି ବିଜୟ ମହାନ୍ତି ଆସିଗଲେ। ଓଡ଼ିଆ ସିନେମାର ଅସ୍ମିତା କଥା ଯେତେବେଳେ ଯାଏ ଉଠୁଥିବ, ବିଜୟଙ୍କ ଅଭିନୟ ସ୍ମରଣୀୟ ରହିଥିବ। ଅଭିନେତା ହେବା ପାଇଁ ପିଲାଟି ଦିନୁ ଆଗ୍ରହ ତାଙ୍କୁ ନାୟକ, ଖଳନାୟକ ଓ ଚରିତ୍ର ପ୍ରତିଟି ପ୍ରଦର୍ଶନରେ ଶିଖରକୁ ଛୁଆଇଁ ଦେଇଛି। ଚରିତ୍ର ଛୋଟ କି ବଡ଼ କ’ଣ ମିଳିଛି ତାହା ତାଙ୍କ ପାଇଁ କିଛି ମାନେ ରଖେ ନାହିଁ। ସେଥିପାଇଁ ସେ ସବୁ ଚରିତ୍ରକୁ ପ୍ରସ୍ଫୁଟିତ କରିବା ପାଇଁ ସର୍ବଦା ପରୀକ୍ଷାନିରୀକ୍ଷା କରିଥାଆନ୍ତି। ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରୁ ଅଭିନୟରେ ପ୍ରଶିକ୍ଷିତ ବିଜୟ ଓଡ଼ିଶାର ସଙ୍ଗୀତ ମହାବିଦ୍ୟାଳୟରେ ଅଧାପନା କରୁଥିବା ବେଳେ ଛାତ୍ରଙ୍କୁ କଳାର ପୂଜାରୀ ହେବାକୁ ଶିକ୍ଷା ଦେଉଥିଲେ। ତାଙ୍କଠାରୁ ଅଭିନୟ କୌଶଳ ଆହରଣ କରିଥିବା ପ୍ରତିଟି ଛାତ୍ର ତାଙ୍କ ଅବର୍ତ୍ତମାନରେ ଶ୍ରଦ୍ଧାଞ୍ଜଳି ଦେବା ବେଳେ ଏତକ ମନ ପକାଉଥିବେ। ମଞ୍ଚ, ଟେଲିଭିଜନ, ବଡ଼ ପର୍ଦ୍ଦାରେ ଅଭିନୟ ଯୋଗୁ ପାଇଥିବା ଚଳଚ୍ଚିତ୍ର ସମ୍ମାନରେ ତାଙ୍କ ଯାତ୍ରା ସୀମିତ ରହି ନାହିଁ, ସାହିତ୍ୟ ରଚନାରେ ସୃଜନାତ୍ମକତା ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ମଧ ଭୂଷିତ କରିଛି। ପୁସ୍ତକ ‘ଅଜାତି’ ପାଇଁ ବିଜୟଙ୍କୁ ଏହି ସମ୍ମାନ ମିଳିଛି। ଦର୍ଶକଙ୍କ କରତାଳି ତାଙ୍କୁ ଦେଇଛି ଅଜସ୍ର ଖ୍ୟାତି। ତାଙ୍କ ଜୀବନର ପ୍ରତିଟି ଅବଦାନକୁ ଓଡ଼ିଆ ଜାତି ଯୁଗଯୁଗ ପାଇଁ ଝୁରୁଥିବ...

## ଅଭିନୟ ନିଶାକୁ ପେସା କରିଥିଲେ

ବିଜୟଙ୍କ ପିତା ବାରିପଦାରେ ଚାକିରି କରୁଥିବାରୁ ସେଠାରେ ତାଙ୍କର ଶିକ୍ଷାରମ୍ଭ ହୋଇଥିଲା। ମହାରାଜା କୃଷ୍ଣଚନ୍ଦ୍ର ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢିବା ସମୟରେ ସ୍କୁଲ ବାର୍ଷିକ ଉତ୍ସବରେ ସେ ପ୍ରଥମଥର ପାଇଁ ଅଭିନୟ କରିଥିଲେ। ସେବେଠାରୁ ସେ ଅଭିନୟ ନିଶାରେ ପଡିଯାଇଥିଲେ। ମାଟ୍ରିକ ପାସ ପରେ ସେ ରାଜ୍ୟ ପରିବହନ ବିଭାଗରେ ଚାକିରି କରିଥିଲେ। ଚାକିରି ସହିତ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ପାଠ ମଧ ପଢୁଥିଲେ। ପ୍ରଥମ ବର୍ଷରେ କଲେଜ ନାଟକରେ ଅଭିନୟ କରି ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇଥିଲେ। ଏହାପରଠାରୁ କ୍ରମାଗତ ଭାବେ ବିଭିନ୍ନ ନାଟକରେ ଅଭିନୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସାଙ୍ଗମାନଙ୍କୁ ନେଇ ‘ଯୁଗେଚ୍ଛା ନାଟ୍ୟ ସଂସ୍ଥା’ ନାମକ ଅନୁଷ୍ଠାନ ଗଢି ଅଧିକ ନାଟକ ମଞ୍ଚସ୍ଥ କରିଥିଲେ। ଅଭିନୟ ନିଶାକୁ ପେସାରେ ପରିଣତ କରିବାକୁ ସେ ଓଡ଼ିଶା ଓ ଚାକିରି ଛାଡ଼ି ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା(ଏନ୍ଏସ୍‌ଡି)ରେ ଯୋଗଦେଇଥିଲେ। ସେଠାରେ ସେ ଜାତୀୟ ମେଧା ବୃତ୍ତି ମଧ ଲାଭ କରିଥିଲେ। ଏନ୍ଏସ୍‌ଡିରେ ପଢିବାବେଳେ ବଲିଉଡ୍‌ର ବିଶିଷ୍ଟ ଅଭିନେତା ନାସିରୁଦ୍ଦିନ ଶାହା, ରାଜ୍ ବବ୍ବର, ଓମ୍‌ପୁରୀ ତାଙ୍କ ସହପାଠୀ ଥିଲେ।

## ‘ନାଗଫାଶ’ର ଖଳନାୟକ

ଏନ୍ଏସ୍‌ଡିରେ ପଢୁଥିବା ସମୟରେ କାହାଣୀକାର ବସନ୍ତ ମହାପାତ୍ରଙ୍କ ଡାକରାରେ ‘ସଂକଳ୍ପ’ ଚଳଚ୍ଚିତ୍ରରେ ଅଭିନୟ କରିବା ଲାଗି କଟକ ଚାଲିଆସିଥିଲେ। ମାତ୍ର ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଏହାପରେ ୧୯୭୭ ଜାନୁୟାରୀ ୧୪ରେ ସେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ବିଭାଗର ଅଧାପକ ଭାବେ ଯୋଗ ଦେଇଥିଲେ। ସେହିବର୍ଷ ବିପ୍ଳବ ରାୟଚୌଧୁରୀଙ୍କ ନିର୍ଦ୍ଦେଶନାରେ ‘ଚିଲିକା ତୀରେ’ରେ ସେ ଅଭିନୟ କରିଥିଲେ। ‘ଚିଲିକା ତୀରେ’ ପ୍ରଥମ ଚଳଚ୍ଚିତ୍ର ହୋଇଥିଲେ ମଧ ତାଙ୍କ ଅଭିନୀତ ‘ନାଗଫାଶ’ ପ୍ରଥମେ ମୁକ୍ତିଲାଭ କରିଥିଲା। ପରବର୍ତ୍ତୀ ସମୟରେ ତାଙ୍କ ଅଭିନୀତ ପ୍ରଥମ ଚଳଚ୍ଚିତ୍ର ‘ଚିଲିକା ତୀରେ’ ଜାତୀୟ ପୁରସ୍କାର ପାଇଥିଲା। ତେବେ ‘ନାଗଫାଶ’ର ଖଳନାୟକ ଚରିତ୍ର ତାଙ୍କୁ ଅଧିକ ଲୋକପ୍ରିୟ କରାଇଥିଲା ଓ ଏହାପରେ ତାଙ୍କୁ ଅଧିକ ଫିଲ୍ମ ମିଳିଥିଲା।

## ବହୁମୁଖୀ ପ୍ରତିଭାଧାରୀ

ପ୍ରଥମେ ଖଳନାୟକ ଓ ତା’ପରେ ନାୟକ। ହାସ୍ୟ ଅଭିନେତା ଭାବେ ମଧ ବିଜୟ ମହାନ୍ତି ବେଶ୍ ଲୋକପ୍ରିୟ ହୋଇଥିଲେ। ୧୯୮୩ର କାବେରୀ ଚଳଚ୍ଚିତ୍ରରେ ବିଜୟଙ୍କୁ ସକାରାତ୍ମକ ଭୂମିକାରେ ଦେଖିବାକୁ ମିଳିଥିଲା। ଏହାପରେ ବହୁ ଚଳଚ୍ଚିତ୍ରରେ ସେ ମୁଖ୍ୟ ଭୂମିକାରେ ଆସି ବହୁମୁଖୀ ଅଭିନୟ ଦକ୍ଷତାର ପରିଚୟ ଦେଇଥିଲେ। ଫିଲ୍ମକୁ ଆସିବାପରେ ମଞ୍ଚକୁ କିନ୍ତୁ ସେ ଭୁଲି ନ ଥିଲେ। ସମାନ୍ତରାଳଭାବେ ନାଟ୍ୟ ଜଗତରେ ନିଜ ଉପସ୍ଥିତି ଜାହିର କରିଥିଲେ। ବହୁ ନାଟକରେ ଅଭିନୟ କରିବାସହ ନିର୍ଦ୍ଦେଶନା ଦେଇଥିଲେ। ଦୂରଦର୍ଶନରେ ଅନେକ ନାଟକ ଓ ଧାରାବାହିକରେ ମଧ ସେ ଅଭିନୟ କରିଥିଲେ। ତେବେ ୧୯୮୭ରେ ‘ଭୁଲି ହୁଏନା’ ଚଳଚ୍ଚିତ୍ର ମାଧ୍ୟମରେ ସେ ନିର୍ଦ୍ଦେଶନାକୁ ଓହ୍ଲାଇଥିଲେ। ଏହା ସେତେଟା ସଫଳ ନ ହେବାରୁ ଗୋଟିଏ ଫିଲ୍ମ ପରେ ସେ ଆଉ ନିର୍ଦ୍ଦେଶନା ଦେଇ ନ ଥିଲେ। କେବଳ ସେତିକି ନୁହେଁ, ଏହାସହ ସେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ ପ୍ରତିଷ୍ଠା ଅର୍ଜନ କରିଥିଲେ। ୨୦୦୯ରେ ‘ଅଜାତି’ ପୁସ୍ତକ ପାଇଁ ବିଜୟ ମହାନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ହାସଲ କରିଥିଲେ।

## ଶେଷ ଫିଲ୍ମ ଥିଲା ‘ଫ୍ରମ୍ ମି ଟୁ ୟୁ’

‘ଚିଲିକା ତୀରେ’ରୁ ଆରମ୍ଭ ହୋଇଥିବା ବିଜୟଙ୍କ ଚଳଚ୍ଚିତ୍ର ଅଭିନୟ ଯାତ୍ରା ‘ଫ୍ରମ୍ ମି ଟୁ ୟୁ’ରେ ଶେଷ ହୋଇଥିଲା। ହେମନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସେ ଏକ ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ। ଏହାପୂର୍ବରୁ ୨୦୧୯ରେ ତାଙ୍କ ଅଭିନୀତ ‘ସେଲ୍‌ଫିସ୍ ଦିଲ୍’ ଓ ‘ଗୋଲ୍ ମାଲ୍ ଲଭ୍’ ପରଦାକୁ ଆସିଥିଲା। ଜୀବନର ଶେଷ ଆଡ଼କୁ ସେ ରାଜନୀତିରେ ପାଦ ଦେଇଥିଲେ। ୨୦୧୪ରେ ସେ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ସେହିବର୍ଷ ଲୋକସଭା ନିର୍ବାଚନରେ ସେ ଭୁବନେଶ୍ୱରରୁ ଭାରତୀୟ ଜାତୀୟ କଂଗ୍ରେସ ଟିକେଟରେ ନିର୍ବାଚନ ଲଢି ପରାଜିତ ହୋଇଥିଲେ। ଏହାର କିଛିବର୍ଷ ପରେ ସେ କଂଗ୍ରେସରୁ ଇସ୍ତଫା ଦେଇ ସକ୍ରିୟ ରାଜନୀତିରୁ ଦୂରେଇ ଯାଇଥିଲେ।

### ପିଲାଦିନରୁ ତାଙ୍କ ସହ ବଢିଛି



ବିଜୟ ମହାନ୍ତିଙ୍କ ଦେହ ବହୁତ ଖରାପ ଥିବା ସନ୍ଧ୍ୟାରେ ଖବର ପାଇଲି। ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ବୋଲି ଭଗବାନଙ୍କୁ ପ୍ରାର୍ଥନା କରୁଥିଲି। ମାତ୍ର ବିଧିର ବିଧାନ କିଛି ଅଲଗା ଥିଲା। ମୃତ୍ୟୁ ଖବର ପାଇ ମୁଁ ମର୍ମାହତ। ପିଲା ଦିନରୁ ତାଙ୍କ ସହିତ ବଢିଛି। ସେ କେବଳ ଜଣେ କଳାକାର ନ ଥିଲେ, ନିର୍ଦ୍ଦେଶକ ଓ ନାଟ୍ୟକାର ବି ଥିଲେ। ଓଡ଼ିଶାରେ ଆଉ ତାଙ୍କ ଭଳି ଜଣେ କଳାକାର ଜନ୍ମ ହେବା କଷ୍ଟକର। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

- ଉତ୍ତମ ମହାନ୍ତି, ଅଭିନେତା

### ନୂଆ ପିଢ଼ି କଳାକାର ତାଙ୍କଠୁ ଅନେକ ଶିଖିଛି



ବିଜୟ ମହାନ୍ତିଙ୍କ ବଳିଷ୍ଠ ଅଭିନୟ ଆଗରେ ବୟସ ମଧ ହାର ମାନିଥିଲା। ସେ ଜଣେ ଅଭିନେତା ନ ଥିଲେ, ଏକ ଅନୁଷ୍ଠାନ ଥିଲେ। ତାଙ୍କ ଦ୍ୱାରା ଅନେକ କଳାକାର ସୃଷ୍ଟି ହୋଇଛନ୍ତି। ଚଳଚ୍ଚିତ୍ର ଜଗତକୁ ଆସିବା ଦିନଠାରୁ ତାଙ୍କୁ ଗୁରୁଭାବେ ଗ୍ରହଣ କରିଥିଲି। ଆଜି ଓଡ଼ିଶା ଜଣେ କଳାକାରଙ୍କୁ ହରାଇନି, ଜଣେ ଭଲ ମଣିଷଙ୍କୁ ହରାଇଛି। ଶୁଟିଂ ସେଟ୍‌ରେ ସେ ସମସ୍ତଙ୍କୁ ସହଯୋଗ କରୁଥିଲେ। ନୂଆପିଢ଼ିର କଳାକାରଙ୍କୁ ସେ ଅନେକ କିଛି ଶିଖାଉଥିଲେ। ତାଙ୍କର ଦେହାନ୍ତ ଖବରକୁ ମୁଁ ଏବେ ବି ବିଶ୍ୱାସ କରିପାରୁନି।

- ସିଦ୍ଧାନ୍ତ ମହାପାତ୍ର, ଅଭିନେତା

### ଗର୍ବ, ଅହଙ୍କାରଠୁ ଥିଲେ ବହୁ ଦୂରରେ



ବିଜୟ ମହାନ୍ତିଙ୍କ ଭଳି ଜଣେ ଦକ୍ଷ ଅଭିନେତାଙ୍କ ଦେହାନ୍ତ ପରେ ଏକ ଯୁଗର ଅବସାନ ଘଟିଛି। ଜଣେ ବଳିଷ୍ଠ ଅଭିନେତା ଏତେଶୀଘ୍ର ସମସ୍ତଙ୍କୁ ଛାଡ଼ି ଚାଲିଯିବେ ବୋଲି କେହି ଭାବି ନ ଥିଲେ। ୪ ଦିନ ତଳେ ତାଙ୍କୁ ଜ୍ୱର ହେବାରୁ ମୁଁ ତାଙ୍କ ଘରକୁ ଯାଇଥିଲି। ଶୀଘ୍ର ଭଲ ହୋଇ ପୁଣି ଥରେ ଅଭିନୟ ଦୁନିଆକୁ ଫେରିବେ ବୋଲି ଆଶା ଥିଲା। ହେଲେ ସେ ଆଶା ଆଜି ଅଧାରେ ରହିଯାଇଛି। ଏତେବଡ଼ କଳାକାର ହୋଇ ମଧ ଗର୍ବ, ଅହଂକାରଠାରୁ ସେ ବହୁ ଦୂରରେ ଥିଲେ। ତାଙ୍କ ଭଳି ଅଭିନେତା ଓଡ଼ିଶା ଚଳଚ୍ଚିତ୍ର ଜଗତରେ ନାହାନ୍ତି।

- ଶ୍ରୀତମ୍ ଦାସ, ସଭାପତି, ଓଡ଼ିଆ ସିନେ ଆର୍ଟିଷ୍ଟ ଆସୋସିଏଶନ୍

### ତାଙ୍କ ସ୍ଥାନ କେହି ନେଇପାରିବେ ନାହିଁ



ବିଜୟ ମହାନ୍ତିଙ୍କ ଭଳି ଅଭିନେତାଙ୍କ ଅକାଳ ବିୟୋଗ କେବଳ ଫିଲ୍ମ ଇଣ୍ଡଷ୍ଟ୍ରି ନୁହେଁ, ସାରା ଓଡ଼ିଶାବାସୀଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ସେ ମୋତେ ନିଜ ପୁଅ ଭଳି ଭଲପାଆନ୍ତି। ଆଜି ତାଙ୍କ ବିୟୋଗକୁ ଗ୍ରହଣ କରିପାରୁନି। ତାଙ୍କ ସ୍ଥାନ କେହି ବି ନେଇପାରିବେ ନାହିଁ। ସେ ପ୍ରତି କଳାକାରଙ୍କ ହୃଦୟରେ ସର୍ବଦା ରହିଥିବେ ଓ ଗଢିଯାଇଥିବା ଛାତ୍ରୀଛାତ୍ର ସର୍ବଦା ତାଙ୍କୁ ଗୁରୁ କରି ରଖିବେ। ଓଡ଼ିଶା ମାଟି ତାଙ୍କୁ ସବୁବେଳେ ଝୁରିବ।

- ଆକାଶ ଦାସ ନାୟକ, ଅଭିନେତା

### ସେ ଥିଲେ ଏକ ବ୍ରାଣ୍ଡ୍



ବିଜୟ ମହାନ୍ତି ଆଉ ନାହାନ୍ତି ସତ, ହେଲେ ତାଙ୍କ ବଳିଷ୍ଠ ଅଭିନୟର ଛାପ ସେ ଛାଡ଼ିଯାଇଛନ୍ତି। ପ୍ରତ୍ୟେକ ଚରିତ୍ରରେ ସେ ନିଖୁଣ ଅଭିନୟ କରି ଦର୍ଶକଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିଲେ। ବିଜୟ ଭାଇଭାବେ ସେ ଇଣ୍ଡଷ୍ଟ୍ରିରେ ପରିଚିତ ଥିଲେ। ୩ ଦଶନ୍ଧି ଧରି ଓଡ଼ିଆ ଚଳଚ୍ଚିତ୍ର ଜଗତରେ ରାଜ୍ କରିଥିଲେ। କେବଳ ଜଣେ କଳାକାର ନୁହେଁ, ସେ ଏକ ବ୍ରାଣ୍ଡ୍ ଥିଲେ। ସବୁ ଚରିତ୍ରରେ ଅଭିନୟ ପାଇଁ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କର ସେ ପ୍ରଥମ ପସନ୍ଦ ଥିଲେ।

- ଦିଲ୍ଲୀପ ହାଲି, ସିନେ ସମୀକ୍ଷକ



ସହଧର୍ମିଣୀ ତନ୍ଦ୍ରା ରାୟଙ୍କ ସହ

## ବିଭିନ୍ନ ଭୂମିକାରେ









ଆକ୍ଟିଂ ସ୍କୁଲ ସହପାଠୀଙ୍କ ସହ



ଜୟଦେବ ପୁରସ୍କାର ଗ୍ରହଣ ସମୟରେ



(ବାମରୁ) ସ୍ୱରୂପ ନାୟକ, ମହମ୍ମଦ ମହସିନ୍, ରାଜେଶ ଖାନ୍ନା, ହର ପଟ୍ଟନାୟକ, ଉତ୍ତମ ମହାନ୍ତିଙ୍କ ସହ



ଅଭିନେତ୍ରୀମାନଙ୍କ ଗହଣରେ



କୁକୁର ସହ ଅବସର ସମୟରେ



ମୃତ୍ୟୁ ଖବର ଶୁଣିବା ପରେ ହସ୍ପିଟାଲ ବାହାରେ ପ୍ରଶଂସକଙ୍କ ଭିଡ଼

# ଜେଡ୍‌କଲ୍-ଏନ୍ଏଚ୍‌ପିସି ଏମ୍ଓୟୁ ସ୍ୱାକ୍ଷର

ଭୁବନେଶ୍ୱର,୨୦।୭(ବ୍ୟୁରୋ)

**ଦୁର୍ଗମ ଅଞ୍ଚଳ ପାଇଁ ବିଦ୍ୟୁତ୍**

- ୧୨ ଜଳ ଭଣ୍ଡାରରେ ନିର୍ମାଣ ହେବ ଭାସମାନ ସୌରଶକ୍ତି ପ୍ରକଳ୍ପ
- ଉତ୍ପାଦନ ହେବ ୫୦୦ ମେଗାୱାଟ୍, ଖର୍ଚ୍ଚ ହେବ ୨୫୦୦ କୋଟି
- ଦେଢ଼ବର୍ଷରେ ଶେଷହେବ ପ୍ରକଳ୍ପ
- ରାଜ୍ୟରେ ଏବେ ଉତ୍ପାଦନ ହେଉଛି ୩୬୨ ମେଗାୱାଟ ସୌରଶକ୍ତି
- ୨୦୨୨ ସୁଦ୍ଧା ୨୨୦୦ ମେଗାୱାଟ୍ ଲକ୍ଷ୍ୟ

ରାଜ୍ୟର ୧୨ ଜଳଭଣ୍ଡାରରେ ଭାସମାନ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରାଯିବ। ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏଥିରୁ ପ୍ରାୟ ୫୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ କରାଯାଇପାରିବ। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ୨୫୦୦ କୋଟି ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପ ପାଇଁ ପ୍ରାଥମିକ କାର୍ଯ୍ୟାଦେଶଠାରୁ କାର୍ଯ୍ୟ ଆରମ୍ଭ ପର୍ଯ୍ୟନ୍ତ ପ୍ରାୟ ୭ରୁ ୮ ମାସ ସମୟ ମଧ୍ୟରେ ଶେଷ ହେବ। ସୋମବାର ଓଏଚ୍‌ପିସି ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ଓଡ଼ିଶା ସବୁଜ ଶକ୍ତି ବିକାଶ ନିଗମ (ଜେଡ୍‌କଲ୍) ଏବଂ ଜାତୀୟ ଜଳ ବିଦ୍ୟୁତ୍ ନିଗମ (ଏନ୍ଏଚ୍‌ପିସି) ମଧ୍ୟରେ ଏ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦେଢ଼ ବର୍ଷ ମଧ୍ୟରେ ଶେଷ ହେବ ବୋଲି ଆକଳନ କରାଯାଇଛି। ଏହା ହେବ ଦେଶର ସର୍ବବୃହତ୍ ସୌର ପ୍ରକଳ୍ପ। ଏହା ବିଶେଷ ଭାବେ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ତଥା ଦୁର୍ଗମ ଅଞ୍ଚଳରେ ସ୍ଥାପିତ ହେବ। ଏହା କାର୍ଯ୍ୟକାରୀ ହେଲେ ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଜଳଭଣ୍ଡାର ଉପରେ ଏହାର ପ୍ୟାନେଲ୍ ସ୍ଥାପନ କରାଯିବା ଦୃଷ୍ଟିରୁ ଜମିର ବ୍ୟବହାର ବହୁମାତ୍ରାରେ ହ୍ରାସ ପାଇବ। ତା’ଛଡ଼ା ଜଳବାଷ୍ପୀକରଣକୁ ଏହା ରୋକିପାରିବ। ଏହି ପ୍ରକଳ୍ପକୁ ଓଡ଼ିଶା ଏବଂ ଭାରତ ସରକାରଙ୍କ ନୂତନ ଓ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ଅଲଟ୍ରା ମେଗା ଅକ୍ଷୟ ଶକ୍ତି ପାର୍କ ଅଧୀନରେ ମିଳିତ ଭାବେ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦେଶର ଖାଦ୍ୟ ଓ ଶକ୍ତି ନିରାପତ୍ତାକୁ ସୁଦୃଢ଼ କରିପାରିବ। ରାଜ୍ୟରେ ଅକ୍ଷୟ ଶକ୍ତିର ବିକାଶ ପାଇଁ ରାଜ୍ୟ ସରକାର ଅକ୍ଷୟ ଶକ୍ତି ନୀତି-୨୦୧୬ କାର୍ଯ୍ୟକାରୀ କରିଛନ୍ତି। ୨୦୨୨ ରାଜ୍ୟରେ ୨୨୦୦ ମେଗାୱାଟ୍ ସୌରଶକ୍ତି ଏବଂ ୫୫୦ ମେଗାୱାଟ୍‌ର ଅଣ ସୌର ଅକ୍ଷୟ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ ବର୍ତ୍ତମାନ ୩୬୨ ମେଗାୱାଟ୍ ସୌର ଶକ୍ତି ଓ ୭୭ ମେଗାୱାଟ୍‌ର ଅଣ ସୌରଶକ୍ତି ଉତ୍ପାଦନ ହେଉଛି। ଗ୍ରୀଡ୍‌କୋ ରାଜ୍ୟ ବାହାରୁ ୭୫ ମେଗାୱାଟ୍ ସୌର ଓ ୧୫୦ ମେଗାୱାଟ୍ ପବନ ଶକ୍ତି ଖରିଦ୍ କରୁଛି।

ଶକ୍ତିମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ରକୁ ଜେଡ୍‌କଲ୍ ତରଫରୁ ମୁଖ୍ୟ ନିର୍ବାହୀ ଅଧିକାରୀ ଜି.ଆର୍. ଦାଶ ଏବଂ ଏନ୍ଏଚ୍ ପିସି ତରଫରୁ ନିର୍ବାହୀ ନିର୍ଦ୍ଦେଶକ ଆର୍.କେ. ଜୟସ୍ୱାଲ୍ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଶକ୍ତିମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ତାପଜ ବିଦ୍ୟୁତ୍ ବଦଳରେ ଜଳ ବିଦ୍ୟୁତ ପ୍ରକଳ୍ପ ନିମନ୍ତେ ପରିବେଶ ମଞ୍ଜୁରୀ ପ୍ରାଧାନ୍ୟକୁ ଅଗ୍ରାଧିକାର ଦେବା ଉପରେ ଚିନ୍ତା କରିବା ଆବଶ୍ୟକ। କାରଣ ତାପଜ କେନ୍ଦ୍ରରୁ ଥରେ ଧୂଆଁ ବାୟୁମଣ୍ଡଳକୁ ନିର୍ଗତ ହେଲେ ତାକୁ ଫେରେଇ ଅଣାଯାଇ ପାରିବ ନାହିଁ। କିନ୍ତୁ ଜଳ ବିଦ୍ୟୁତ ଯୋଜନା ପାଇଁ କଟାଯାଇଥିବା ବୃକ୍ଷ ସ୍ଥାନରେ ନୂତନ ବୃକ୍ଷ ରୋପଣ କରାଯାଇ ପରିବେଶର ସନ୍ତୁଳନ ରକ୍ଷା କରାଯାଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଅକ୍ଷୟ ଶକ୍ତି ପ୍ରକଳ୍ପ ହୋଇଥିବା ହେତୁ ଏହା ରାଜ୍ୟର ଅକ୍ଷୟ ଶକ୍ତି ଉତ୍ପାଦନ ଆବଶ୍ୟକତାକୁ ପୂରଣ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏ ଦିଗରେ ସର୍ବଦା ସମ୍ମତି ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ଏ ନେଇ କ୍ୟାପ୍ଟେନ୍ ମିଶ୍ର କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍.କେ. ସିଂହଙ୍କୁ ଫୋନ ଯୋଗେ କୃତଜ୍ଞତା ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଶକ୍ତି ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ, ଜେଡ୍‌କଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀ,ଏନ୍ଏଚ୍‌ପିସିର ସ୍ୱାଧୀନ ନିର୍ଦ୍ଦେଶକ ଯୁଗଳ କିଶୋର ମହାପାତ୍ର, ପୂର୍ବତନ ପ୍ରଶାସକ ବିବେକ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ଆଜିଠୁ ଗଞ୍ଜାମରେ ପ୍ଲାଜ୍‌ମା ଥେରାପି

ଭୁବନେଶ୍ୱର,୨୦।୭(ବ୍ୟୁରୋ)

- ବ୍ରହ୍ମପୁର ଅମିତ୍ ହସ୍ପିଟାଲରେ ୧୬ ଆଇସିୟୁ, ୧୦୦ ବେଡ୍ କୋଭିଡ୍ ହସ୍ପିଟାଲ ହେବ
- ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୫ କୋଟି ମଞ୍ଜୁର
- ଅଙ୍ଗନୱାଡି କର୍ମୀଙ୍କ ପାଇଁ ମାସିକ ୧ ହଜାର ପ୍ରୋତ୍ସାହନ

ମଙ୍ଗଳବାରଠାରୁ ଗଞ୍ଜାମ ଜିଲାର ଶିତଳାପଲ୍ଲୀସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ପ୍ଲାଜମା ଥେରାପି ଆରମ୍ଭ ହେବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଏହାଦ୍ୱାରା ଗଞ୍ଜାମ ଓ ଆଖପାଖ ଜିଲାର ଗୁରୁତର ରୋଗୀଙ୍କୁ ପ୍ଲାଜମା ଥେରାପି ଯୋଗାଇ ଦିଆଯିବ। ଏହାଦ୍ୱାରା କୋଭିଡ ମୃତ୍ୟୁ ସଂଖ୍ୟା ହ୍ରାସପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାପୂର୍ବରୁ ଅର୍ଥାତ୍ ଜୁଲାଇ ୧୮ରୁ ଭୁବନେଶ୍ୱର ସମ୍ ହସ୍ପିଟାଲ ଏବଂ କଟକର ଅଶ୍ୱିନୀ ହସ୍ପିଟାଲରେ ପ୍ଲାଜମା ଥେରାପି ଆରମ୍ଭ ହୋଇଛି। ଏହା ଫଳପ୍ରଦ ହୋଇଛି। ସମୁଦାୟ ୬ ଜଣ ରୋଗୀଙ୍କ ମଧ୍ୟରୁ ୪ ଜଣ ସୁସ୍ଥ ହୋଇଥିବା ବେଳେ ୨ ଜଣଙ୍କ ଅବସ୍ଥା ସ୍ଥିର ରହିଛି।

ବ୍ରହ୍ମପୁର ଅମିତ୍ ହସ୍ପିଟାଲରେ ୧୬ ଆଇସିୟୁ ବେଡ୍ ସହିତ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ ପ୍ରତିଷ୍ଠା ହେବ। ଏହାକୁ କଟକର ଅଶ୍ୱିନୀ ହସ୍ପିଟାଲ ପରିଚାଳନା କରିବ। ଏଥିପାଇଁ ସୋମବାର ଗଞ୍ଜାମ ଜିଲା ପ୍ରଶାସନ ଓ ଅଶ୍ୱିନୀ ହସ୍ପିଟାଲ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଗଞ୍ଜାମ ଜିଲାରେ କୋଭିଡ୍ ମୁକାବିଲାକୁ ଆହୁରି ସୁଦୃଢ କରିବାକୁ ୨ ଜଣ ଆଇଏଏସ୍ ଅଫିସର, ୨୫ ଜଣ ଓଏଏସ୍ ଅଫିସର, ୧୦୫ ଜଣ ଓଆରଏସ୍ ଅଫିସର, ୩୦ଜଣ ଏମ୍‌ବିବିଏସ୍ ଡାକ୍ତର, ୧୦୦ ଜଣ ଆୟୁଷ ଡାକ୍ତର ଏବଂ ୨୭ ଜଣ ଲାବରେଟୋରି ଟେକ୍ନିସିଆନଙ୍କୁ ନିୟୋଜିତ କରାଯାଇଛି। ଏଥିସହିତ ୩ ଜଣ ଡିଏସ୍‌ପିଙ୍କ ସମେତ ବିଭିନ୍ନ କ୍ୟାଡର ଅଫିସର ଏବଂ ୧୦ ପ୍ଲାଟୁନ ଫୋର୍ସ ପଠାଇବାକୁ ନିଷ୍ପତ୍ତି ହୋଇଛି। ଏହି ଜିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଜିଲାରେ ଆମ୍ବୁଲାନ୍ସ ସେବାକୁ କିପରି ସୁଦୃଢ କରାଯିବ ତାହା ନିଶ୍ଚିତ କରାଯିବ। ଆବଶ୍ୟକତା ଅନୁଯାୟୀ ୧୦୦ ଆମ୍ବୁଲାନ୍ସ ନିୟୋଜିତ କରିବା ପାଇଁ ଜିଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଛି। କୋଭିଡ୍ ସମୟରେ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଫୋକସ କରାଯାଇ କାଉନ୍‌ସେଲିଂ ପାଇଁ ପ୍ରଫେଶନାଲମାନଙ୍କୁ ଦାୟିତ୍ୱ ଦିଆଯିବ। ଘରକୁ ଘର ବୁଲି ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ କରୁଥିବା ଅଙ୍ଗନୱାଡି କର୍ମୀମାନେ ଏହି ସର୍ଭେ ସମୟରେ ମାସକୁ ୧ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପାଇବେ। ଗଞ୍ଜାମରେ କୋଭିଡ୍ ନିୟନ୍ତ୍ରଣ ପାଇଁ ସମୟୋଚିତ ପଦକ୍ଷେପ ନିଆଯାଇଥିବାରୁ ଜିଲା ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି।

ସମୀକ୍ଷା ବୈଠକରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଭିଡିଓ କନ୍‌ଫରେନ୍ସିଂରେ ଯୋଗଦେଇଥିଲେ। ଗଞ୍ଜାମ ଜିଲାପାଳ କୋଭିଡ୍ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା, ପୋଲିସ ମହାନିର୍ଦ୍ଦେଶକ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ତଥା ରିଲିଫ କମିଶନର ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।






## କୋଭିଡ୍ ହସ୍ପିଟାଲ ଡାକ୍ତର, ନର୍ସଙ୍କୁ ପ୍ରୋତ୍ସାହନ ରାଶି

**ଭୁବନେଶ୍ୱର,(ବ୍ୟୁରୋ):** ରାଜ୍ୟ ସରକାର କୋଭିଡ୍ ହସ୍ପିଟାଲରେ କାର୍ଯ୍ୟ କରୁଥିବା ଡାକ୍ତର, ନର୍ସଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି। ଡାକ୍ତରଙ୍କୁ ଦୈନିକ ୧ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ଷ୍ଟାଫ ନର୍ସ, ଫାର୍ମାସିଷ୍ଟ, ରେଡିଓଗ୍ରାଫର, ଲାବରେଟୋରି ଟେକ୍ନିସିଆନଙ୍କୁ ଦୈନିକ ୫୦୦ ଏବଂ ଚତୁର୍ଥ ଶ୍ରେଣୀର କର୍ମଚାରୀଙ୍କୁ ୨୦୦ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ତେବେ ଯେଉଁଦିନ କରୋନା ପଜିଟିଭ୍ ରୋଗୀଙ୍କ ସହିତ ସକ୍ରିୟ କାର୍ଯ୍ୟ ତୁଲାଇବେ, ସେହିଦିନ ପାଇଁ ଏହି ପ୍ରୋତ୍ସାହନ ରାଶି ମିଳିବ ବୋଲି ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................



ରିକୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବୃଦ୍ଧ ଦମ୍ପତିଙ୍କୁ ଜିଅନ୍ତା ପୋଡ଼ି ହତ୍ୟା

**ଯାଜପୁର ଅଫିସ/କଳିଙ୍ଗନଗର/ସୁକିନ୍ଦା(ଡି.ଏନ.ଏ.)୨୦।୭**

### ଗୁଣିଗାରେଡ଼ି ସନ୍ଦେହ, ୫ ଅଟକ

ଯାଜପୁର ଜିଲା ସୁକିନ୍ଦା ବ୍ଲକ ତଥା କଳିଙ୍ଗନଗର ଥାନା ଅନ୍ତର୍ଗତ ନିମପଲ୍ଲୀ ଗ୍ରାମ ସୁରିସାହିରେ ସୋମବାର ସକାଳେ ଏକ ଘରେ ବୃଦ୍ଧ ଦମ୍ପତିଙ୍କୁ ଜିଅନ୍ତା ପୋଡ଼ି ହତ୍ୟା କରାଯାଇଛି। ସେମାନେ ହେଲେ ଶୈଳ ବାଲମୁଚି(୬୦) ଓ ତାଙ୍କ ସ୍ତ୍ରୀ ସମ୍ବାରୀ ବାଲମୁଚି(୫୫)। ଉଭୟଙ୍କ ମୃତଦେହ ପାଉଁଶ ହୋଇଯାଇଛି। ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ ଉଭୟେ ଗୁଣିଗାରେଡ଼ି ଯୋଗୁ ଆକ୍ରୋଶର ଶିକାର ହୋଇଛନ୍ତି। ଯାଜପୁର ଜିଲାରେ ଅନ୍ଧବିଶ୍ୱାସଜନିତ ହିଂସାକାଣ୍ଡ ବଢ଼ୁଛି। ଏହି ଘଟଣାକୁ ମିଶାଇ ସପ୍ତାହକ ମଧ୍ୟରେ ୨ଟି ହତ୍ୟାକାଣ୍ଡ ଘଟିଲାଣି।

ମିଳିଥିବା ଖବର ଅନୁସାରେ ଗୁଣିଗାରେଡି ସନ୍ଦେହରେ କେତେଜଣ ଗ୍ରାମବାସୀ ଶୈଳ ଓ ସମ୍ବାରୀଙ୍କୁ ହଇରାଣ ହରକତ କରିଆସୁଥିଲେ। ଗ୍ରାମର ଯାହାର ବି ମୃତ୍ୟୁ ଘଟିଲେ ସେଥିରେ ସେମାନଙ୍କୁ ଦାୟୀ କରାଯାଉଥିଲା। ଗତ ସପ୍ତାହକ ମଧ୍ୟରେ ଗ୍ରାମର ୫ ଜଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ଏଥିପାଇଁ ଶୈଳ ଓ ସମ୍ବାରୀଙ୍କୁ ଦାୟୀ କରାଯାଇଥିଲା। ଏହି କ୍ରମରେ ରବିବାର ବିଳମ୍ବିତ ରାତିରେ କେତେଜଣ ସଂଘବଦ୍ଧ ଭାବେ ସେମାନଙ୍କୁ ପୋଡ଼ି ମାରିଦେଇଥିବା ପୋଲିସ ସନ୍ଦେହ କରୁଛି। ଘଟଣା ପରେ ଉକ୍ତ ସାହି ଓ ପଡ଼ିଶାଘରର କେତେଜଣ ବ୍ୟକ୍ତି ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷରେ ଖବର ପାଇ ବୃଦ୍ଧ ଦମ୍ପତିଙ୍କ ଝିଅ ଗୁରୁବାରୀ ବୁଡିଓଲି ଓ ଜ୍ୱାଇଁ ଦୀପୁ ବୁଡିଓଲି ପହଞ୍ଚି କଳିଙ୍ଗନଗର ଥାନାରେ ଅଭିଯୋଗ କରିଛନ୍ତି। ଯାଜପୁର ଏସ୍‌ପି ଚରଣସିଂ ମୀନାଙ୍କ ସହ କଳିଙ୍ଗନଗର ଓ ଯଖପୁରା ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବାକୁ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେବା ସହ ଗ୍ରାମର ୮ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଏନେଇ ୧୧୫/୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଯାଜପୁରରୋଡ ଥାନା ଦାନଗଦି ଫାଣ୍ଡି ଅନ୍ତର୍ଗତ ଛତରା ଗ୍ରାମର ନନ୍ଦିନୀ ପୂର୍ତ୍ତିଙ୍କୁ ଗୁଣିଗାରିଡି ସନ୍ଦେହରେ ହତ୍ୟା କରାଯାଇଥିଲା। ଏଥିରେ ସେହି ଗ୍ରାମର ଯୁବକ କାର୍ତ୍ତିକ କେରେଇ(୨୪)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା।



### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛି ଛିରେ ପଚା ପଇଡ଼, ଭାସିଯାଉଥିଲୁ ମଝି ନଈର**
**ସାଉଁଟି ଆଣିଲି ତୋତେ, ତୋ ଦେହରେ ଚେରିମି ଲାଗିଲା**
**ଜବାବ ଦେଉଛୁ ମୋତେ ?**

ମଣିଷ ବେଳେ ବେଳେ କୃତଘ୍ନତାର ସବୁ ସୀମା ଟପିଯାଏ। ଯାହାଠାରୁ ସାହାଯ୍ୟ ସମର୍ଥନ ମିଳିଥାଏ ତା' ପ୍ରତି ଆକ୍ରୋଶମୂଳକ ମନୋଭାବ ପୋଷଣ କରୁଥିବାର ଲକ୍ଷ୍ୟ କରାଯାଏ। ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଛୋଟ ମୁହେଁ ବଡ଼ କଥା ।**

ବଡ଼ଙ୍କୁ ଯଥୋଚିତ ସମ୍ମାନ ନ ଦେଖାଇଲେ ସାନ ସମସ୍ତଙ୍କ ଆଖିରେ ଆହୁରି ଛୋଟ ହୋଇଯାଏ। ଛୋଟ ମୁହଁରେ ବଡ଼ ବଡ଼ କଥା ଶୋଭା ପାଇ ନ ଥାଏ। ବୟସର ସ୍ତରକୁ ଭୁଲି ବେଖାତିର କରି ବସିଲେ ଶୁଣିବା ଲୋକ ମନରେ ଆଘାତ ସୃଷ୍ଟି ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## classifieds Everyday
0674-2580101, 2549302

real estate

**SALE**

**BDA residential plot near Patrapada housing plan approved for sale. 9937123440, 8260673884.** D-17794

**Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex- 9439889903.** D-69133

**Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.** D-69124

to-let

3BHK flat rent 15,000 1st floor, 2nd floor, Tankapani road, near Jagannath Asram, BBSR. 9437210980, 7978783966. D-17747

healthcare

Newly open full body massage SPA in Bhubaneswar. Contact: 7205058838. D-69703

business

ଘରେବସି ୩,୦୦୦/- ବିନିଯୋଗରେ SMS send କରି ମାସିକ ୧୨,୦୦୦/- ରୋଜଗାର କରନ୍ତୁ। 7077448116. D-59954

**AFFIDAVIT**

ବଡବିଲ ନୋଟାରୀ ପବ୍ଲିକ୍ ପାଖରେ ଆଫିଡେଭିଟ୍ ଦ୍ୱାରା ଶପଥ କରୁଅଛି ଯେ, ମୁଁ ଶ୍ରୀମତୀ ସୌଦାମିନୀ ଆଚାର୍ଯ୍ୟ ଇଂରାଜୀ ବନାନ (Saudamini Acharya), ସ୍ୱାମୀ ସାରଦା ପ୍ରସାଦ ଆଚାର୍ଯ୍ୟ (Sarada Prasad Acharya) ସ୍ଥାୟୀ ଠିକଣା- ଗ୍ରାମ/ପୋଷ୍ଟ- କୋଡିଆଁ, ଥାନା- ତିର୍ତ୍ତୋଲ, ଜିଲ୍ଲା- ଜଗତ୍‌ସିଂହପୁର, ବର୍ତ୍ତମାନ ଠିକଣା- ଗ୍ରାମ/ପୋଷ୍ଟ, ଥାନା- ଯୋଡ଼ା, ଜିଲ୍ଲା- କେନ୍ଦୁଝର କେତେକ କ୍ଷେତ୍ରରେ ଇଂରାଜୀ ବନାନ ତ୍ରୁଟି ହୋଇଛି। Soudamini Acharya. ମୁଁ ଆଫିଡେଭିଟ୍ ଦ୍ୱାରା ସ୍ୱୀକାର କରିଛି ଯେ Soudamini Acharya ଏବଂ Saudamini Acharya ମୁଁ ଜଣେ, ଏକ ଓ ଅଭିନ୍ନ। D-17793

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଥମ ପୃଷ୍ଠାରୁ...**

## ପରଲୋକରେ ବିଜୟ

ବାରିପଦାଠାରେ ବଢ଼ିଥିଲେ। ଏମ୍‌କେସି ହାଇସ୍କୁଲରେ ପଢ଼ା ଶେଷ କରିବା ପରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଏହାପରେ ଦିଲ୍ଲୀ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମାରୁ ଶିକ୍ଷାଗ୍ରହଣ କରିଥିଲେ। ସେହି ସମୟରେ ଖ୍ୟାତନାମା ଅଭିନେତା ନାସିରୁଦ୍ଦିନ ଶାହା, ରାଜ ବବ୍ବର, ଓମ୍ ପୁରୀ ତାଙ୍କର ସହପାଠୀ ଥିଲେ। ବିଭିନ୍ନ ମଞ୍ଚରେ ଅଭିନୟ କରିବା ସହ ସେ ଦିଲ୍ଲୀରେ ୧୯୭୫ ମସିହା ପର୍ଯ୍ୟନ୍ତ ଥିଲେ। ସେଠାରୁ ଓଡ଼ିଶା ଫେରିବା ପରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ସହ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଥିଲେ। ଇତିମଧ୍ୟରେ ୧୭୫ଟି ଓଡ଼ିଆ ଚଳଚ୍ଚିତ୍ରରେ ମନଛୁଆଁ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଥିଲେ। ନାୟକ, ଖଳନାୟକ ଓ ଚରିତ୍ର ଅଭିନେତା ଭଳି ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ବିଜୟ ୧୯୭୬ରେ 'ନାଗଫାଶ' ଚଳଚ୍ଚିତ୍ରରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ। 'ଚିଲିକା ତୀରେ', 'ଚକା ଚକା ଭଉଁରୀ', 'ଲକ୍ଷେ ଶିବ ପୂଜି ପାଇଛି ପୁଅ', 'ଛାତିରେ ଲେଖିଛି ତୋରି ନାଁ', 'ନାରୀ ନୁହେଁ ତୁ ନାରାୟଣୀ', 'ଧର୍ମର ହେବ ଜୟ', 'ସିନ୍ଦୂର ନୁହେଁ ଖେଳଘର', 'କିଏ ପୋଛିବ ମା' ଆଖିର ଲୁହ', 'ମନ ରହିଗଲା ତୁମରି ଠାରେ', 'ପଞ୍ଚୁପାଣ୍ଡବ', 'ସମୟ ବଡ଼ ବଳବାନ', 'ଦଣ୍ଡା ବାଳୁଙ୍ଗା', 'କୃଷ୍ଣା କାବେରୀ', 'ବୋଉ', 'ସନ୍ତାନ' ଭଳି ଫିଲ୍ମରେ ତାଙ୍କର ବଳିଷ୍ଠ ଅଭିନୟ ଦର୍ଶକଙ୍କ ହୃଦୟ ଜିଣିଥିଲା। ନିଖୁଣ ଅଭିନୟ ଲାଗି ସେ ଏକାଧିକ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଜିତିଥିବା ବେଳେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଆ ଚଳଚ୍ଚିତ୍ରର ସର୍ବୋଚ୍ଚ ସମ୍ମାନ 'ଜୟଦେବ ପୁରସ୍କାର' ପାଇଥିଲେ। ପ୍ରତି ଓଡ଼ିଆଙ୍କ ଘରେ ଘରେ ପରିଚିତ ଥିବା ଏହି ବର୍ଷିୟାନ ଅଭିନେତା ଏକାଧାରାରେ ଜଣେ ଅଭିନେତା, ନିର୍ଦ୍ଦେଶକ ଓ ନାଟ୍ୟକାର ଥିଲେ। କ୍ୟାରିୟର ଆରମ୍ଭରୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ଚଳଚ୍ଚିତ୍ରରେ ଅଭିନୟ ସହ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ବିଭାଗର ଅଧ୍ୟାପକ ଓ ଅଧ୍ୟକ୍ଷ ଭାବେ ମଧ୍ୟ ସେ କାର୍ଯ୍ୟ କରିଥିଲେ।

କେବଳ ଅଭିନୟରେ ତାଙ୍କ ଜୀବନ ଯାତ୍ରା ସୀମିତ ନ ଥିଲା। ଅଭିନେତାରୁ ସେ ରାଜନେତା ପାଲଟି ୨୦୧୪ ଫେବୃୟାରୀ ୨୭ରେ କଂଗ୍ରେସରେ ଯୋଗଦେଇଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ ଭୁବନେଶ୍ୱର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଅଭିନେତ୍ରୀ ତନ୍ଦ୍ରା ରାୟଙ୍କୁ ବିବାହ କରିଥିବା ବିଜୟଙ୍କର ଗୋଟିଏ ଝିଅ ଅଛନ୍ତି। ଗତ କିଛିବର୍ଷ ହେବ ହାଇଦ୍ରାବାଦରେ ସେ ନିଜ ଝିଅ ସହ ରହୁଥିଲେ। ତାଙ୍କ ବିୟୋଗରେ ଚଳଚ୍ଚିତ୍ର ଜଗତ ସହିତ ରାଜନୈତିକ ଜଗତର ପ୍ରମୁଖ ବ୍ୟକ୍ତିବିଶେଷ ଶୋକବ୍ୟକ୍ତ କରିଛନ୍ତି।

## ଏକ ଯୁଗର...

ଅଶୋକ ଚନ୍ଦ୍ର ପଣ୍ଡା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପପ ଷଡଙ୍ଗୀ, ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ବିଜୟଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହିତ ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି।

## ସମ୍‌ରେ କ୍ଲିନିକାଲ୍...

ସେଣ୍ଟର (ଆର୍‌ଏମ୍‌ଆର୍‌ସି) ଭୁବନେଶ୍ୱରର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି, ସୋଆ କୁଳପତି ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର ଭିଡିଓ କନ୍‌ଫରେନ୍ସରେ ଯୋଗ ଦେଇଥିବାବେଳେ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ଗଙ୍ଗାଧର ସାହୁ, କମ୍ୟୁନିଟି ମେଡିସିନ୍ ବିଭାଗ ମୁଖ୍ୟ ପ୍ରଫେସର ତ୍ରିଲୋଚନ ସାହୁ ଓ ଟିକା ପରୀକ୍ଷଣର ମୁଖ୍ୟ ପରୀକ୍ଷକ ତଥା କମ୍ୟୁନିଟି ମେଡିସିନ ବିଭାଗ ପ୍ରଫେସର ଡା. ଇ. ଭେଙ୍କଟ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ସ୍କ୍ରିନିଂ ଆରମ୍ଭ କରାଯାଇଥିବାବେଳେ ଖୁବ୍‌ଶୀଘ୍ର ମଣିଷ ଶରୀରରେ ଏହି ଟିକା ପରୀକ୍ଷଣ କରାଯିବ ବୋଲି ଡା. ରାଓ କହିଛନ୍ତି।

ଦେଶ ଓ ବିଦେଶର ଅନେକ ଗବେଷଣା ପ୍ରତିଷ୍ଠାନ କରୋନା ଟୀକାର ପରୀକ୍ଷଣ କରୁଛନ୍ତି। ଏହି ପରୀକ୍ଷଣ ନିମନ୍ତେ ଶୁଭାରମ୍ଭ ହୋଇଥିବା କ୍ଲିନିକାଲ ଟ୍ରାଏଲ ୟୁନିଟ୍‌ର ବିଭିନ୍ନ ଦିଗ ଉପରେ ମନୋନିବେଶ କରି କାର୍ଯ୍ୟ କରିବ। ୪ ପର୍ଯ୍ୟାୟରେ ମଣିଷ ଉପରେ ଏହି ପରୀକ୍ଷଣ କରାଯିବ। ସେହିପରି ଏହି କାର୍ଯ୍ୟରେ ଗୁଣବତ୍ତା, ମୂଲ୍ୟବୋଧ, ରୋଗୀଙ୍କ ସୁରକ୍ଷା ଉପରେ ଦୃଷ୍ଟି ଦିଆଯିବ। ଡ୍ରଗ୍‌ସ କଣ୍ଟ୍ରୋଲର ଜେନେରାଲ୍ ଅଫ୍ ଇଣ୍ଡିଆ ଏବଂ ସେଣ୍ଟ୍ରାଲ୍ ଡ୍ରଗ୍ ଷ୍ଟାଣ୍ଡାର୍ଡାଇଜେଶନ କଣ୍ଟ୍ରୋଲର ଅର୍ଗାନାଇଜେଶନ ଦ୍ୱାରା ଅନୁମୋଦିତ ଟିକା ହିଁ ଏହି ପରୀକ୍ଷଣରେ ପ୍ରଦାନ କରାଯିବ ବୋଲି ରାଓ କହିଛନ୍ତି। କରୋନା ମହାମାରୀରୁ ମାନବ ସମାଜକୁ ବଞ୍ଚାଇବା ପାଇଁ ଯେଉଁ ସାମାଜିକ କର୍ମୀ ଏହି ଟିକା ପରୀକ୍ଷଣରେ ନିଜକୁ ନିୟୋଜିତ କରିବାକୁ ଚାହୁଁଛନ୍ତି, ସେମାନେ http://ptctu.soa.ac.in/ ୱେବ୍‌ସାଇଟ୍‌ରେ ନିଜ ନାମ ପଞ୍ଜୀକୃତ କରନ୍ତୁ କିମ୍ବା ୮୯୧୭୨୧୧୨୧୪ ହ୍ୱାଟ୍ସଆପ୍ ନମ୍ବରରେ ଯୋଗାଯୋଗ କରନ୍ତୁ ବୋଲି ଡା. ରାଓ କହିଛନ୍ତି।

## କୋଭାକ୍ସିନର ମାନବ...

ପର୍ଯ୍ୟାୟ ପରୀକ୍ଷାରେ ୧୨ରୁ ୬୫ ବର୍ଷ ବୟସ ବର୍ଗର ୭୫୦ ସ୍ୱେଚ୍ଛାସେବୀ ଭାଗ ନେବେ। ତୃତୀୟ ପର୍ଯ୍ୟାୟରେ ଏହାଠାରୁ ଅଧିକ ଲୋକଙ୍କଠାରେ କୋଭାକ୍ସିନର ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ଉଭୟ ପୁରୁଷ ଓ ମହିଳା ପରୀକ୍ଷଣରେ ଭାଗ ନେଇପାରିବେ। ତେବେ ଗର୍ଭବତୀ ମହିଳାଙ୍କୁ ଏଥିପାଇଁ ଅନୁମତି ଦିଆଯିବନାହିଁ ବୋଲି ପରୀକ୍ଷା ତଦାରଖ ଦାୟିତ୍ୱରେ ଥିବା କମ୍ୟୁନିଟି ମେଡିସିନ୍ ମୁଖ୍ୟ ଡ. ସଞ୍ଜୟ ରାୟ କହିଛନ୍ତି। ନିରାପତ୍ତା ସୁନିଶ୍ଚିତ କରିବା ଉପରେ ପ୍ରାଥମିକତା ଦିଆଯାଉଛି। କେତେଦିନ ପର୍ଯ୍ୟନ୍ତ ଟିକାର ପ୍ରଭାବ ମଣିଷ ଦେହରେ ରହିବ ତାହା ଭୂତାଣୁର ରୂପାନ୍ତରଣ ଉପରେ ନିର୍ଭର କରିବ ବୋଲି ସେ କହିଛନ୍ତି।

## ମାନ୍ୟତା ମିଳିଲେ...

ଜିଲା ସୀମାନ୍ତ ଜଳେଶ୍ୱରଠାରୁ ଭଦ୍ରକ ଜିଲାର ସୀମା ତାଳପଦା ଅଞ୍ଚଳ ଦୀର୍ଘ ୭୦/୮୦ କି.ମି. ପର୍ଯ୍ୟନ୍ତ ବନବିଭାଗ ପକ୍ଷରୁ ବଙ୍ଗୋପସାଗର ଉପକୂଳରେ ହେନ୍ତାଳ ବଣ, ଝାଉଁବଣ ସୃଷ୍ଟି କରାଯାଇଛି। ଜଳେଶ୍ୱର ଓ ଚାନ୍ଦିପୁର ବେଳାଭୂମି ଅଞ୍ଚଳରେ ୯୦ରୁ ଊର୍ଦ୍ଧ୍ୱ ଝାଉଁବଣ ସୃଷ୍ଟି କରାଯାଇଥିବା ବେଳେ ହେନ୍ତାଳ ବଣ ପାଇଁ ବାଲେଶ୍ୱର ବନବିଭାଗ ପ୍ରକଳ୍ପ ରିପୋର୍ଟ ସରକାରଙ୍କୁ ପଠାଯାଇଛି। ବିଭାଗୀୟ ଅଧିକାରୀ ଏହାର ତଦନ୍ତ କରି ଫେରିଛନ୍ତି। ଏହାସତ୍ତ୍ୱେ ଚୂଡ଼ାନ୍ତ ରିପୋର୍ଟ ଦେବାରେ ବାଧକ ସାଜିଛି ମହାମାରୀ କରୋନା। ତାଳପଦାର ହେନ୍ତାଳବଣକୁ 'ବନୀ ଜଙ୍ଗଲ'ର ମାନ୍ୟତା ଦେଇ ଏହାର ପୁନରୁଦ୍ଧାର କରାଗଲେ ଇଞ୍ଚୁଡ଼ି, ତୁଣ୍ଡୁରା, ତାଳପଦା, ଶ୍ରୀଜଙ୍ଗ, ରସାଳପୁର, କୁଳିଗାଁ, ମହାରାଜପୁର ଆଦି ପଞ୍ଚାୟତ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ହୋଇପାରନ୍ତା ବୋଲି ସ୍ଥାନୀୟ ବାସିନ୍ଦା କୁହନ୍ତି। ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା କୁହନ୍ତି, ସରକାରଙ୍କର ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ ଯୋଜନା ଅନୁସାରେ ଚାନ୍ଦିପୁର ଏବଂ ଜଳେଶ୍ୱର ଉପକୂଳ ଅଞ୍ଚଳରେ ୯୦ରୁ ଊର୍ଦ୍ଧ୍ୱ ଝାଉଁ ଜଙ୍ଗଲ ସୃଷ୍ଟି ହେବା ସହ ଅନ୍ୟତ୍ର ବହୁ ଗଛ ଲଗାଯିବା କାର୍ଯ୍ୟ ହାତକୁ ନେଇଛୁ। ତାଳପଦା ନିକଟସ୍ଥ ହେନ୍ତାଳ ବଣକୁ ପୁନରୁଦ୍ଧାର କରିବା ପାଇଁ ସ୍ୱତନ୍ତ୍ର ଭାବେ ଏକ ପ୍ରକଳ୍ପ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ମହାମାରୀ କରୋନା ପାଇଁ ଏଥିରେ ଅସୁବିଧା ସୃଷ୍ଟି ହୋଇଛି। ଅନୁମୋଦନ ପାଇଲେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି।

## ଘରୋଇକରଣ ହେବ...

ହୋଇଥିବାରୁ ପାଣ୍ଠି ସଂଗ୍ରହ ଲାଗି ସରକାରଙ୍କୁ ସମସ୍ୟା ସାମ୍ନା କରିବାକୁ ପଡୁଛି। ଏଥିଲାଗି ସରକାର ଅଣକୋର୍ କମ୍ପାନୀଗୁଡ଼ିକର ସମ୍ପତ୍ତି ବିକ୍ରିରୁ ପାଣ୍ଠି ସଂଗ୍ରହ କରିବାକୁ ଯୋଜନା ରଖିଛନ୍ତି। ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ୫ରୁ ଅଧିକ ନ ହେଉ ବୋଲି ରିଜର୍ଭ ବ୍ୟାଙ୍କ ସହ ପ୍ରମୁଖ ସରକାରୀ ଏଜେନ୍ସିଗୁଡ଼ିକ ପ୍ରସ୍ତାବ ଦେଇଥିଲେ। ଅପରପକ୍ଷରେ ଆଉ ଅଧିକ ବ୍ୟାଙ୍କ ମିଶ୍ରଣ ହେବ ନାହିଁ ବୋଲି ମଧ୍ୟ ସରକାର ନିକଟରେ ସ୍ପଷ୍ଟ କରିଥିଲେ। ଏଭଳି ସ୍ଥିତିରେ ବ୍ୟାଙ୍କଗୁଡ଼ିକରୁ ଅଧିକାଂଶ ଅଂଶଧନ ଖସାଇବା ଏକ ମାତ୍ର ବିକଳ୍ପ ରହିଯାଇଛି ବୋଲି ବ୍ୟାଙ୍କିଙ୍ଗ୍ ଶିଳ୍ପର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଗତ ବର୍ଷ ସରକାର ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ୪ଟି ବ୍ୟାଙ୍କରେ ରୂପାନ୍ତରିତ କରିଥିଲେ। ବଡ଼ ବ୍ୟାଙ୍କ ଗଠନ ଦିଗରେ ଏଭଳି ପଦକ୍ଷେପ ନିଆଯାଇଥିଲା। ଯେଉଁ ବ୍ୟାଙ୍କଗୁଡ଼ିକ ମିଶ୍ରଣ ହୋଇନାହିଁ ଉକ୍ତ ବ୍ୟାଙ୍କରେ ସିଂହଭାଗ ଅଂଶଧନ ଖସାଇବା ଦିଗରେ ଚିନ୍ତା କରାଯାଉଛି ବୋଲି ସରକାରୀ ଅଧିକାରୀ ଜଣକ କହିଛନ୍ତି। ବର୍ତ୍ତମାନ କରୋନା ଭାଇରସ୍ ଯୋଗୁ ବଜାର ପ୍ରଭାବିତ ହୋଇ ରହିଛି। ବ୍ୟାଙ୍କଗୁଡିକର ଏନ୍‌ପିଏ ସ୍ଥିତି ମଧ୍ୟ ବିଗିଡ଼ିଛି। ଏଭଳି ସ୍ଥିତିରେ ସରକାର ବ୍ୟାଙ୍କଗୁଡିକୁ ଘରୋଇକରଣ କରିବା ପାଇଁ ଆଗଭର ହେଉଛନ୍ତି। ସ୍ଥିତି ନ ସୁଧୁରିଲେ ଚଳିତ ବର୍ଷ ଏହି ଯୋଜନା ଫଳପ୍ରଦ ହୋଇ ନ ପାରେ ବୋଲି ଜଣେ ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଦେଶର ଅର୍ଥ ବ୍ୟବସ୍ଥା ଟ୍ରାକ୍ ବାହାରକୁ ଚାଲିଯାଇଥିବାରୁ ଏନ୍‌ପିଏ ଦୁଇଗୁଣ ବଢ଼ିପାରେ। ବ୍ୟାଙ୍କିଙ୍ଗ୍ ଶିଳ୍ପ ୯.୩୫ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ସମସ୍ୟା ସାମ୍ନା କରୁଛି ; ଯାହା ବ୍ୟାଙ୍କଗୁଡିକର ମୋଟ ସମ୍ପତ୍ତିର ୯.୧%। ଏଭଳି ସ୍ଥିତିରେ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ପ୍ରାୟ ୨୦ ବିଲିୟନ ଡଲାରର ପୁଞ୍ଜି ଯୋଗାଇଦେବା ଆବଶ୍ୟକ ବୋଲି କୁହାଯାଉଛି।

## ଇ-ବାଣିଜ୍ୟ ସଂସ୍ଥା...

ସଂସ୍ଥା ବେଆଇନ କରୁଥିବା ପ୍ରମାଣ ହୋଇଥିବ ତେବେ ସମ୍ପୃକ୍ତ ସଂସ୍ଥାର ଲାଇସେନ୍ସ ୨ ବର୍ଷ ପାଇଁ ଏବଂ ପୁଣି ଧରା ହେଲେ ସମ୍ପୂର୍ଣ୍ଣ ରଦ୍ଦ କରାଯିବାକୁ ବ୍ୟବସ୍ଥା ରହିଛି। କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପରିଷଦରେ ଉପଦେଷ୍ଟା ମଣ୍ଡଳୀ ରହିବ। ସେଥିରେ କେନ୍ଦ୍ର ଖାଉଟି କଲ୍ୟାଣ ବ୍ୟାପାର ମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବା ବେଳେ ରାଜ୍ୟ ମନ୍ତ୍ରୀ ଉପାଧ୍ୟକ୍ଷ ଏବଂ ୩୪ ଜଣ ବିଭିନ୍ନ କ୍ଷେତ୍ରରୁ ସଦସ୍ୟ ରହିବେ। ଏଠାରେ ଉଲ୍ଲେଖଯୋଗ୍ୟ ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ଉପଭୋକ୍ତା ସୁରକ୍ଷା ଆଇନ-୧୯୮୬ରେ ଖାଉଟିମାନେ ନ୍ୟାୟ ପାଇବାକୁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଥିଲା। ଏଥିରେ ଇ-ବାଣିଜ୍ୟ କରୁଥିବା ସଂସ୍ଥାଗୁଡ଼ିକୁ ସାମିଲ କରାଯାଇ ନ ଥିଲା।

## ୧୨ ପଇସା...

୭୮.୬୦ ଟଙ୍କା ଏବଂ କୋଲକାତାରେ ୧୦ ପଇସା ବଢ଼ି ୭୬.୭୭ ଟଙ୍କା ରହିଥିବା ସୂଚନା ରହିଛି। ଗତ ୨୨ ଦିନ ହେବ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ କରିନାହାନ୍ତି। ସେହିପରି ଗତ ୫ ସପ୍ତାହ ମଧ୍ୟରେ ଡିଜେଲ ଦର ୨୮ ଥର ବଢ଼ିଥିବା ଜଣାପଡ଼ିଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ଦର ୨୧ ଥର ବୃଦ୍ଧି ଘଟିଛି। ଲକ୍‌ଡାଉନ ସମୟରେ ପ୍ରାୟ ୮୧ ଦିନ ଧରି ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ବେଳେ ଜୁନ୍ ୭ ପରଠାରୁ କମ୍ପାନୀଗୁଡ଼ିକ ଦରରେ ଦୈନିକ ପରିବର୍ତ୍ତନ ନିୟମ କାର୍ଯ୍ୟକାରୀ କରିଛନ୍ତି। ଜୁନ ୨୯ ପରଠାରୁ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ଜୁନ୍ ୭ ପରଠାରୁ ଆଜି ପର୍ଯ୍ୟନ୍ତ ପେଟ୍ରୋଲ ଲିଟର ପିଛା ୯.୧୭ ଟଙ୍କା ଏବଂ ଡିଜେଲ ଲିଟର ପିଛା ୧୨.୩୩ ଟଙ୍କା ବୃଦ୍ଧି ଘଟିଥିବା ଜଣାପଡ଼ିଛି।

# ବାଲେଶ୍ୱର ସଦର ଆସନକୁ ନେଇ କଂଗ୍ରେସରେ ରାଜନୀତି

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

ରାଜ୍ୟର ଦୁଇଜଣ ବରିଷ୍ଠ ନେତା ତଥା ବିଧାୟକ ମଦନ ମୋହନ ଦତ୍ତ ଏବଂ ବିଷ୍ଣୁ ଦାସଙ୍କ ଦେହାନ୍ତ ପରେ ଏହି ଦୁଇ ଆସନରେ ଉପନିର୍ବାଚନ ହେବ। ଉପନିର୍ବାଚନ ନେଇ ଏ ପର୍ଯ୍ୟନ୍ତ ଶାସକ ବିଜେଡି ଏବଂ ମୁଖ୍ୟ ବିରୋଧୀ ଭାଜପା ମୁହଁ ଖୋଲୁନାହାନ୍ତି। ହେଲେ କଂଗ୍ରେସ ଏହି ଦୁଇ ଆସନର ପ୍ରାର୍ଥିତ୍ୱକୁ ନେଇ ଏବେଠାରୁ ଆଲୋଚନା କରିବା ଆରମ୍ଭ କରିଦେଇଛି। ବାଲେଶ୍ୱର ସଦର ଆସନକୁ ନେଇ ମୁଖ୍ୟତଃ ବିଶେଷ ଆଲୋଚନା ହେଉଛି। ଏହି ଆସନରୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ ଲଢିବେ ବୋଲି ଏକ ପ୍ରକାର ଆଲୋଚନା ଜୋର ଧରିବା ଆରମ୍ଭ ହୋଇଛି। ବାଲେଶ୍ୱର ସଦର ଆସନ ଲାଗି ବିଧାୟକ ତାରାପ୍ରସାଦ ବାହିନୀପତି ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ବେଳେ ସେ ଏହି ସଙ୍କେତ ଦେଇଛନ୍ତି। ନିରଞ୍ଜନଙ୍କୁ ପିସିସି ସଭାପତି କରାଇବା ଲାଗି ଏକଦା ଦିଲ୍ଲୀରେ ଡେରା ପକାଉଥିବା ତାରା ବର୍ତ୍ତମାନ ତାଙ୍କ ପୁଅ ନବଜ୍ୟୋତିଙ୍କୁ ପ୍ରାର୍ଥୀ କରିବା ନେଇ ମୁହଁ ଖୋଲିଛନ୍ତି। ଅନ୍ୟପଟେ ତାରାଙ୍କୁ ପିସିସି ସଭାପତି ବାଲେଶ୍ୱର ସଦରର ପର୍ଯ୍ୟବେକ୍ଷକ କରିବା ଏବଂ ଏହାପରେ ନବଜ୍ୟୋତିଙ୍କ ସପକ୍ଷରେ ସେ ସହମତି ପ୍ରକାଶ କରିବା ଦଳୀୟ ମହଲରେ ପ୍ରଶ୍ନ ସୃଷ୍ଟି କରିଛି। ଖୁବ୍‌ଶୀଘ୍ର ଏହି ପ୍ରସଙ୍ଗକୁ ନେଇ ଦଳ ଭିତରେ ଅସନ୍ତୋଷର ନିଆଁ ଜଳିବ ବୋଲି ମଧ୍ୟ ନିଜ ନାଁ ଗୋପନ ରଖିବା ସର୍ତ୍ତରେ ଜଣେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଶନିଙ୍କ ଦୃଷ୍ଟିରେ ରବି ଓ ଚନ୍ଦ୍ର ରହିଥିବାରୁ ନିଜର ଅନ୍ୟମନସ୍କ ଓ ଭୁଲ୍ ବୁଝାମଣା ଯୋଗୁ ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ କିନ୍ତୁ କିଛିଟା ପ୍ରତିରୋଧର ସାମ୍ନା କରିବକୁ ପଡ଼ିବ। ସ୍ଥଗିତ କାମ ପାଇଁ ଉପରିସ୍ଥ ଅଧିକାରୀଙ୍କୁ କୈଫିୟତ୍ ଦେବାକୁ ପଡ଼ିବ।

**ବୃଷ** – ଶୁକ୍ର ଓ ଶନି ନିଜ ନିଜ ଗୃହରେ ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ସତର୍କ ରହିବା ଭଲ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ। ପାରିବାରିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବ।

**ମିଥୁନ** – ସମସ୍ୟା ଓ ପ୍ରତିବନ୍ଧକ ରହିଲେ ମଧ୍ୟ ରାହୁ ଓ ବୁଧ ଜନିତ କୌଶଳରେ କାମ ହାସଲ କରିବେ। ନିଜ ଜିହ୍ୱାକୁ ନିୟନ୍ତ୍ରଣ ମଧ୍ୟରେ ନ ରଖିଲେ ପ୍ରତ୍ୟେକ କାମରେ କିଛିନା କିଛି ବ୍ୟତିକ୍ରମ ଲାଗି ରହିବ। ନିଜର ଫାଇଦା ହାସଲ ପାଇଁ ନିକଟ ସମ୍ପର୍କୀୟମାନେ ମନ ବଳାଇପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**କର୍କଟ** – ସ୍ୱଗୃହୀଚନ୍ଦ୍ର ଧନାଧିପ ଯୁକ୍ତ ହେତୁ ଅର୍ଥଲାଭ ସଙ୍ଗକୁ ମନୋରଞ୍ଜନ ପାଇଁ ଚେଷ୍ଟିତ ହେବେ। କିନ୍ତୁ ଆଜି ପାଇବେ ଯେତିକି ତାହାଠାରୁ ଅଧିକ କିଛି ଖର୍ଚ୍ଚାନ୍ତ ହେବାକୁ ପଡିପାରେ। କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ଆଜିର ପ୍ରତ୍ୟୁଷ ଯାତ୍ରା ସଙ୍ଗକୁ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ସିଂହ** – ଦୁଃସ୍ଥାନରେ ରବି ଓ ଚନ୍ଦ୍ର ସ୍ୱାସ୍ଥ୍ୟସମସ୍ୟା,ଦୂରଯାତ୍ରାକୁ ନେଇ ଖର୍ଚ୍ଚାନ୍ତ କରାଇବ। ଅବଶ୍ୟ ସୁଚିନ୍ତିତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ତତ୍ପରତା ପ୍ରକାଶ କରିପାରନ୍ତି। ବନ୍ଧୁମାନଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝିପାରିବେନି। ଉପରିସ୍ଥଙ୍କ ଆଦେଶାନୁସାରେ ଦୂରଯାତ୍ରା କରିବାକୁ ପଡିପାରେ।

**କନ୍ୟା** – ସପ୍ତମସ୍ଥ ମଙ୍ଗଳ ପ୍ରଭାବରେ ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। ବାଣିଜ୍ୟ,ବ୍ୟବସାୟ,ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା ସମସ୍ୟାବହୁଳ ରହିବ। ପାଖ,ପଡୋଶୀଙ୍କ ମୂଲ୍ୟହୀନ କଥାରେ ମୁଣ୍ଡ ପୂରାଇ ଶତ୍ରୁତାକୁ ନିମନ୍ତ୍ରଣ କରିପାରନ୍ତି। ପ୍ରଶାସନିକ ସ୍ତରରେ ସମସ୍ୟାର ଅନ୍ତ ଘଟିବାର ଆଶା ରହିଛି।

**ତୁଳା** – ବକ୍ରୀଶନିଙ୍କ ସ୍ଥିତିଜନିତ ଶାରୀରିକ ଅସୁସ୍ଥତା ସଙ୍ଗକୁ ମାନସିକ ସ୍ଥିତି ମଧ୍ୟ ବିଗିଡିଯିବ। ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ। ନିକଟରେ ରହୁଥିବା ବ୍ୟକ୍ତିମାନେ ଶତ୍ରୁତା ଆଚରଣ କରିପାରନ୍ତି। ଆଶା କରୁଥିବା ମୂଲ୍ୟବାନ ଦ୍ରବ୍ୟ ପାଇପାରିବେ।

**ବିଛା** – ଶନିଙ୍କ ଦୃଷ୍ଟିଜନିତ ଆକସ୍ମିକ ସମସ୍ୟା ଦେଖାଦେବା କାରଣରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଗତି ମନ୍ଥର ହେବ। ପରିବାରରେ ସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ।

**ଧନୁ** – ଶନିଙ୍କ ଦୃଷ୍ଟିରେ ଉତ୍ତେଜକ ଗ୍ରହ କୌଣସି ବିଜାତୀୟବ୍ୟକ୍ତିଙ୍କ ସହ କଳହର କାରଣ ହୋଇପାରେ। ରାଗ ଶୁଝାଇବାକୁ ଯାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଅନ୍ୟର କଥାକୁ ସତ ମନେକରି ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର** – ବିଭିନ୍ନ ପ୍ରକାରର ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ପାରିବାରିକ ସମସ୍ୟାର ସମାଧାନ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ପାଖକୁ ଆସିଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଜମିଜମା କାରବାରରେ ସମସ୍ୟାମୁକ୍ତ ରହିବେ।

**କୁମ୍ଭ** – ପାପଗ୍ରହ ମଧ୍ୟସ୍ଥ ଶୁକ୍ର ପ୍ରଭାବରେ ପାରିବାରିକ କ୍ଷେତ୍ର ବିବାଦ ବହୁଳ ରହିବ। ସୁଯୋଗ ପାଇଲେ ମଧ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଉପଭୋଗ୍ୟ ନ ହୋଇପାରେ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହୋଇପାରନ୍ତି।

**ମୀନ** – କର୍ମକ୍ଷେତ୍ରରେ ବାରମ୍ବାର ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ ଚେଷ୍ଟା ଅବ୍ୟାହତ ରଖିପାରିଲେ ଉପକୃତ ହେବେ। ଅଂଶୀଦାର ବ୍ୟବସାୟୀଙ୍କ ସହ ମାନମନାନ୍ତର ଦେଖାଦେଇପାରେ। ପରିବାରର ଆବଶ୍ୟକତା ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଶ୍ରାବଣ ଶୁକ୍ଳ ପ୍ରତିପଦା ମଙ୍ଗଳବାର,ଜୁଲାଇ ୨୧ ତାରିଖ,ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ,ମକର ରାଶିର ଘାତବାର,ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭.୫୯ମି. ଗତେ ଘ.୧୦.୩୫ମି. ମଧ୍ୟେ, ଘ.୦୧.୧୧ମି. ଗତେ ଘ.୦୨.୫୫ମି. ମଧ୍ୟେ, ଘ.୦୩.୪୭ମି. ଗତେ ଘ.୦୫.୩୧ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୩ମି. ଗତେ ଘ.୦୭.୦୭ମି. ମଧ୍ୟେ, ରାତ୍ରି ଘ.୦୯.୧୯ମି. ଗତେ ଘ.୧୧.୩୧ମି. ମଧ୍ୟେ, ଘ.୦୧.୪୩ ମି. ଗତେ ଘ.୦୩.୧୧ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୩.୦୮ମି.ଗତେ ଘ.୦୪.୪୬ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଲକ୍‌ଡାଉନ: ୨ଟା ଯାଏ ଖୋଲିବ ଆର୍‌ଟିଓ

**କଟକ ଅଫିସ,୨୦।୭:** ରାଜ୍ୟର ଖୋର୍ଦ୍ଧା, କଟକ, ଗଞ୍ଜାମ ଓ ଯାଜପୁର ଜିଲା ସହ ରାଉରକେଲା ସହରାଞ୍ଚଳରେ ରାଜ୍ୟ ସରକାର ଜୁଲାଇ ୩୧ ପର୍ଯ୍ୟନ୍ତ ଲକ୍‌ଡାଉନ ଜାରି କରିଛନ୍ତି। ଏଣୁ ଏହି ଅଞ୍ଚଳରେ ଥିବା ପରିବହନ କାର୍ଯ୍ୟାଳୟଗୁଡ଼ିକ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ। ଏନେଇ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ନିର୍ଦ୍ଦେଶନାମା ଜାରି କରିଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ୩୩ ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟାଳୟ ଖୋଲିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସକାଳ ୬ରୁ ଅପରାହ୍ନ ୧ଟା ଯାଏ ଲକ୍‌ଡାଉନ ଲାଗୁ କରାଯାଇଛି। ସେହିଭଳି ବ୍ୟାଙ୍କଗୁଡ଼ିକ ମଧ୍ୟ ସକାଳ ୮ରୁ ଅପରାହ୍ନ ୨ଟା ଯାଏ ଖୋଲୁଛି। ଏହି ଦୃଷ୍ଟିରୁ ପରିବହନ କାର୍ଯ୍ୟାଳୟ ମଧ୍ୟ ଦିନ ୨ଟା ଯାଏ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର-୧, ଭୁବନେଶ୍ୱର-୨, କଟକ, ଗଞ୍ଜାମ, ଭଞ୍ଜନଗର, ରାଉରକେଲା, ଚଣ୍ଡିଖୋଲ ଏବଂ ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଖୋର୍ଦ୍ଧା ଏଆର୍‌ଟିଓ ଏହି ନୂଆ ସମୟ ଅନୁଯାୟୀ କାର୍ଯ୍ୟ କରିବ।

### ୫ ଜିଲାରେ ବର୍ଷା ସମ୍ଭାବନା



**ଭୁବନେଶ୍ୱର,୨୦।୭(ବ୍ୟୁରୋ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନୂଆପଡ଼ା, ବଲାଙ୍ଗୀର, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା ଏବଂ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ କାଁ ଭାଁ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାରିପଦାରେ ୧୯.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝର ୮.୮, ତାଳଚେର ୬.୨, ସୋନପୁର ୧୧.୨, କଟକ ୧୯.୨, ଅନୁଗୋଳ ୧୬ ଏବଂ ବଲାଙ୍ଗୀରରେ ୧୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଶିଳ୍ପାୟନର ଯକ୍ଷ୍ମା ଅବଦାନ

**ଯାଜପୁର ଅଫିସ,୨୦।୭**

**ଯାଜପୁର ଜିଲା**
- ମୃତ୍ୟୁମୁଖରେ ଖଣି, ଶିଳ୍ପାଞ୍ଚଳର ରୋଗୀ
- ୩ ବର୍ଷରେ ଜିଲାର ୨୮୦୦ ଯକ୍ଷ୍ମାରୋଗୀ ଚିହ୍ନଟ
- ନିଯୁକ୍ତି ନୈରାଶ୍ୟଜନକ

ଯାଜପୁର ଜିଲାରେ ୧୯୯୫ରୁ ଦ୍ରୁତ ଶିଳ୍ପାୟନ ଘଟିଛି। ବ୍ରାହ୍ମଣୀ ଓ ଏହାର ଉପନଦୀ ଖରସ୍ରୋତା କୂଳରେ ୧୫ରୁ ଉର୍ଦ୍ଧ୍ୱ ଇସ୍ପାତ ଓ ସିମେଣ୍ଟ କାରଖାନା ସାଙ୍ଗକୁ କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ହୋଇଛି। ଏହାସହିତ ସୁକିନ୍ଦା ବ୍ଲକ ଅଞ୍ଚଳରେ ୧୦ରୁ ଉର୍ଦ୍ଧ୍ୱ କ୍ରୋମାଇଟ ଖଣି ଖନନ ଚାଲିଛି। ଏହି ଦ୍ରୁତ ଶିଳ୍ପାୟନ ଜିଲାବାସୀଙ୍କ ଆର୍ଥିକ ଅଭିବୃଦ୍ଧିରେ କେତେ ସହାୟକ ହୋଇଛି ତାହା ଦୃଶ୍ୟମାନ ହେଉନାହିଁ। କିନ୍ତୁ ଶିଳ୍ପ କାରଖାନା ଓ ଖଣିଗୁଡିକର ଗୁରୁତର ପ୍ରଦୂଷଣକୁ ଲୋକେ ଅଙ୍ଗେ ନିଭାଉଛନ୍ତି। ଏହାର ପରିଣତି ସ୍ୱରୂପ ଗତ ୧୦ବର୍ଷରେ ଜିଲାରେ ଶ୍ୱାସଜନିତ ରୋଗ ସହିତ ଯକ୍ଷ୍ମା ପ୍ରବଣତା ବୃଦ୍ଧିପାଇଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ ୨୦୧୮ ଓ ୨୦୧୯ରେ ଯକ୍ଷ୍ମାରୋଗରେ ଜିଲାରେ ୨୦୧ ଲୋକଙ୍କ ଚିକିତ୍ସାରେ ବିଫଳ ସାଙ୍ଗକୁ ମୃତ୍ୟୁ ଘଟିଛି। ଏଥିରେ ଖଣି ଏବଂ ଶିଳ୍ପ ଅଞ୍ଚଳ ସୁକିନ୍ଦା ଓ ଦାନଗଦି ବ୍ଲକର ୧୦୭ ଜଣ ରହିଛନ୍ତି। ଅର୍ଥାତ୍ କେବଳ ଶିଳ୍ପାଞ୍ଚଳରେ ୫୩% ରୋଗୀଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ସୂଚନା ମିଳିଛି। ଅନ୍ୟପକ୍ଷରେ ୨୦୧୮, ୨୦୧୯ ଓ ୨୦୨୦ ଜୁଲାଇ ୧୮ ସୁଦ୍ଧା ଜିଲାରେ ୨୮୦୦ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିରୁ କେବଳ ଖଣି, ଶିଳ୍ପାଞ୍ଚଳର ୯୩୯ ଜଣ ରହିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଶିଳ୍ପ କାରଖାନାରୁ ନିର୍ଗତ କୋଇଲା, ଲୁହାପଥର ଓ ଅନ୍ୟାନ୍ୟ ଗୁଣ୍ଡଜନିତ ପ୍ରଦୂଷଣରୁ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି। ଦେଶର ୧୦୬ ସହର ମଧ୍ୟରୁ ଓଡ଼ିଶାର ୭ ସହର ଅତିପ୍ରଦୂଷଣ ତାଲିକାଭୁକ୍ତ ହୋଇଛି। ଏହି ତାଲିକାରେ ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ମଧ୍ୟ ସାମିଲ ହୋଇଛି। କଳିଙ୍ଗନଗର ଓଡ଼ିଶାର ଦ୍ୱିତୀୟ ପ୍ରଦୂଷଣକାରୀ ସହର ବୋଲି ଅଭିହିତ ହୋଇଛି। ଏଭଳି ପ୍ରଦୂଷଣକୁ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଛି। ପ୍ରଦୂଷଣଜନିତ ରୋଗରେ କଳିଙ୍ଗନଗର ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତ ମାନପୁର ଗ୍ରାମରେ ୮୫ ଜଣଙ୍କ ମୃତ୍ୟୁ ହୋଇସାରିଛି। ଛୁଟିଦିନରେ ଓ ରାତିରେ କେତେକ କାରଖାନାର ଇଏସ୍‌ପି(ଇଲେକ୍ଟ୍ରୋ ଷ୍ଟାଟିକ୍ ପ୍ରେସିପିଟେଟର)କୁ ବନ୍ଦ କରି ବିଷାକ୍ତ ପାଉଁଶ ଧୂଆଁ ଛଡ଼ାଯାଉଛି। ଏହାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ବିଫଳତା ବୋଲି ଲୋକେ ଅଭିଯୋଗ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ବିଫଳତା ଲୋକଙ୍କୁ ଏଭଳି ହତାଶ କରିଛି ଯେ ଶିଳ୍ପ ଯୋଗୁ ଆର୍ଥିକ ଅଭିବୃଦ୍ଧିର ସ୍ୱାଦ ଚାଖିବା ପରିବର୍ତ୍ତେ ଏକାଧିକ ଗ୍ରାମବାସୀ ବିସ୍ଥାପିତ କରିବାକୁ ଦାବି କରୁଛନ୍ତି। ପରିବେଶଗତ ବିପର୍ଯ୍ୟୟକୁ ଆଉ ସମ୍ଭାଳିବା ସ୍ଥିତିରେ ନ ଥିଲେ ମଧ୍ୟ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି ବୋଲି ଖଣି ଓ ଶିଳ୍ପ ଅଞ୍ଚଳର ଲୋକେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଛୁଟିଦିନ ଓ ରାତିରେ ଇଏସ୍‌ପି ବନ୍ଦ ହେଉଥିବା ଭଳି ସେମିତି ଅଭିଯୋଗ ହୋଇନାହିଁ। ତଥାପି କଳାଧୂଆଁ ବାହାରୁଥିବା ସମ୍ପର୍କରେ ଅଧିକ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଗୋଟିଏ ପଟେ ଦ୍ରୁତ ଶିଳ୍ପାୟନ ଯୋଗୁ ଜିଲାବାସୀ ପ୍ରଦୂଷଣ ଜନିତ ରୋଗ ମୁଣ୍ଡାଉଥିବାବେଳେ ଅନ୍ୟ ପଟେ ଯୁବତୀଯୁବକଙ୍କୁ ନିଯୁକ୍ତି ନୈରାଶ୍ୟଜନକ ରହିଛି। ଯାଜପୁର ଜିଲା କର୍ମ ନିଯୋଜନ ସଂସ୍ଥାରେ ଗତ ମାର୍ଚ୍ଚ ସୁଦ୍ଧା ୨୪,୫୯୬ ଜଣ ବେକାର ଶିକ୍ଷିତ ଯୁବତୀଯୁବକ ପଞ୍ଜୀକରଣ କରିଛନ୍ତି। ହେଲେ ଦୁର୍ଭାଗ୍ୟ ଯେ, ୨୦୧୮-୧୯ ଓ ୨୦୧୯-୨୦ ବର୍ଷରେ ମାତ୍ର ଜଣଙ୍କୁ ଜିଲା କର୍ମ ନିଯୋଜନ ସଂସ୍ଥା ଜରିଆରେ ନିଯୁକ୍ତି ମିଳିଛି। କଳିଙ୍ଗନଗରରେ ଥିବା ଶିଳ୍ପ କାରଖାନାରେ ଜଣେ ବି କର୍ମ ନିଯୋଜନ ସଂସ୍ଥା ଜରିଆରେ ନିଯୁକ୍ତି ପାଇନାହାନ୍ତି।

# ଶ୍ରୀମୁଖରେ ଝଲସିଲା ରତ୍ନ ଚିତା

## ଶ୍ରୀମନ୍ଦିରରେ ଚିତାଲାଗି ନୀତି

**ପୁରୀ ଅଫିସ,୨୦।୭**



ଶ୍ରୀଜୀଉଙ୍କ ଚିତା

ପବିତ୍ର ଚିତାଲାଗି ଅମାବାସ୍ୟା ତିଥିରେ ସୋମବାର ଶ୍ରୀମନ୍ଦିରରେ ଚିତା ଲାଗି ନୀତି ସମ୍ପନ୍ନ ହୋଇଛି। ତିନିଠାକୁରଙ୍କୁ ଦଇତାପତି ସେବକମାନେ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଛନ୍ତି। ମହାପ୍ରଭୁଙ୍କ ଶ୍ରୀମୁଖରେ ଝଲସି ଉଠିଛି ରତ୍ନଚିତା। ଶ୍ରୀମନ୍ଦିରରେ ସକାଳଧୂପ ଓ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ପୁଷ୍ପାଳକ ସେବକ ତିନିବାଡ଼ରେ ମଇଲମ କରିଥିଲେ। ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ହାତରେ ନେଇ ଖଟଶେଯ ଘରେ ବିଜେ କରାଯାଇଥିଲା। ଏହାପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ରତ୍ନସିଂହାସନକୁ ଯାଇ ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ର, ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଥିଲେ। ଶୁଦ୍ଧ ସୁଆରଙ୍କ ଘରୁ ଆସିଥିବା ଓଷ ଏବଂ ପାଟରା ସେବକଙ୍କଠାରୁ ଆସିଥିବା ପାଟଡୋର ଦ୍ୱାରା ତିନିଠାକୁରଙ୍କ ଶ୍ରୀମୁଖରେ ଏହି ଚିତା ଲାଗି କରାଯାଇଥିଲା। ଶ୍ରୀଜଗନ୍ନାଥ ମହାପ୍ରଭୁ ହୀରା ଖଚିତ ସୁବର୍ଣ୍ଣ ଚିତା, ବଡଠାକୁର ନୀଳା ଖଚିତ ସୁବର୍ଣ୍ଣ ଚିତା ଏବଂ ଦେବୀ ସୁଭଦ୍ରା ମାଣିକ୍ୟ ଖଚିତ ସୁବର୍ଣ୍ଣ ଚିତା ଧାରଣ କରିଥିଲେ।

ଚିତା ଲାଗି ସମ୍ପନ୍ନ ପରେ ପୂଜାପଣ୍ଡା ସାମନ୍ତ ତିନିବାଡ଼ରେ ମହାସ୍ନାନ କରିଥିଲେ। ପରେ ଖଟଶେଯ ଘରେ ଥିବା ଶ୍ରୀଦେବୀ, ଭୂଦେବୀଙ୍କୁ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ମାଳଫୁଲ ଲାଗି ବେଶ ବଢିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ବଢି ପାଣି ପଡ଼ିଲା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତିମହାପାତ୍ର ତିନି ବାଡ଼ରେ ବନ୍ଦାପନା କରିଥିଲେ। ଏହାପରେ ଶ୍ରୀମନ୍ଦିର ଅନ୍ୟାନ୍ୟ ନୀତି ବଢିଥିଲା। ଠାକୁରଙ୍କୁ ସକାଳ ଧୂପରେ ଚିତଉ ପିଠା ଲାଗି କରାଯାଇଥିଲା। ସୂଚନାଯୋଗ୍ୟ, ସ୍ନାନପୂର୍ଣ୍ଣିମା ଦିନ ଅଣସର ଘରେ ଠାକୁରମାନଙ୍କ ଶ୍ରୀମସ୍ତକରୁ ଚିତାମାନ ଓଲାଗି କରାଯାଇ ଭଣ୍ଡାର ଘରେ ରହିଥାଏ। ଶ୍ରୀଗୁଣ୍ଡିଚାରେ ତିନିଠାକୁର ରଥରେ ସୋଲ ନିର୍ମିତ ଚିତା ଧାରଣ କରିଥାନ୍ତି। ଚିତାଲାଗି ଅମାବାସ୍ୟାରେ ଠାକୁରମାନେ ସୋଲ ଚିତା ଓଲାଗି ହୋଇ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି ହୋଇଥାନ୍ତି।

# ସିଭିଲ ସର୍ଭିସ୍ ପରୀକ୍ଷାରେ ଚୟନ ପ୍ରାର୍ଥୀଙ୍କୁ ଅନ୍‌ଲାଇନ ତାଲିମ

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

କରୋନା ପାଇଁ ଆବଶ୍ୟକ ହୋଇପଡିଥିବା ଲକ୍‌ଡାଉନ ଏବଂ ସାମାଜିକ ଦୂରତା ନିୟମକୁ ବିଚାର କରି ରାଜ୍ୟ ସରକାର ୨୦୧୮ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କୁ ଅନ୍‌ଲାଇନ୍ ମୋଡ୍‌ରେ ତାଲିମ ଦେବା ପାଇଁ ନିଷ୍ପତ୍ତି କରିଛନ୍ତି। ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ନୂଆକରି ସିଭିଲ ସର୍ଭିସ୍‌କୁ ପ୍ରବେଶ କରୁଥିବା ଯୁବତୀ, ଯୁବକମାନଙ୍କ ଉପଯୁକ୍ତ ଅନୁପ୍ରେରଣା ଓ ଦକ୍ଷତା ବୃଦ୍ଧି ନିମନ୍ତେ ସର୍ବୋତ୍ତମ ତାଲିମ ଏବଂ ମୂଲ୍ୟାଙ୍କନ ମଡ୍ୟୁଲ ପ୍ରସ୍ତୁତ କରିବାକୁ ମୁଖ୍ୟ ସାସନ ସଚିବ ବିଭିନ୍ନ ତାଲିମ ଅନୁଷ୍ଠାନଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଅଗଷ୍ଟ ୪ରୁ ଏହି ତାଲିମ ଆରମ୍ଭ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି, ଓଡିଶା ଲୋକସେବା ଆୟୋଗଙ୍କଠାରୁ ମିଳିଥିବା ତାଲିକା ଅନୁଯାୟୀ ୬୦ଜଣ ପ୍ରାର୍ଥୀ ଓଡିଶା ପ୍ରଶାସନିକ ସେବା, ୬୧ଜଣ ଓଡିଶା ରାଜସ୍ୱ ସେବା, ୧୫ ପୋଲିସ ସେବା, ୩୧ ଟ୍ୟାକ୍ସ ଓ ଆକାଉଣ୍ଟ ସେବା ଏବଂ ୧୬ ଓଡିଶା ଶିକ୍ଷା ସେବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କୁ ସମ୍ପୃକ୍ତ ସେବା ପାଇଁ ଉଦ୍ଦିଷ୍ଟ ରାଜ୍ୟସ୍ତରୀୟ ତାଲିମ କେନ୍ଦ୍ରରେ ତାଲିମ ମିଳିବ। ବର୍ତ୍ତମାନ ରାଜ୍ୟରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ, ମଧୁସୂଦନ ଦାସ ଆର୍ଥିକ ପରିଚାଳନା ଆଞ୍ଚଳିକ ପ୍ରତିଷ୍ଠାନ, ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନ ଏବଂ ଜଙ୍ଗଲ ସେବା ତାଲିମ ଅନୁଷ୍ଠାନଗୁଡିକ ରହିଛି। ଏହିସବୁ ଅନୁଷ୍ଠାନରେ ଅନ୍‌ଲାଇନ୍ ଟ୍ରେନିଂ ନିମନ୍ତେ ଭିତ୍ତିଭୂମି ଓ ପ୍ରସ୍ତୁତି ଆଦି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଛନ୍ତି।

# କରୋନାକୁ ହରାଇଲେ ୯୫ ପୋଲିସ

- ସୁସ୍ଥ ହୋଇ କାର୍ଯ୍ୟରେ ଯୋଗଦେଲେ

**କଟକ ଅଫିସ,୨୦।୭:** କାର୍ଯ୍ୟ ସମ୍ପାଦନ ସମୟରେ ଓଡ଼ିଶା ପୋଲିସର ଅନେକ କରୋନା ଯୋଦ୍ଧା କୋଭିଡ୍ ଭୂତାଣୁ ସଂକ୍ରମଣର ଶିକାର ହୋଇଛନ୍ତି। କିନ୍ତୁ ଲୋକଙ୍କ ସେବାରେ ସମର୍ପିତ ଏହି ଯୋଦ୍ଧାମାନଙ୍କ ଦୃଢ଼ ମନୋବଳ ଓ ଉତ୍ସାହକୁ କରୋନା ରୋକିପାରି ନାହିଁ। ସେମାନେ କରୋନାକୁ ପରାସ୍ତ କରି ପୁଣିଥରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଯାବତ୍ ୯୫ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀ କରୋନାମୁକ୍ତ ହୋଇ କାର୍ଯ୍ୟକ୍ଷେତ୍ରକୁ ଫେରିଲେଣି। ସେମାନେ ବାସ୍ତବ ଜୀବନର ହିରୋ। କରୋନାକୁ ଯୁଦ୍ଧରେ ହରାଇଥିବା ଏହିଯୋଦ୍ଧାଙ୍କୁ 'ସ୍ୱତନ୍ତ୍ର ପ୍ରଶଂସାପତ୍ର' ଦିଆଯିବ ବୋଲି ସୋମବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ପ୍ରକାଶ କରିଛନ୍ତି। ଡିଜିପିଙ୍କ ଘୋଷଣା ପରେ ଏନେଇ ସମସ୍ତ ପୋଲିସ ଜିଲାର ମୁଖିଆଙ୍କୁ ଚିଠି ପଠାଯାଇଛି। ଯେଉଁମାନେ କରୋନା ଦ୍ୱାରା ଆକ୍ରାନ୍ତ ହେବା ପରେ ସୁସ୍ଥ ହୋଇଛନ୍ତି, ସେମାନଙ୍କ ସଂପୂର୍ଣ୍ଣ ବିବରଣୀ ଦେବାକୁ କୁହାଯାଇଛି। ଭବିଷ୍ୟତରେ ମଧ୍ୟ ଯେଉଁମାନେ ସୁସ୍ଥ ହୋଇ କାର୍ଯ୍ୟରେ ଯୋଗଦେବେ, ସେମାନଙ୍କର ତଥ୍ୟ ମଧ୍ୟ ନିୟମିତ ବ୍ୟବଧାନରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।


## ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ

**EXPRESSION OF INTEREST**

ନୋଟିସ୍ ସଂଖ୍ୟା: ୩୩୩୦ ତା: ୨୦।୦୭।୨୦୨୦

ଏତଦ୍ୱାରା ଅନୁଗୋଳ ପୌରାଞ୍ଚଳରେ ଅନୁବନ୍ଧିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ଏବଂ ଏରିଆ ଲେଭୁଲ୍ ଫେଡେରେଶନ (ALF)ଙ୍କଠାରୁ ଅନୁଗୋଳ ପୌରପାଳିକା ଦ୍ୱାରା ପଞ୍ଚମହଲାଠାରେ ସ୍ଥାପିତ SeTP ପରିଚାଳନା ନିମନ୍ତେ ଏକ ବର୍ଷ ପାଇଁ Expression of Interest ଆହ୍ୱାନ କରାଯାଉଅଛି।

ଆଗ୍ରହୀ WSHG ଏବଂ ALFମାନେ ଆସନ୍ତା ୨୮।୦୭।୨୦୨୦ ସୁଦ୍ଧା ପୌର କାର୍ଯ୍ୟାଳୟରେ ନିଜ WSHG/ALFର ରିଜୋଲ୍ୟୁଶନର ନକଲ ସହିତ ମାସିକ ପରିଚାଳନା ଗତ ଖର୍ଚ୍ଚ (ଟଙ୍କାରେ ଦର୍ଶାଇ) ଲଫାପାରେ ଦାଖଲ କରିବେ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପାଳିକା, ଅନୁଗୋଳ



## ପୌରପରିଷଦ କାର୍ଯ୍ୟାଳୟ, ନବରଙ୍ଗପୁର

ପତ୍ର ସଂଖ୍ୟା: ୧୧୬୮ ତା୨୦।୦୭।୨୦୨୦ରିଖ

**ବିଜ୍ଞାପନ**

ଏତଦ୍ୱାରା ନବରଙ୍ଗପୁର ପୌରପରିଷଦର ସମସ୍ତ ସ୍ୱୀକୃତପ୍ରାପ୍ତ ୨୮୪ଜଣ ପଥ ବ୍ୟବସାୟୀଙ୍କୁ ଜଣାଇ ଦିଆଯାଉଛି ଯେ, ପୌରପରିଷଦର ଦଶହରାପଦା ଛକ ନିକଟରେ ନୂତନଭାବେ ନିର୍ମାଣ ହୋଇଥିବା ୨୧ଗୋଟି ଲୁହା କେବିନଠାରେ ବ୍ୟବସାୟ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଣୁ ଯେଉଁ ବ୍ୟବସାୟୀମାନେ ଲୁହା କେବିନ ନେବାପାଇଁ ଇଚ୍ଛୁକ ସେମାନେ ପୌରପରିଷଦରେ ବିକ୍ରି କରାଯାଉଥିବା ନିର୍ଦ୍ଧାରିତ ଫର୍ମରେ ତା୨୧।୦୭ ରିଖଠାରୁ ତା୦୪।୦୮।୨୦୨୦ରିଖ ମଧ୍ୟାହ୍ନ ୧.୦୦ଘଣ୍ଟା ମଧ୍ୟରେ ନିଜର ସମସ୍ତ ବିବରଣୀ ଲିପିବଦ୍ଧ କରି ନିର୍ବାହୀ ଅଧିକାରୀଙ୍କ ନିକଟରେ କାର୍ଯ୍ୟାଳୟ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଆବେଦନ କରିପାରିବେ ଏବଂ ୧୦।୦୮।୨୦୨୦ ତାରିଖ ଦିନ ପୌରପରିଷଦଠାରେ ୨୧ଗୋଟି ଲୁହା କେବିନ ଲଟେରି ମାଧ୍ୟମରେ ଆବଣ୍ଟନ କରାଯିବ। ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

୧. ଦରଖାସ୍ତର ମୂଲ୍ୟ ଟ.୧୦୦ଙ୍କା (ଏକଶହ) ଯାହାକି ଫେରସ୍ତ ଦିଆଯିବ ନାହିଁ। ୨. ସଫଳ ହିତାଧିକାରୀଙ୍କୁ କେବିନ ଆବଣ୍ଟନ ପାଇଁ ଟ୧୦,୦୦୦ଙ୍କା (ଦଶ ହଜାର) ଅମାନତ ରାଶି ୧୦ଟି କିସ୍ତିରେ ପଇଠ କରିବାକୁ ହେବ ଓ ମାସିକ ଟ୩୦୦ଙ୍କା ପ୍ରତିମାସ ଶେଷରେ ପଇଠ କରିବାକୁ ହେବ। ୩. ଜଣଙ୍କ ନାମରେ କେବଳ ଗୋଟିଏ କେବିନ ବଣ୍ଟନ କରାଯିବ। ୪. ଯେଉଁ ବ୍ୟକ୍ତିଙ୍କ ସାପେକ୍ଷରେ କେବିନ ଦିଆଯିବ ସେ ନିଜେ ହିଁ ତାହାର ବ୍ୟବହାର କରିପାରିବେ ଅନ୍ୟ କାହାରିକୁ ଭଡ଼ା ବା ଲିଜ୍ ଆକାରରେ ହସ୍ତାନ୍ତର କରିପାରିବେ ନାହିଁ। ଯଦି କରିବାରେ ଦୃଷ୍ଟିଗୋଚରକୁ ଆସେ ତାଙ୍କ ସମ୍ପୃକ୍ତ କେବିନ ଓ ତାଙ୍କ ନାମ ରଦ୍ଦ କରାଯିବ। ପୌରାଞ୍ଚଳରେ ବାସ କରୁଥିବା ହିତାଧିକାରୀଙ୍କୁ ଅଗ୍ରାଧିକାର ଦିଆଯିବ। ୫. ଦିବ୍ୟାଙ୍ଗମାନଙ୍କୁ ୨୦ ପ୍ରତିଶତ ସଂରକ୍ଷଣ ରଖାଯିବ। ୬. ଦିବ୍ୟାଙ୍ଗମାନଙ୍କୁ ଦରଖାସ୍ତର ମୂଲ୍ୟଛାଡ଼ କରାଯିବ। (ଯଦି ଦିବ୍ୟାଙ୍ଗ ହୋଇଥିବେ ସେଇମାନଙ୍କ ଦିବ୍ୟାଙ୍ଗ ପ୍ରମାଣପତ୍ର ଦାଖଲ କରିବେ)। ୭. ହିତାଧିକାରୀ ଚୟନ ଲଟେରି ଉଠାଣ ମାଧ୍ୟମରେ କରାଯିବ।

ସ୍ୱା./- ନିର୍ବାହୀ ଅଧିକାରୀ, ପୌରପାଳିକା ନବରଙ୍ଗପୁର


# ପରୀକ୍ଷାମୂଳକ ଭାବେ ଗଡ଼ିଲା ଇଞ୍ଜିନ

- ହରିଦାସପୁର-ପାରାଦୀପ ରେଳପଥ

**ଚଣ୍ଡିଖୋଲ, ୨୦।୭ (ଡି.ଏନ୍.ଏ)** ହରିଦାସପୁର-ପାରାଦୀପ ରେଳପଥ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସୋମବାର ଏଥିରେ ପ୍ରଥମକରି ରେଳ ବିକାଶ ନିଗମ ଲିମିଟେଡ (ଆର୍‌ଭିଏନ୍‌ଏଲ୍) ପକ୍ଷରୁ ପରୀକ୍ଷାମୂଳକ ଭାବେ ଏକ ଇଞ୍ଜିନ ଗଡ଼ିଛି। ଚଳିତ ମାସ ଶେଷ ସୁଦ୍ଧା ଏହି ରେଳପଥରେ ପ୍ରଥମ କରି ମାଲବାହୀ ଟ୍ରେନ ଗଡିବ ବୋଲି ଆରଭିଏନ୍‌ଏଲ ତରଫରୁ ସୂଚନା ଦିଆଯାଇଛି। ରେଳ ଧାରଣା ସମ୍ପୂର୍ଣ୍ଣ ହେବାପରେ ପ୍ରଥମ ଇଞ୍ଜିନ ସୋମବାର ଗଡିଥିବା ଆରଭିଏନଏଲର ଏଜିଏମ ଅଶୋକ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ମଙ୍ଗଳବାର ଏହି ରେଳପଥରେ ଆଉ ଏକ ଇଞ୍ଜିନ ପରୀକ୍ଷାମୂଳକ ଭାବେ ଗଡ଼ିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୧୯୯୭ରୁ ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ବିଭିନ୍ନ କାରଣରୁ ଏହା ଶେଷ ହେବାରେ ବିଳମ୍ବ ହୋଇଥିଲା।

# ପୂର୍ବତନ ଭିଜିଲାନ୍ସ ଡିଏସ୍‌ପିଙ୍କୁ ୫ ଲକ୍ଷ ଜରିମାନା

**ମିଥ୍ୟା ଲାଞ୍ଚ ମାମଲାରେ ଜେଇଙ୍କୁ ଗିରଫ ମହଙ୍ଗା ପଡ଼ିଲା**

**ଭୁବନେଶ୍ୱର,୨୦।୭ (ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗ ଭିଜିଲାନ୍ସର ବିଶ୍ୱସନୀୟତା ଓ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆରସି)। ଭିଜିଲାନ୍ସ ୱିଙ୍ଗର କେତେଜଣ ଅଧିକାରୀଙ୍କ ବିରୋଧରେ ମିଥ୍ୟା ମାମଲା ନେଇ ପ୍ରମାଣ ମିଳିବା ପରେ କମିଶନ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମିଥ୍ୟା ଲାଞ୍ଚ ମାମଲାରେ ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିର ତତ୍କାଳୀନ ଜେଇଙ୍କୁ ଗିରଫ କରିଥିବା ଭିଜିଲାନ୍ସର ପୂର୍ବତନ ଡିଏସ୍‌ପି ହିମାଂଶୁ ଶେଖର ମିଶ୍ରଙ୍କ ଉପରେ କମିଶନ ୫ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏହି ଜରିମାନା ଟଙ୍କା କ୍ଷତିପୂରଣ ବାବଦକୁ ଉକ୍ତ ଯନ୍ତ୍ରୀଙ୍କୁ ୨ ମାସ ମଧ୍ୟରେ ଦେବାକୁ କମିଶନ ଭିଜିଲାନ୍ସ ବିଭାଗକୁ ନର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଦୁଇ କନ୍‌ଷ୍ଟେବଳ ଓ ଜଣେ ହୋମ୍‌ଗାର୍ଡଙ୍କ ଉପରେ କଟକଣା ଲଗାଇଛନ୍ତି। ଅନ୍ୟ ମାମଲାଗୁଡିକରେ ସେମାନଙ୍କୁ ସାମିଲ ନ କରିବାକୁ କହିଛନ୍ତି। ଏଭଳି ଷଡ଼ଯନ୍ତ୍ର ରଚିଥିବା ଠିକାଦାରଙ୍କୁ ମଧ୍ୟ କଳା ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ମିଥ୍ୟା ସାକ୍ଷୀ ଦେଇଥିବା ଡିଏସ୍‌ଡବ୍ଲ୍ୟୁଓ ଅଫିସ୍‌ର କ୍ଲର୍କ ଓ ପିଅନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।


## CHIEF DISTRICT MEDICAL & PUBLIC HEALTH OFFICER, SUNDARGARH

Advertisement No. 4248 Date: 18.07.2020

**WALK-IN-INTERVIEW FOR TEMPORARY ENGAGEMENT OF ANMS FOR CCH UNDER COVID - 19**

No. E-124: Walk-in-Interview will be conducted for the ANM CANDIDATES OF THE DISTRICT FOR TEMPORARY ENGAGEMENT AT COVID CARE HOMES at Panchayat Level of Sundargarh district under COVID-19. The positions are purely temproary, for a period of 03 (three) months only or till Covid Care Homes are functional, whichever is earlier, keeping in view of the emergency situation arising due to Covid-19. Canvassing in any form will render the candidate disqualified for the position.

| Sl. No. | Name of the Category to be engaged | Basic Requirements | Total Remuneration Per Day |
|---|---|---|---|
| 1 | ANM | Candidates must have completed ANM course from recognized Government Institutions having valid Registration Certificates from INC/ONC, Unemployed and Trained. | Rs.850/- |

| Sl. No. | Candidates of these blocks will attend the Walk-in-Interview as per the Schedule & Venue | Date, Time & Venue of the Walk-in-Interview |
|---|---|---|
| 1 | Koira | Date: 28.07.2020 Time: 9.00 A.M. to 04.00 P.M. Venue: SDH Bonai, O/o. Superintendent, Bonai |
| 2 | Lahunipara | |
| 3 | Bonai | |
| 4 | Gurundia | |
| 5 | Lathikata | Date: 28.07.2020 Time: 9.00 A.M. to 04.00 P.M. Venue: O/o. UCHC, Panposh, Rourkela |
| 6 | Bisra | |
| 7 | Nuagaon | |
| 8 | Kuarmunda | |
| 9 | Rourkela | |
| 10 | Rajgangpur | Date: 28.07.2020 Time: 9.00 A.M. to 04.00 P.M. Venue: O/o. Superintendent, CHC, Rajgangpur |
| 11 | Kutra | |
| 12 | Bargaon | |
| 13 | Subdega | Date: 28.07.2020 Time: 9.00 A.M. to 04.00 P.M. Venue: Regional Vaccine Store (RVS) Building, O/o. CDM & PHO, Sundargarh |
| 14 | Balisankara | |
| 15 | Hemgir | |
| 16 | Lephripara | |
| 17 | Tangarpali | |
| 18 | Sundargarh (Sadar) | |

The number of vacancies may vary as per the requirement and the **undersigned** reserves the right to cancel any or all the applications without assigning any reason thereof. Details of general terms & condition, selection porcess and application form can be downloaded from the district website **www.sundergarh.nic.in**. Keeping in view of the present Covid situation in the district to avoid large crowd. The interested candidates fulfilling the eligibility criteria have to attend the Walk-in-Interview as per the schedule and offices mentioned against each. No registration will be allowed after scheduled timing of registration.

**Sd./- Chief District Medical & Public Health Officer, Sundargarh**

OIPR-10100/11/0007/2021



## ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

SAMS
Student Academic Management System

**ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ ୨୦୨୦-୨୧ ଶିକ୍ଷାବର୍ଷର ନାମଲେଖା ବିଜ୍ଞାପନ**

No. KK-04: ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ୨୦୨୦-୨୧ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନ୍‌ଲାଇନ ପଦ୍ଧତିରେ ନାମଲେଖାଯିବ ଓ ଏଥିପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନପତ୍ର ତା୨୦।୦୭।୨୦୨୦/୨୧।୦୭।୨୦୨୦ରିଖଠାରୁ ଗ୍ରହଣ କରାଯିବ।

**ନାମଲେଖା ପ୍ରଣାଳୀ:**

କ) ଆବେଦନକାରୀ ତା୧।୮।୨୦୨୦ରିଖ ସୁଦ୍ଧା ୧୪ବର୍ଷ ବୟସର ହୋଇଥିବେ, କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ।

ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ଟ୍ରେଡ୍ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ୍/ଅଷ୍ଟମ ଶ୍ରେଣୀ ପାସ୍) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ **www.samsodisha.gov.in** ବା **www.dtetodisha.gov.in**ରେ ଉପଲବ୍ଧ ଅଛି।

ଗ) SAMS ପୋର୍ଟାଲ **www.samsodisha.gov.in** ବା **www.dtetodisha.gov.in**ରେ ଲଗ୍‌ଇନ୍ କରି Onlineରେ ଆବେଦନ କରିବେ।

ଘ) ଆବେଦନକାରୀମାନେ ପ୍ରଚଳିତ SAMS ଅନ୍‌ଲାଇନ ନାମଲେଖା ପ୍ରଣାଳୀରେ ମାଟ୍ରିକ ମାର୍କ ଓ ଜାତିଗତ ପ୍ରମାଣପତ୍ରର ଅଟୋ ଭାଲିଡେସନର ସୁବିଧା ନେଇପାରିବେ। ଅଟୋ ଭାଲିଡେସନ କରିପାରୁ ନ ଥିବା ଆବେଦନକାରୀମାନେ ନିକଟସ୍ଥ ଯେକୌଣସି ନୋଡାଲ ସେଣ୍ଟରରେ (ସରକାରୀ ଆଇ.ଟି.ଆଇ.) ନିଜ ନିଜର ପ୍ରମାଣପତ୍ର ଭାଲିଡେସନ କରିପାରିବେ।

ଙ) ଅଧିକ ବିବରଣୀ ନିମିତ୍ତ, ପ୍ରାର୍ଥୀ ସହାୟତା ଟୋଲ୍ ଫ୍ରି ନମ୍ବର - ସଂଯୋଗ Helpline - **୧୫୫୩୩୫** କିମ୍ବା **୧୮୦୦-୩୪୫-୬୭୭୦** ବା ନିକଟସ୍ଥ ସରକାରୀ ଆଇ.ଟି.ଆଇ.ରେ ଯୋଗାଯୋଗ କରି କୁଶଳୀ କାରିଗର ହେବା ପାଇଁ ଏହି ସୁଯୋଗ ନିଅନ୍ତୁ।

ସ୍ୱା./- ନିର୍ଦ୍ଦେଶକ
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-14004/11/0007/2021



## अखिल भारतीय आयुर्विज्ञान संस्थान (एम्स), भुवनेश्वर
## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR

सिजुआ, डाक : डुमुडुमा, भुवनेश्वर -751019
Sijua, P.O.-Dumuduma, Bhubaneswar-751019

No. AIIMS/BBSR/CONT.RECT. /2020/856/1457 Dated:17th July, 2020

**ADDENDUM**

In continuation to Advertisement No.- AIIMS/BBSR/CONT.RECT./2020/856/1323, Dated- 09.07.2020 for recruitment of various post of Faculty and Non-Faculty at AIIMS Bhubaneswar on contractual basis, the following posts have been added in addition to the previous vacancies already published in the advertisement:

**FACULTY**

| Sl. | Department | Name of Post | Monthly Remuneration (Consolidated) | Age Limit | No. of Post & Category |
|---|---|---|---|---|---|
| 01 | Anaesthesiology / Trauma & Emergency | Assistant Professor | Rs.1,42,406/- (including earlier advertised posts) | 50 years | 02 (OBC) |

**Qualification and Experience of the above Faculty Posts as under:**

| Sl. | Name of the Post | Qualifications / Experience |
|---|---|---|
| 01 | Assistant Professor | Essential for Medical Candidates for (General Disciplines) 1. A medical Qualification included in the I or II schedule or part II of the third schedule to the Indian Medical Council Act of 1956 (Persons possessing qualifications included in part II of third schedule should also fulfil the conditions specified in section 13(3) of the Act.) 2. A postgraduate qualification e.g. MD/MS or a recognized qualification equivalent thereto in the respective discipline/subject. Experience: Three years teaching and/or research experience in recognized Institution in the subject of speciality after obtaining the qualifying degree of M.D. /M.S. or qualification recognized equivalent thereto. |

**All other Terms & Conditions of previous advertisement vide no: AIIMS/BBSR/CONT.RECT./ 2020/856/1323, Dated- 09.07.2020 will remain unchanged.**

All candidates are requested to visit the website regularly since all subsequent corrigendums/Addendums/ updates will only be uploaded on the website. The last date for submission of applications is **10.08.2020 (up to 05:00 PM).**

Sd/-
निदेशक/Director
एम्स, भुवनेश्वर/AIIMS, Bhubaneswar

ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ- ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। -ଶ୍ରୀମା

# କେରଳ ସୁନା

ନଗଦ ଅର୍ଥ ପରେ ସବୁଠାରୁ ଅଧିକ ଲିକ୍ୱିଡିଟି ବା ସହଜରେ ଅର୍ଥ ଭଳି କାମ ଦେଉଥିବା ହଳଦିଆ ଧାତୁ ହେଲା ସୁନା। ବିଶେଷକରି ବିମୁଦ୍ରୀକରଣ ପରେ ଓ ଭାରତୀୟ ଟଙ୍କାର ଅବମୂଲ୍ୟାୟନ ସର୍ବଦା ଘଟୁଥିବାରୁ ଏହି ଧାତୁର ଚାହିଦା ବୃଦ୍ଧି ପାଉଛି। ସେଥିପାଇଁ ଏହି ଦ୍ରବ୍ୟର ବହୁଳ ମାତ୍ରାରେ ଚୋରାଚାଲାଣ ହୋଇଥାଏ। ଭାରତରେ ଗୁଜରାଟ, ଡାମନ ଓ ମହାରାଷ୍ଟ୍ର ପରେ ଏବେ ନୂତନ ଭାବେ କେରଳ ସୁନା ବ୍ୟବସାୟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ବର୍ଷକ ମଧ୍ୟରେ ୨୩୦ କେଜି ସୁନା କେରଳ ରାଜଧାନୀ ଥିରୁଭାନନ୍ତପୁରମ୍‌କୁ ଚୋରା ଚାଲାଣ ହୋଇ ଆସିଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପ୍ରକାଶ କରିଛି। ଓଡ଼ିଶାରେ ମଧ୍ୟ ସୁନା ଚୋରାଚାଲାଣ ଗତ କିଛି ବର୍ଷ ଧରି କ୍ରମାଗତ ହୋଇଆସୁଛି। ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ବର୍ଷକ ମଧ୍ୟରେ ଅନେକ କିଲୋଗ୍ରାମ୍ ସୁନା ବାରମ୍ବାର ଜବତ ହୋଇଥିବାର ଖବର ପଢ଼ିବାକୁ ମିଳିଛି। କୋଭିଡ୍-୧୯ଜନିତ ଲକ୍‌ଡାଉନ ଯୋଗୁ ଅନ୍ତର୍ଜାତୀୟ ଉଡ଼ାଣ ବାତିଲ ହୋଇଥିବାରୁ ଏବେ ଏହି କାରବାର ବନ୍ଦ ରହିଛି।

କେରଳ କଥା ଦେଖିଲେ ୫ ଜୁଲାଇରେ ଥିରୁଭାନନ୍ତପୁରମ୍ ବିମାନବନ୍ଦରରୁ ୩୦ କେଜି ସୁନା ଜବତ ହେବା ପରେ ଦେଶର ଏକ ବଡ଼ ଚୋରା କାରବାର ଘଟଣା ପଦାକୁ ଆସିଛି। ଏଥିରେ ମୁଖ୍ୟ ଅଭିଯୁକ୍ତ ପି.ଏସ୍. ସାରିଥ ଓ ସ୍ୱପ୍ନା ସୁରେଶ ୟୁଏଇ କନ୍‌ସୁଲେଟ୍‌ର ଜାଲ୍ ଦସ୍ତାବିଜ ବ୍ୟବହାର କରି କୂଟନୈତିକ ଚ୍ୟାନେଲ ଜରିଆରେ ଏହାକୁ ଚାଲାଣ କରି ଆଣୁଥିଲେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, କେରଳ ମୁଖ୍ୟମନ୍ତ୍ରୀ ପିନରାୟି ବିଜୟନଙ୍କ ପୂର୍ବତନ ସଚିବ ଏମ୍. ଶିବଶଙ୍କର ଏବଂ ସରକାରଙ୍କ ପୂର୍ବତନ ଆଇଟି ଅଧିକାରୀ ଅରୁଣ ବାଲଚନ୍ଦ୍ରନଙ୍କ ନାମ ଏଥିରେ ଥିବା ସୂଚନା ମିଳିଛି। ତେବେ ଏହି ଘଟଣାରେ ସ୍ୱପ୍ନା ସୁରେଶ ନାମ୍ନୀ ଯେଉଁ ମହିଳା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ତାଙ୍କ କଲ୍ ଲିଷ୍ଟରୁ ସରକାରଙ୍କ କ୍ୟାବିନେଟର ଜଣେ ବରିଷ୍ଠ ମନ୍ତ୍ରୀ ଥିବା ତଦନ୍ତ ଅଧିକାରୀ କହିଛନ୍ତି। ଇତିମଧ୍ୟରେ ଏହି ହାଇପ୍ରୋଫାଇଲ ମାମଲାରେ ଏନ୍‌ଆଇଏ ୪ ଜଣଙ୍କୁ ଗିରଫ କରିଥିବା ବେଳେ ସୀମାଶୁଳ୍କ ବିଭାଗ ୧୩ ଜଣଙ୍କୁ ଧରିଥିବା ପ୍ରକାଶ କରିଛି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଏହି ତଦନ୍ତକୁ ରାଜନୀତିକରଣ କରାଯିବାର ବାସ୍ନା ମିଳୁଛି। କେରଳର ବାମପନ୍ଥୀ ସରକାର କେନ୍ଦ୍ରର ମୋଦି ସରକାରଙ୍କୁ ବିରୋଧ କରୁଥିବାରୁ ପିନରାୟିଙ୍କୁ ଅଡୁଆରେ ପକାଇବା ସକାଶେ ପ୍ରଚେଷ୍ଟା ଆରମ୍ଭ ହୋଇଥିବା ଭଳି ମନେହେଉଛି।

ଦେଶର ସୁନା କାରବାରର ପ୍ରାୟ ୭୦ ପ୍ରତିଶତ ବ୍ୟବସାୟ ଚୋରା ଚାଲାଣ ଉପରେ ନିର୍ଭରଶୀଳ। ସୀମାଶୁଳ୍କର ଅଧିକାଂଶ ଦୁର୍ନୀତିଗ୍ରସ୍ତ ଅଧିକାରୀ ଏଭଳି ର୍‍ୟାକେଟ ସହ ସମ୍ପୃକ୍ତ ଥିବା ଅତୀତରୁ ବହୁବାର ଜଣାପଡ଼ିଛି। କେରଳରେ ବର୍ଷକ ମଧ୍ୟରେ ଯେଉଁଭଳି ଭାବେ ସୁନା ଚୋରାଚାଲାଣ ହୋଇଛି ସେଥିରେ କୂଟନୈତିକ ଚ୍ୟାନେଲକୁ ଅନେକ ଥର ବ୍ୟବହାର କରାଯାଇଥିବା ଜଣାପଡ଼ିଛି। ତେବେ ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ସୁନା ଚୋରାଚାଲାଣର ତଦନ୍ତ ଦିଗକୁ ତଦାରଖ କରିବା ପାଇଁ କୋଚିରେ ପହଞ୍ଚିବା ଦର୍ଶାଉଛି ଯେ ଏଥିରେ ରାଜନୈତିକ ଦିଗକୁ ଯୋଡ଼ାଯାଇଛି। ଏକ ଆପରାଧିକ କାରବାରର ତଦନ୍ତ ଦିଗରେ ଡୋଭାଲଙ୍କ ଆଗ୍ରହ ବହୁ ଦିଗକୁ ସୂଚିତ କରୁଛି। ଡୋଭାଲ ଏବେ ଜେମ୍ସ ବଣ୍ଡ୍ ଭାବେ ପରିଚିତ ହେଉଛନ୍ତି। ତବଲିଘି ଜମାତକୁ ରାତିଅଧରେ ଯାଇ ସେ ସେଠାରେ ଥିବା ବିଭିନ୍ନ ପ୍ରାନ୍ତର ମୌଲାନାମାନଙ୍କୁ ତୁରନ୍ତ ନିଜ ଘରକୁ ଫେରିଯିବାକୁ ନିର୍ଦ୍ଦେଶ ଦେଇଥିବା କଥା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେତେବେଳେ ତାଙ୍କ ବିପକ୍ଷରେ ମତ ପ୍ରକାଶ ପାଇଥିଲା ଯେ, ଏହି ମୌଲାନାମାନଙ୍କୁ ବିଦା କରିଦେବା ପରିବର୍ତ୍ତେ ନିଜାମୁଦ୍ଦିନ୍‌ଠାରେ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିବା ଉଚିତ ହୋଇଥାଆନ୍ତା। ଅନ୍ୟ ଏକ ଘଟଣାରେ ଡୋଭାଲଙ୍କ ନିଷ୍ପତ୍ତି ସମାଲୋଚିତ ହୋଇଥିଲା। ଚାଇନାର ବହିର୍ବ୍ୟାପାର ମନ୍ତ୍ରୀଙ୍କ ସହିତ ଭାରତର ପ୍ରତିନିଧି ଭାବରେ ଡୋଭାଲ ଆଲୋଚନା କରି ଗଲୱାନ ଉପତ୍ୟକାର ସମସ୍ୟା ସମାଧାନ କରିଥିବାର ଖବର ମିଳିଥିଲା। ସେହି ସମାଧାନ ଫଳରେ ଭାରତୀୟ ସେନା ନିଜ ଅଞ୍ଚଳରୁ ଦୁଇ କିଲୋମିଟର ପଛକୁ ଫେରିଆସିଥିଲା। ଏଭଳି ପ୍ରଚ୍ଛଦପଟରେ ଡୋଭାଲଙ୍କ ଭଳି ଜଣେ ଗୁରୁତ୍ୱପୂର୍ଣ୍ଣ ଅଧିକାରୀ ଯେତେବେଳେ କେରଳରେ ମୁଣ୍ଡ ପୂରାଇଛନ୍ତି ସେତେବେଳେ ସେଠାରେ କିଛି ନାଟକୀୟ ଘଟଣା ଘଟିବାର ଆଭାସ ମିଳୁଛି। ଏହା ସୁନା ଚୋରା ଚାଲାଣଠାରୁ ଯଥେଷ୍ଟ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ଜୁଲାଇ ୧୯୯୫**

- ପେରୁର ପୂର୍ବତନ ରାଷ୍ଟ୍ରପତି ଆଲାନ ଗାର୍ସିଆ ପିରେଜ କ୍ଷମତାରେ ଥିବା ସମୟରେ ପ୍ରାୟ ୩ ନିୟୁତ ଆମେରିକୀୟ ଡଲାର ଲାଞ୍ଚ ନେଇଥିବା ଏକ ତଥ୍ୟଗତ ପ୍ରମାଣ ମିଳିଛି।
- ପଶ୍ଚିମବଙ୍ଗ ବିଧାନସଭାରେ ଜ୍ୟୋତି ବସୁ ସରକାର ବିରୁଦ୍ଧରେ ବିରୋଧୀ କଂଗ୍ରେସ ଦଳ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଯାଇଛି।
- ଜମ୍ମୁର ପୁରାନାମଣ୍ଡିଠାରେ ଏକ ଅଟୋରିକ୍ସାରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୧୬ ଜଣଙ୍କର ପ୍ରାଣହାନି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | D | | C | E | | 5 | | | |
| 7 | | | A | 9 | B | | | | | D | 8 | | | |
| | | | | | 2 | | | | | | 9 | 3 | A | |
| | 5 | | | 1 | | 7 | 3 | A | 6 | | | | | |
| 8 | B | | E | | | 6 | | | | A | 7 | 0 | | |
| | | 2 | | | | | | | | | E | | | D |
| 6 | 4 | B | | | | A | | D | | 0 | | | 7 | |
| | | A | | | | 5 | | | 3 | 7 | 1 | | | 0 |
| 0 | | | B | | | 4 | | 6 | | | | | 2 | |
| | | 7 | | | A | 3 | C | | | B | | | | |
| | | | C | 5 | | | 6 | | | | | | | |
| | 6 | | | | 9 | | | | | 5 | D | 2 | | 8 |
| | | | | | 7 | | | 5 | C | 6 | | | | 3 |
| | 1 | E | | 8 | 3 | | | | | | 2 | 4 | 0 | |
| D | | | | | | E | | 0 | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | C | 7 | 6 | B | D | 1 | A | 5 | 9 | 0 | 2 | 4 | 8 | 3 |
| D | 9 | 3 | 1 | E | C | 0 | 7 | 4 | 5 | B | 8 | 2 | 6 | A |
| 0 | B | 6 | 5 | A | 3 | E | 8 | 2 | 4 | C | D | 1 | 9 | 7 |
| 5 | 2 | 4 | 8 | 7 | 0 | 6 | D | 9 | A | 1 | 3 | B | C | E |
| 8 | A | 1 | 4 | 9 | 2 | 3 | C | B | 6 | 7 | E | D | 0 | 5 |
| 4 | 1 | 8 | D | 3 | 6 | C | 5 | A | B | E | 7 | 9 | 2 | 0 |
| B | D | E | C | 0 | 7 | 9 | 2 | 1 | 8 | 3 | 5 | A | 4 | 6 |
| 2 | 0 | A | B | 4 | 5 | 7 | 6 | E | C | D | 9 | 3 | 1 | 8 |
| 7 | 6 | C | 9 | 8 | 1 | B | 0 | 3 | 2 | 4 | A | 5 | E | D |
| 3 | 5 | 9 | A | 2 | E | D | 4 | 8 | 1 | 6 | 0 | C | 7 | B |
| 1 | E | 5 | 0 | C | A | 8 | 9 | 7 | D | 2 | B | 6 | 3 | 4 |
| 9 | 4 | 0 | 3 | D | 8 | 2 | B | C | 7 | A | 6 | E | 5 | 1 |
| 6 | 8 | 2 | E | 1 | B | 4 | 3 | D | 0 | 5 | C | 7 | A | 9 |
| C | 3 | B | 7 | 5 | 9 | A | 1 | 6 | E | 8 | 4 | 0 | D | 2 |
| A | 7 | D | 2 | 6 | 4 | 5 | E | 0 | 3 | 9 | 1 | 8 | B | C |

ଗତକାଲିର ଉତ୍ତର

# ଜୀବନ ବଞ୍ଚାଇବ ପ୍ଲାଜ୍‌ମା ଥେରାପି



ଡା.ସତ୍ୟସ୍ୱରୂପ ପଟ୍ଟନାୟକ

ସମଗ୍ର ବିଶ୍ୱରେ ଭୟାବହ ଆତଙ୍କ ଖେଳାଇ ଦେଇଥିବା କରୋନା ପାଇଁ ପ୍ଲାଜ୍‌ମା ଥେରାପି ମୃତ୍ୟୁ ସଞ୍ଜୀବନୀ ସଦୃଶ। ଏହି କ୍ରମରେ ଦେଖିଲେ ଭାରତର ଅନ୍ୟ ରାଜ୍ୟ ତୁଳନାରେ ପ୍ଲାଜ୍‌ମା ଥେରାପିକୁ ସଫଳତାର ସହ ଆଗେଇ ନେବା ପାଇଁ ଓଡ଼ିଶା ଏବେ ସଫଳତା ପାଇଛି। ଦିଲ୍ଲୀ ଓ ମହାରାଷ୍ଟ୍ର ପରେ ତୃତୀୟ ରାଜ୍ୟ ଭାବେ ଓଡ଼ିଶା କରୋନା ମୁକାବିଲା ପାଇଁ ପ୍ଲାଜ୍‌ମା ଥେରାପିକୁ ଗ୍ରହଣ କରିଛି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଟ୍ରାନ୍ସଫ୍ୟୁଜନ ମେଡ଼ିସିନ ବିଭାଗରେ ରାଜ୍ୟର ପ୍ଲାଜ୍‌ମା ଥେରାପି ନୋଡାଲ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନରୁ ଜଣେ ଶିଶୁରୋଗ ଡାକ୍ତର ଚିତ୍ତରଞ୍ଜନ ପଣ୍ଡା, ମନୋଜ କୁମାର ବରାଳ, ଅବିନାଶ ରାଉତ ଓ ପଙ୍କଜ କୁମାର ବେହେରା ଆଗେଇ ଆସିଥିବାବେଳେ ଅନ୍ୟ ଆଗ୍ରହୀ ଦାତାମାନେ ମଧ୍ୟ ଏହି କ୍ଷେତ୍ରରେ ଆଗଭର ହୋଇଛନ୍ତି।

ପ୍ଲାଜ୍‌ମା ବିଷୟରେ କିଛି ଆଲୋକପାତ କରୁଛୁ। ବାସ୍ତବରେ ପ୍ଲାଜ୍‌ମା ହେଉଛି ରକ୍ତର ଲିକ୍ୟୁଇଡ୍ କମ୍ପୋନେଣ୍ଟ। କରୋନା ରୋଗୀ ସୁସ୍ଥ ହେବା ପରେ ସେମାନଙ୍କ ରକ୍ତର ପ୍ଲାଜ୍‌ମାରେ ଆଣ୍ଟିବଡ଼ି ତିଆରି ହୋଇଥାଏ। ଏହି ପ୍ଲାଜ୍‌ମାକୁ ଆଣି କରୋନା ଆକ୍ରାନ୍ତକୁ ଦିଆଗଲେ ଆଣ୍ଟିବଡ଼ି ଆକ୍ରାନ୍ତ ବ୍ୟକ୍ତିଙ୍କ ଚିକିତ୍ସାରେ ସହାୟକ ହେବ। ପ୍ଲାଜ୍‌ମା ଥେରାପି ନୂଆ ନୁହେଁ। ୧୮୯୨ରୁ ଏହି ପ୍ରକ୍ରିୟାରେ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଡିଫ୍‌ଥେରିଆ ନାମକ ରୋଗର ଚିକିତ୍ସା ପାଇଁ ପ୍ରଥମେ ପ୍ଲାଜ୍‌ମା ଥେରାପି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଇବୋଲା, ସ୍ୱାଇନ୍ ଫ୍ଲୁ, ସାର୍ସ ଭଳି ରୋଗର ଚିକିତ୍ସା ପାଇଁ ମଧ୍ୟ ପ୍ଲାଜ୍‌ମା ଥେରାପି ଦିଆଯାଇଛି। ଆକ୍ରାନ୍ତ ସୁସ୍ଥ ହେବାର ୧୪ ଦିନ ପରେ ଯାଇ ପ୍ଲାଜ୍‌ମା ଦାନ କରିପାରିବେ। ୧୮ରୁ ୬୦ ବର୍ଷ ବୟସର ଲୋକଙ୍କଠାରୁ ପ୍ଲାଜ୍‌ମା ନିଆଯାଇପାରିବ। ବ୍ୟକ୍ତିର ଓଜନ ୫୦ କିଲୋରୁ କମ୍ ହୋଇ ନ ଥିବ। ପ୍ଲାଜ୍‌ମା ଦେବା ପୂର୍ବରୁ ସେ ସୁସ୍ଥ ଅଛନ୍ତି କି ନାହିଁ ଏହାକୁ ଦେଖିବାକୁ ହେବ। ପ୍ଲାଜ୍‌ମା ଦାତାଙ୍କଠାରୁ ମେଶିନ୍‌ରେ ରକ୍ତ ନିଆଯିବ। ତେବେ କେବଳ ପ୍ଲାଜ୍‌ମାକୁ ଗ୍ରହଣ କରିବା ପରେ ରକ୍ତ ପୁଣିଥରେ ବ୍ୟକ୍ତି ଦେହକୁ ଫେରିଯିବ। ତିନି ମାସ ବ୍ୟବଧାନରେ ରକ୍ତଦାନ କରିବାକୁ ଥିବାବେଳେ ପ୍ଲାଜ୍‌ମା କିନ୍ତୁ ଜଣେ ସପ୍ତାହକୁ ଦୁଇଥର ଦାନ କରିପାରିବେ। ତେବେ ପ୍ଲାଜ୍‌ମା ଦାନ ପୂର୍ବରୁ ଏଚ୍‌ଆଇଭି, ହେପାଟାଇଟିସ୍ ବି ଓ ସି'ର ପରୀକ୍ଷା କରାଯିବ। ପ୍ଲାଜ୍‌ମାକୁ ଅଧିକ ଦିନ ଯାଏ ଷ୍ଟୋର କରି ମଧ୍ୟ ରଖିହେବ। ଜଣେ ଡୋନରଙ୍କଠାରୁ ନିଆଯାଇଥିବା ପ୍ଲାଜ୍‌ମାକୁ ଦୁଇଜଣଙ୍କୁ ଦିଆଯାଇପାରିବ। ବାସ୍ତବ କଥା ହେଉଛି ଏକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ହେଉଛି ପ୍ଲାଜ୍‌ମା।

ଏ କ୍ଷେତ୍ରରେ ଜଣେ ଡୋନରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, କାରଣ ସର୍ବପ୍ରଥମେ ଡୋନରଙ୍କ କୋଭିଡ୍ ଟେଷ୍ଟ ଓ ପରେ ଅନ୍ୟ ସମସ୍ତ ଆନୁଷଙ୍ଗିକ ନମୁନା ଯାଞ୍ଚ ହେବ। ନିୟମ ଅନୁଯାୟୀ ଡୋନରଙ୍କ ବୟସ ୨୦ରୁ ୫୦ ବର୍ଷ, ଓଜନ ସର୍ବନିମ୍ନ ୫୫ କିଗ୍ରା ଏବଂ କରୋନା ଆକ୍ରାନ୍ତ ହୋଇ ସୁସ୍ଥ ହେବାର ଅତିକମ୍‌ରେ ୪ ସପ୍ତାହ ହୋଇଥିବା ଜରୁରୀ। ମହିଳାଙ୍କ କ୍ଷେତ୍ରରେ ସମସ୍ତ ନିୟମ ସମାନ ରହିବା ସହ କେବଳ ଡୋନର ମହିଳା ଶିଶୁ ଜନ୍ମ କିମ୍ବା ଗର୍ଭଧାରଣ କରି ନ ଥିବା ବାଞ୍ଛନୀୟ। ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ପ୍ଲାଜ୍‌ମା ପ୍ରଦାନ ପାଇଁ ଆଗ୍ରହୀ ସେମାନେ ସ୍ୱାସ୍ଥ୍ୟବିଭାଗର ୱେବ୍‌ସାଇଟରେ ନାମ ପଞ୍ଜୀକରଣ କଲାପରେ ସେମାନଙ୍କୁ କାଉନ୍‌ସେଲିଂ କରାଯିବ ଓ ପରେ ସେମାନେ ପ୍ଲାଜ୍‌ମା ଦାନ ପାଇଁ ଯୋଗ୍ୟ ବିବେଚିତ ହେବେ। ଜଣେ ପ୍ଲାଜ୍‌ମା ଦାତାଙ୍କୁ ଦାନ କରିବାକୁ ପାଖାପାଖି ଦୁଇଦିନ ସମୟ ଲାଗିବ। ଗୋଟିଏ ଦିନରେ ପ୍ଲାଜ୍‌ମା ଦେଉଥିବା ବ୍ୟକ୍ତିଙ୍କ ଆବଶ୍ୟକ ଡାକ୍ତରୀ ପରୀକ୍ଷା ନିରୀକ୍ଷା କରାଯିବା ପରେ କାଉନ୍‌ସେଲିଂ ଓ ଏହି ଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବ। ଜଣେ ଦାତା କରୋନାରୁ ସୁସ୍ଥ ହେବାର ୨୮ଦିନ ପରେ ପ୍ଲାଜ୍‌ମା ଦେଇପାରିବେ। ଦୂରରୁ ଆସୁଥିବା ପ୍ଲାଜ୍‌ମା ଦାତାଙ୍କ ପାଇଁ ସରକାର ୯ହଜାର ଟଙ୍କା ଖର୍ଚ୍ଚ କରିବେ। ସେହିପରି ଯେଉଁମାନେ କରୋନାରୁ ଆରୋଗ୍ୟ ଲାଭ ହେଲେଣି ସେମାନଙ୍କୁ ମଧ୍ୟ ପ୍ଲାଜ୍‌ମା ଦାନ କରିବାକୁ ସଚେତନ କରାଯିବ। ଜଣେ ପ୍ଲାଜ୍‌ମା ଦାତାଙ୍କଠାରୁ ପ୍ଲାଜ୍‌ମା ସଂଗ୍ରହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ସତର୍କତା ମଧ୍ୟ ଅବଲମ୍ବନ କରାଯାଇଥାଏ।

ଗୁରୁତର କୋଭିଡ୍ ରୋଗୀଙ୍କ ପାଇଁ ମୃତ୍ୟୁ ସଞ୍ଜୀବନୀ ଓ ଅମୋଘ ଅବ୍ୟର୍ଥ ବ୍ୟବସ୍ଥା ପାଲଟିଛି ପ୍ଲାଜ୍‌ମା ଥେରାପି। ରକ୍ତଦାନ ପରି ପ୍ଲାଜ୍‌ମା ଦାନ ଲାଗି ସାଧାରଣରେ ସଚେତନତା ବୃଦ୍ଧି ପାଇବା ଦରକାର। ଆଇସିଏମ୍‌ଆର୍ ଗାଇଡ ଲାଇନ ଅନୁସାରେ ଏବେ ପ୍ଲାଜ୍‌ମା ସଂଗ୍ରହ କାର୍ଯ୍ୟକ୍ରମ ରାଜ୍ୟରେ ଜାରି ରହିଛି। ମହାରାଷ୍ଟ୍ର, ଦିଲ୍ଲୀ ଓ କେରଳ ପରେ ଓଡ଼ିଶା ହେଉଛି ଚତୁର୍ଥ ରାଜ୍ୟ, ଯେ କି ପ୍ଲାଜ୍‌ମା ଥେରାପି ଚିକିତ୍ସା ଆରମ୍ଭ କରିଛି। ଜଣେ ଡୋନରଙ୍କଠାରୁ ପ୍ଲାଜ୍‌ମା ସଂଗ୍ରହ କରିବା ପାଇଁ ଆଫେରେସିସ୍ ମେଶିନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ମେଶିନ ଡୋନରଙ୍କ ରକ୍ତରୁ ପ୍ଲାଜ୍‌ମାକୁ ପୃଥକ୍ କରି ପୁଣି ଡୋନରଙ୍କ ଶରୀରକୁ ଅବଶିଷ୍ଟ ରକ୍ତାଂଶ ଫେରାଇଦିଏ। ପ୍ଲେଟ୍‌ଲେଟ ସଂଗ୍ରହରେ ମଧ୍ୟ ଏହି ମେଶିନ କାମରେ ଲାଗେ। କିନ୍ତୁ ଏସ୍‌ସିବିର ବ୍ଲଡ୍‌ବ୍ୟାଙ୍କରେ ପାଞ୍ଚ ବର୍ଷ ଓ ରେଡ୍‌କ୍ରସ ବ୍ଲଡ୍‌ବ୍ୟାଙ୍କରେ ଗତ ୧୦ବର୍ଷ ହେଲା ଏହି ମେଶିନ ଖରାପ ହୋଇପଡ଼ିଥିଲା। ତେଣୁ ଉଭୟ ପ୍ଲାଜ୍‌ମା ଓ ପ୍ଲେଟ୍‌ଲେଟ ପାଇଁ ହେଲ୍‌ଥ ହବ୍ କଟକ ସିଟିକୁ ରାଜଧାନୀ ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଥିଲା। କିନ୍ତୁ ଏବେ ଏସ୍‌ସିବି ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗକୁ ପ୍ଲାଜ୍‌ମାଥେରାପିର ନୋଡାଲ ସେଣ୍ଟର ତଥା ପ୍ଲାଜ୍‌ମା ବ୍ୟାଙ୍କ ବୋଲି ଘୋଷଣା କରାଯିବା ପରେ ଏଠାକୁ ଏକ ନୂଆ ଆଫେରେସିସ୍ ମେଶିନ ଦିଆଯାଇଛି। ଆଗକୁ ଆଉ ଗୋଟିଏ ନୂଆ ମେଶିନ ମଧ୍ୟ ଆସିବ। ପ୍ଲାଜ୍‌ମା ଦାନ ପାଇଁ ସାଧାରଣତଃ ପ୍ଲାଜ୍‌ମା ଦାତାଙ୍କ ଓଜନ, ରକ୍ତ ଶର୍କରା, ବ୍ଲଡ଼ପ୍ରେସର, ପ୍ରୋଟିନ୍, ସିବିସି, ଆଣ୍ଟିବଡ଼ି, ଭିଡ଼ିଆରଏଲ୍, ମ୍ୟାଲେରିଆ, ଏଚ୍‌ଆଇଭି, ଏଚ୍‌ବିସି, ହେପାଟାଇଟିସ ଆଦି ବିଭିନ୍ନ ପ୍ରକାର ପରୀକ୍ଷା ଜରୁରୀ।

ଆସିଷ୍ଟାଣ୍ଟ ପ୍ରଫେସର, କାର୍ଡିଆକ୍ ଆନାସ୍‌ଥେସିଆ, ହାଇଟେକ୍ ମେଡ଼ିକାଲ କଲେଜ, ଭୁବନେଶ୍ୱର, ମୋ :୯୯୦୧୧୪୫୭୯୫

# ପରାଜୟ ପାଇଁ ମଣିଷର ଜନ୍ମ ନୁହେଁ



ଡ. ପବିତ୍ର ସୁବୁଦ୍ଧି

ଏ ସଂସାରରେ ସବୁ ମଣିଷ ମରନ୍ତି, କିନ୍ତୁ ସମସ୍ତେ ବଞ୍ଚିବା ଜାଣନ୍ତି ନାହିଁ। ସେଇଥିପାଇଁ ଅସଲ ମୃତ୍ୟୁ ପୂର୍ବରୁ ଅନେକ ମଣିଷ ଅନେକ ଥର ମରିଥାନ୍ତି। ଏ ପୃଥିବୀର ଶ୍ରେଷ୍ଠ ଜୀବ ମଣିଷ ଏବେ ସାମାନ୍ୟ ସାମାନ୍ୟ କଥାରେ ବହୁ ଭୟଙ୍କର ନିଷ୍ପତ୍ତି ନେଇଯାଉଛି। ଗତ କିଛିଦିନ ତଳେ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା (ସନ୍ଦିଗ୍ଧ ଅପମୃତ୍ୟୁ) ସମଗ୍ର ଭାରତବର୍ଷର ସିନେପ୍ରେମୀଙ୍କ ହୃଦୟକୁ ବେଦନାବ୍ୟଥିତ କରିଦେଇଛି। ଖୁବ୍ କମ୍ ଦିନ ଭିତରେ ସ୍ୱୀୟ ପ୍ରତିଭାବଳରେ ବଲିଉଡ୍‌ରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ସୁଶାନ୍ତଙ୍କ ଆତ୍ମହତ୍ୟା ଆମ ସମାଜ ସମ୍ମୁଖରେ ବହୁ ପ୍ରଶ୍ନର ଉତ୍ଥାପନ କରିଛି। କେବଳ ସୁଶାନ୍ତ ନୁହନ୍ତି କରୋନାଜନିତ ଲକ୍‌ଡାଉନ୍ ସମୟରେ ଅନେକ ଯୁବ ପ୍ରତିଭାଙ୍କ ଆତ୍ମହତ୍ୟା ତମାମ୍ ମଣିଷ ଜାତିର ଛାତିକୁ ଦୋହଲାଇ ଦେଇଛି। ଏ ଆତ୍ମହତ୍ୟା ଘଟଣାକୁ ତର୍ଜମା କଲାବେଳେ ବିସ୍ମିତ ହେବାକୁ ପଡ଼େ ଯେ, ଏ ମଣିଷ ଏତେ ଶୀଘ୍ର ଏତେ ବଡ଼ ନିଷ୍ପତ୍ତି କେମିତି ନେଇପାରେ? ଆମେ ଜାଣୁ ଦାରିଦ୍ର୍ୟ, ବିଫଳତା, ହତାଶା ଓ ନୈରାଶ୍ୟ ମଣିଷକୁ ଅବସାଦଗ୍ରସ୍ତ କରେ, ମାତ୍ର କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ମଣିଷ ଏଭଳି ଭୟଙ୍କର ନିଷ୍ପତ୍ତି ନେବା କେତେଦୂର ସମୀଚୀନ?

ଏ ଜୀବନ କେବେ ବି ଏକ ସମତଳ ରାସ୍ତା ନୁହେଁ କି ଗୋଲାପର ଶଯ୍ୟା ନୁହେଁ। ଜୀବନ ଜିଇବାକୁ ହେଲେ ଝୁଣ୍ଟିବାକୁ ହୁଏ। ଆଗକୁ ଆଗେଇଲେ ତ ଓଗାଳିବ ବାଧାବିଘ୍ନର ବାଘ। ତଥାପି ଜୀବନ ଜିଇବାକୁ ହୁଏ। ଏ ପ୍ରସଙ୍ଗରେ ମନେପଡ଼େ ଜଣେ ମହାନାୟକଙ୍କ କଥା, ଯିଏ ଜୀବନରେ ବାର ବାର ବିଫଳ ହୋଇଥିବା ଜଣେ ସଫଳ ମଣିଷ; ଯାହାଙ୍କ ଜୀନର ସଂଘର୍ଷମୟ କାହାଣୀ ଏଯାବତ୍ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ୧୮୩୧ ମସିହାରେ ସେ ବ୍ୟବସାୟରେ ବିଫଳ ହୋଇ ଦେବାଳିଆ ହେଲେ। ୧୮୩୨ ମସିହାରେ ଆମେରିକାର ଲେଜିସ୍‌ଲେଚର ନିର୍ବାଚନରେ ହାରିଲେ। ୧୮୩୪ରେ ପୁନର୍ବାର ବ୍ୟବସାୟ ଆରମ୍ଭ କରି ବିଫଳ ହେଲେ। ୧୮୩୫ରୁ ୧୮୫୮ ମଧ୍ୟରେ ବାରମ୍ବାର ନିର୍ବାଚନ ଲଢ଼ି ହାରିଲେ। ଶେଷରେ ୧୮୬୦ ମସିହାରେ ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇ ଇତିହାସ ସୃଷ୍ଟି କଲେ। ଆପଣମାନେ ଜାଣନ୍ତି ସେ ମହାନାୟକ କିଏ। ସେ ହେଉଛନ୍ତି ଆମେରିକାର ଆବ୍ରାହମ୍ ଲିଙ୍କନ୍। ଏଭଳି ଏକ ସତ୍ୟ ବୃତ୍ତାନ୍ତ ପଢ଼ି ବା ଶୁଣି ଯେ କେହି ବ୍ୟକ୍ତି ଅନୁପ୍ରେରିତ ହେବେ, ଏଥିରେ ସନ୍ଦେହ ନାହିଁ। ମାତ୍ର ମନରେ ଏକ ପ୍ରଶ୍ନ ଉଠେ- ଅନ୍ୟମାନେ କାହିଁକି ଏଭଳି ହୋଇପାରନ୍ତି ନାହିଁ? ଜଣେ ଆବ୍ରାହମ୍ ଲିଙ୍କନ୍ କାହିଁକି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଯାଆନ୍ତି? ଆପଣ ଜାଣନ୍ତି ଆବ୍ରାହମ୍ ଲିଙ୍କନ୍ ତାଙ୍କ ପୁଅର ଶିକ୍ଷକଙ୍କ ପାଖକୁ ଚିଠି ଲେଖି କ'ଣ କହିଥିଲେ? ଲେଖିଥିଲେ-''ମହାଶୟ! ମୋ ପୁଅକୁ ନିଶ୍ଚୟ ଶିଖିବାକୁ ଦିଅନ୍ତୁ, ଦୁଃଖବେଳେ ଭାଙ୍ଗି ନ ପଡ଼ି କିପରି ହସାଯାଏ। ତାକୁ ଶିଖାଇବେ ଯେ, ଲୁହ ବାହାରିବା କିଛି ଲାଜର କଥା ନୁହେଁ। ଦୁଃଖବେଳେ ତା' ଭିତରେ ଧୈର୍ଯ୍ୟ ନ ହରାଇବାର ସାହସ ଆସୁ। ସାହସୀ ହୋଇପାରିବାର ଧୈର୍ଯ୍ୟ ମଧ୍ୟ ଆସୁ। ତେବେ ଯାଇ ସେ ଏକା ଲଢ଼ି ପାରିବ। ବିଫଳତାର ସାମ୍ନା କରିବାର କଳା ଶିଖିପାରିବ।''

ସମଗ୍ର ପୃଥିବୀରେ ଆଜି କିନ୍ତୁ ଯାହାଙ୍କର ବିଭ୍ରାନ୍ତି ସମସ୍ତଙ୍କର ମୁଣ୍ଡବ୍ୟଥାର କାରଣ ହୋଇଛି, ସେମାନେ ହେଉଛନ୍ତି ଆମ ଯୁବ ସମାଜ। ଦେଶର ମେରୁଦଣ୍ଡ ହେଉଛନ୍ତି ଏ ଯୁବ ସମାଜ। କିନ୍ତୁ ଏହି ଯୁବସମାଜ ସମୟ ସୁଅରେ ଆଜି ବିକ୍ଷିପ୍ତ। ନିଶାସକ୍ତ ଏ ଯୁବ ସମାଜ ଯେ କୌଣସି କୁତ୍ସିତ କାର୍ଯ୍ୟ କରିବାକୁ କୁଣ୍ଠିତ ନୁହନ୍ତି। ମନୋବୈଜ୍ଞାନିକଙ୍କ ମତରେ ଭାବନାତ୍ମକ ଦୁର୍ବଳତା, ସମ୍ବେଦନାତ୍ମକ ଆବେଗ, କଠିନ ପରିସ୍ଥିତିର ସାମ୍ନା କରିବାର ଅସାମର୍ଥ୍ୟ ଯୋଗୁ ତରୁଣ ଗୋଷ୍ଠୀ ଏଭଳି ଭୁଲ୍ ପଦକ୍ଷେପ ନେଉଛନ୍ତି। ୨୦୧୭ ମସିହାରେ ହୋଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ଭାରତରେ ପ୍ରତି ୨ ଜଣରୁ ଜଣେ କର୍ମକ୍ଷେତ୍ରରେ ଚାପ ଯୋଗୁ ବିଷାଦଗ୍ରସ୍ତ। ଗତ ଦଶନ୍ଧି ଭିତରେ ଶିକ୍ଷାର ପ୍ରସାର ସହ ତାଳଦେଇ ବଢ଼ୁଥିବା ବେକାରି ସମସ୍ୟା ଓ କର୍ମକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀ ଯୋଗୁ ଯୁବସମାଜ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି। ପାରିବାରିକ ଦ୍ୱନ୍ଦ୍ୱ ଏବଂ ସନ୍ଦେହଭରା ବାତାବରଣ ମଧ୍ୟ ବେଳେବେଳେ ଯୁବସମାଜକୁ ଠେଲିଦେଉଛି ସ୍ୱାଭିମାନର ଲଢ଼େଇରେ ବଳି ପଡ଼ିବାକୁ। ଅବିନ୍ୟସ୍ତ ଜୀବନଶୈଳୀ ସାଙ୍ଗକୁ ମାନସିକ ଅବସାଦ ନିଜ ପ୍ରିୟଜନ ସାଥିରେ ବାଣ୍ଟି ନ ପାରିବାର ବ୍ୟର୍ଥତା, ସେମାନଙ୍କୁ ବାଟ କଢ଼େଇ ନେଉଛି ମୃତ୍ୟୁ ପଥରେ। ଏହାଛଡ଼ା ଆମର ଯୁବସମାଜ ନିକଟରେ ବିଫଳତାକୁ ସାମ୍ନା କରିବା ସାମର୍ଥ୍ୟର ଘୋର ଅଭାବ ଆତ୍ମହତ୍ୟାର ପ୍ରମୁଖ କାରଣ ପାଲଟିଛି।

କିଏ ଜଣେ କହିଥିଲେ- ତରୁଣ ଆଖିରେ ସ୍ୱପ୍ନ ବଞ୍ଚିଥିଲା ଯାଏ ଦେଶର ଭବିଷ୍ୟତ ସୁରକ୍ଷିତ। ମାତ୍ର ଦିଗ୍‌ଭ୍ରାନ୍ତ ତରୁଣମାନଙ୍କର କରୁଣ କାର୍ଯ୍ୟକଳାପ ଦେଖିଲେ ମନରେ ପ୍ରଶ୍ନ ଉଠେ- ସତରେ କ'ଣ ଆମ ତରୁଣଙ୍କ ଆଖିରେ ଆଉ ତାରୁଣ୍ୟର ନିଶା ନାହିଁ? ମନେପଡ଼େ- ହେଲେନ୍ କେଲରଙ୍କ କଥା। ମଣିଷର ତିନିଟି ଶ୍ରେଷ୍ଠ ଇନ୍ଦ୍ରିୟ ହେଲା- କହିବା, ଶୁଣିବା ଓ ଦେଖିବା। ଏହି ତିନିଟିଯାକ ଇନ୍ଦ୍ରିୟରୁ ବଞ୍ଚିତ ହେଲେ ହେଲେନ କେଲର। ସେ ହୋଇଗଲେ ଅନ୍ଧ, ମୂକ ଓ ବଧିର। ତଥାପି ଭାଙ୍ଗି ନ ପଡ଼ି ଉତ୍ସର୍ଗୀକୃତ ସାଧନା ଦ୍ୱାରା ସେ ଶାରୀରିକ ଅସାମର୍ଥ୍ୟକୁ ଜୟକଲେ। ବିଶ୍ୱକୁ ତାଙ୍କର ଏହି ଉଦାହରଣ କେତେ ବେଶି ମୂଲ୍ୟବାନ! ଆଖିରେ ଦେଖି ପାରୁ ନ ଥିଲେ ବି ସେ କହିଥିଲେ- ଏ ପୃଥିବୀ କେତେ ସୁନ୍ଦର!

ବିଥୋଭେନ ପାଶ୍ଚାତ୍ୟ କ୍ଲାସିକାଲ ସଙ୍ଗୀତର ଜଣେ ପ୍ରବାଦ ପୁରୁଷ। ତାଙ୍କର 'ସିମ୍ଫୋନୀ' ପାଇଁ ସେ ବିଶ୍ୱବିଖ୍ୟାତ। ପିଆନୋ ଓ ଭାଓଲିନ୍ ଉଭୟରେ ଥିଲା ତାଙ୍କର ଅନନ୍ୟ ଦକ୍ଷତା। ମାତ୍ର ୨୦ ବର୍ଷ ବୟସରେ ବିଥୋଭେନ୍‌ଙ୍କ ସଂଗୀତ ମୁଖରିତ ଜୀବନ ଆକସ୍ମିକ ବିଧ୍ୱସ୍ତ ହୋଇଗଲା- ଯେତେବେଳେ ତାଙ୍କ କାନକୁ ଆଉ ଶୁଭିଲା ନାହିଁ ଓ ସେ ବଧିର ହୋଇଗଲେ। ତଥାପି ଇନ୍ଦ୍ରିୟର କ୍ରିୟାଶୀଳତା ବାହାରେ ତାଙ୍କର ଥିଲା ଅଦ୍ଭୁତ ଶ୍ରବଣଶକ୍ତି। ଶୁଣି ନ ପାରିବାର ସମସ୍ତ କଷ୍ଟ ସତ୍ତ୍ୱେ ବିଥୋଭେନ ସଂଗୀତ ସୃଷ୍ଟିର ପ୍ରକ୍ରିୟାରୁ କେବେ ବି ବିଚ୍ଛିନ୍ନ ନ ଥିଲେ। ଏ ପରିପ୍ରେକ୍ଷୀରେ ଖୁବ୍ ମନେପଡ଼ନ୍ତି ବିଶ୍ୱବିଖ୍ୟାତ ଔପନ୍ୟାସିକ ଆର୍ନେଷ୍ଟ ହେମିଙ୍ଗୱେ। ସେ ତାଙ୍କର କାଳଜୟୀ ଉପନ୍ୟାସ 'ଦି ଓଲ୍ଡମ୍ୟାନ୍ ଆଣ୍ଡ୍ ଦ ସି'ରେ କହନ୍ତି- ''Man is not made for defeat. A man can be destroyed but not defeated.'' ବାସ୍ତବରେ ପରାଜୟ ପାଇଁ ମଣିଷର ଜନ୍ମ ନୁହେଁ। କାଉଁରିଆ କାଠି ଭାଙ୍ଗିଯିବ ପଛେ ନଇଁବ ନାହିଁ।

ପାଠକେ! ବହୁ ଜନ୍ମର ତପସ୍ୟା ପରେ ମଣିଷ ଜନ୍ମ ମିଳେ। ଏ ମଣିଷ ଜନ୍ମ ଦେବଦୁର୍ଲଭ। ଏ ମୂଲ୍ୟବାନ ଜୀବନକୁ ସ୍ୱେଚ୍ଛାରେ ମୃତ୍ୟୁ ହାତରେ ଟେକିଦେବା କେବେ ବି ବିଜ୍ଞତାର କଥା ନୁହେଁ। ଜୀବନ ଅଛି ମାନେ ଦୁଃଖ ଓ ସମସ୍ୟା ଅଛି। ଏ ସଂସାରରେ କୌଣସି ଦୁଃଖ ବା ସମସ୍ୟା ଚିରନ୍ତନ ନୁହେଁ। All things shall pass away. ଏ ସମୟ ରହିବ ନାହିଁ। ଖାଲି ଆମର ଦୃଷ୍ଟିକୋଣରେ ପରିବର୍ତ୍ତନ ଲୋଡ଼ା। ଆମେ ଅଭିଯୋଗ କରିବା ନାହିଁ ଯେ, ଗୋଲାପ ପାଖରେ କାହିଁକି କଣ୍ଟା ଅଛି? ବରଂ ଏକଥା କହିବା ଯେ, କଣ୍ଟା ଭିତରେ ବି ଗୋଲାପ ଅଛି। ଜୀବନର ସମସ୍ତ ଘାତ ପ୍ରତିଘାତ ସତ୍ତ୍ୱେ ଯିଏ ଲକ୍ଷ୍ୟରେ ଅଟଳ, କର୍ମରେ ଅବିଚଳ, ସେ ହିଁ ନାୟକ। ବିଶ୍ୱ ପ୍ରସିଦ୍ଧ ଇଂରେଜ କବି ୱାର୍ଡସୱାର୍ଥଙ୍କ ଭାଷାରେ-

''ଅନ୍ଧାର ଭିତରେ ଆଖି ଖୋଲିଦେବାର ଆନନ୍ଦ
ଆଲୋକ ଭିତରେ ଆଖି ବୁଜିଦେବାର ଦୁଃଖ
ଯିଏ ସବୁ କଥାକୁ ସାମ୍ନା କଲା
ସେ ନାୟକ
ପଛକୁ ହଟିଲେ ପଳାତକ।''

ସତରେ ପଳାତକ ହେବା ପାଇଁ ମଣିଷର ଜନ୍ମ ନୁହେଁ, ସଂଗ୍ରାମ କରିବା ହେଉଛି ମଣିଷର ଧର୍ମ।

ନୀଳମାଧବ କଲେଜ, କଣ୍ଟିଲୋ, ନୟାଗଡ଼
ମୋ: ୯୪୩୭୫୧୭୯୭୮

## ଏଇ ଭାରତରେ

କରୋନା ସଂକ୍ରମଣ ସମୟରେ ଗରିବ ଓ ଗୃହହୀନମାନଙ୍କ ଖାଦ୍ୟାଭାବକୁ ହୃଦୟଙ୍ଗମ କରିଛନ୍ତି ମଧ୍ୟପ୍ରଦେଶର ମହିଳା ଚାଷୀ କ୍ରିଷ୍ଣା ମାୱାସୀ। ସେ ଚାଷରୁ ଯାହା ଉତ୍ପାଦନ କରୁଛନ୍ତି ସେସବୁକୁ ଗରିବଙ୍କୁ ବାଣ୍ଟି ଦେଉଛନ୍ତି। ମାୱାସୀ ଜନଜାତିର ଏହି ମହିଳା ରହନ୍ତି ସତ୍‌ନା ଜିଲା ମଝ୍‌ଗୱାନ ବ୍ଲକ୍ କେଲ୍‌ଖୋରା ଗାଁରେ। ସମାଜରେ ପୂରା ପଛୁଆ ମାୱାସୀ ସମ୍ପ୍ରଦାୟର ଆଦିବାସୀମାନେ ବନ୍ୟଜାତ ଦ୍ରବ୍ୟ ଓ ଚାଷ ଉପରେ ହିଁ ନିର୍ଭର କରନ୍ତି। ଜଳସେଚନ ଓ ବର୍ଷା ଅଭାବ ଯୋଗୁ ସେମାନେ ବାହାରକୁ କାମ କରିବାକୁ ଚାଲିଯାଆନ୍ତି। କିନ୍ତୁ ଏବେ କରୋନା ସଂକ୍ରମଣ ଯୋଗୁ ସେମାନେ ବାହାରକୁ ଯାଇପାରୁନାହାନ୍ତି, ବରଂ ଯେଉଁମାନେ ବାହାରେ ରହିଥିଲେ ସେମାନେ ବି ଘରକୁ ଫେରି ଆସିଛନ୍ତି। ସେମାନେ ବନଜାତ ଦ୍ରବ୍ୟ ସଂଗ୍ରହ କଲେ ବି ତାହାକୁ ଲକ୍‌ଡାଉନ ସମୟରେ ବିକ୍ରି କରି ନ ପାରିବା ଯୋଗୁ ଘୋର ଆର୍ଥିକ ସଂକଟର ସମ୍ମୁଖୀନ ହୋଇଛନ୍ତି। ଦିନକୁ ଦୁଇବେଳା ଖାଇବାକୁ ମଧ୍ୟ ପାଉନାହାନ୍ତି। ଏହାଦ୍ୱାରା ସେମାନଙ୍କ ପିଲା ଅପପୁଷ୍ଟିର ଶିକାର ହେଉଛନ୍ତି। ଏଭଳି ଦୁର୍ଦ୍ଦିନରେ ଲୋକମାନଙ୍କୁ ସାହାଯ୍ୟ କରିବା ଲାଗି କମ୍ୟୁନିଟି ମାଲ୍‌ନ୍ୟୁଟ୍ରିଶନ ମ୍ୟାନେଜ୍‌ମେଣ୍ଟ ପ୍ରୋଜେକ୍ଟ ସହାୟତାରେ ଚାଷ କରୁଛନ୍ତି ୪୬ ବର୍ଷୀୟା କ୍ରିଷ୍ଣା। ଏହି ପ୍ରୋଜେକ୍ଟ ମଝ୍‌ଗୱାନ ବ୍ଲକର ସବୁ ଗାଁରେ ଚାଲୁଥିବା 'ଚାଇଲ୍ଡ ରାଇଟ୍ସ ଆଣ୍ଡ୍ ୟୁ'ସହଭାଗିତାରେ କାର୍ଯ୍ୟ କରୁଛି। ପ୍ରଥମେ କ୍ରିଷ୍ଣା କିଚେନ ଗାର୍ଡେନରେ ଚାଷ କରୁଥିଲେ, କିନ୍ତୁ ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଚାଷକୁ ବ୍ୟାପକ କରିଛନ୍ତି। କମ୍ୟୁନିଟି ମାଲ୍‌ନ୍ୟୁଟ୍ରିଶନ ମ୍ୟାନେଜ୍‌ମେଣ୍ଟ ପ୍ରୋଜେକ୍ଟରେ କ୍ରିଷ୍ଣା ମଞ୍ଜି ଓ ଅନ୍ୟ ସହାୟତା ପାଇବା ପରେ ଚାଷ କରି ଦୁଇ କୁଇଣ୍ଟାଲ ପିଆଜ, ଦୁଇ କୁଇଣ୍ଟାଲ ଟମାଟୋ ସହ ବାଇଗଣ, ପୋଇ ଓ ଅନ୍ୟାନ୍ୟ ପରିବା ଉତ୍ପାଦନ କରିଛନ୍ତି। ଏହାର ବଜାର ମୂଲ୍ୟ ପ୍ରାୟ ୨୦,୦୦୦ ଟଙ୍କା। ହେଲେ ଏହି ଦୁର୍ଦ୍ଦିନରେ ଗାଁ ମହିଳାମାନଙ୍କୁ ବିନା ମୂଲ୍ୟରେ ସବୁ ପରିବା ବାଣ୍ଟି ଦେଇଛନ୍ତି। କୌଣସି ପରିସ୍ଥିତିରେ ପିଲାମାନେ ଭୋକିଲା ନ ରୁହନ୍ତୁ ବୋଲି କହନ୍ତି କ୍ରିଷ୍ଣା।

## ଚିରନ୍ତନୀ

ତଥାପି ତୋର ଏ ଲଳିତ ମୂରତି ଆଜି
କଠିନ ବକ୍ଷେ ଉଠଇ ନିମେଷେ ବାଜି
ହତାଶ ପ୍ରୀତିର ହୁତାଶ ଜଳଇ ପୁଣି
ଚଞ୍ଚଳ କରି ମୋର ଅବୟବରାଜି।
(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପଥଚ୍ୟୁତ ସଂସ୍କୃତି

ମହାଶୟ,

ଆଜି ମନୁଷ୍ୟ ଅତ୍ୟଧିକ ଭୌତିକବାଦୀ ହୋଇପଡିଛି। ବଳିଦାନ, ତ୍ୟାଗ, ସନ୍ତୋଷ, ପ୍ରଜ୍ଞା, ଚିନ୍ତନ, ଲୋକାତୀତ ଅନୁଭୂତି, ଆଧ୍ୟାତ୍ମିକ ମୂଲ୍ୟବୋଧ, ମୁକ୍ତି ତଥା ମୋକ୍ଷ ପରି ଶବ୍ଦମାନ ଆମମାନଙ୍କର ମନ ଏବଂ ଚେତନାରୁ ଲୁପ୍ତ ହୋଇପଡିଛି। ବ୍ୟାପକ ଉପଭୋଗବାଦୀ ସଂସ୍କୃତି ତଥା ଭୋଗ, ବିଳାସ ମଧ୍ୟରେ ଭୌତିକବାଦ ଆଜି ଆମର ଆଧ୍ୟାତ୍ମିକ ଚେତନାରେ ଏକ ପରଦା ସାଜିଛି। ଆବଶ୍ୟକତାଠାରୁ ଅଧିକ ଧନ ଅର୍ଜନ, ସାମାଜିକ ପ୍ରତିଷ୍ଠା, ପ୍ରସିଦ୍ଧି ତଥା ଲୋକପ୍ରିୟତାର ଲାଳସା ଏବଂ ବିଳାସପୂର୍ଣ୍ଣ ଜୀବନଶୈଳୀ ଆମ ଜୀବନର ପରମ ଲକ୍ଷ୍ୟ ହୋଇଛି। ଉନ୍ମୁକ୍ତ ସାମାଜିକ ଜୀବନ, ସଂସ୍କୃତି, ତଥା ପାଶ୍ଚାତ୍ୟ ଜୀବନଶୈଳୀ ଏହାର ମୁଖ୍ୟ କାରଣ। ହିନ୍ଦୁଧର୍ମର ଆଧ୍ୟାତ୍ମିକ ମୂଲ୍ୟ ହେଉଛି ଧର୍ମ, ଅର୍ଥ, କାମ ଓ ମୋକ୍ଷ। ଅର୍ଥ ଓ କାମ ସାଂସାରିକ ମୂଲ୍ୟ ଏବଂ ଧର୍ମ ଓ ମୋକ୍ଷ ଆଧ୍ୟାତ୍ମିକ ମୂଲ୍ୟ। କିନ୍ତୁ ଧର୍ମର ସ୍ଥାନ ସର୍ବ ପ୍ରଥମ। ଏହା ଅର୍ଥ ଏବଂ କାମର ପ୍ରେରକ ତଥା ଶାସକ। ସାତ୍ତ୍ୱିକ ଜୀବନ ଉଚ୍ଚ ଆଦର୍ଶ ଅଟେ। ଏହାପରେ ରାଜସିକର ସ୍ଥାନ ଦ୍ୱିତୀୟ ଓ ତୃତୀୟରେ ତାମସିକ ଜୀବନ ସବୁଠାରୁ ନିମ୍ନ ତଥା ଅପମାନଭରା ଜୀବନ ଶୈଳୀ, ଯାହାଠାରୁ ବୁଦ୍ଧିମାନ ତଥା ଜ୍ଞାନୀ ବ୍ୟକ୍ତିମାନେ ସର୍ବଦା ଦୂରେଇ ରହନ୍ତି। ଆଜିର ଅଧିକାଂଶ ଯୁବବର୍ଗ ଉକ୍ତ ତାମସିକ ଜୀବନଶୈଳୀ ପ୍ରତି ଆକର୍ଷିତ। ଆଧ୍ୟାତ୍ମିକତାକୁ ଗ୍ରହଣ କରିବା ତଥା ଏଥିରେ ଅନୁପ୍ରେରିତ ହେବା ବହୁ ଦୂରର କଥା। ସେମାନେ ଶିକ୍ଷା ଏବଂ ବିବାହ କ୍ଷେତ୍ରରେ ନିଜ ମାତାପିତାଙ୍କ ଅଧିକାରକୁ ମଧ୍ୟ କ୍ଷୁଣ୍ଣ କରୁଛନ୍ତି। ଶାସ୍ତ୍ର କହେ, ବାପା, ମା' ନିଜର ସନ୍ତାନ ସନ୍ତତିଙ୍କୁ ଯେଉଁ ମୂଲ୍ୟବାନ ବସ୍ତୁ ଦେଇଥାନ୍ତି, ତାହା ହେଉଛି ଶିକ୍ଷା। କିନ୍ତୁ ଆଜିର ସମୟରେ ବ୍ୟସ୍ତବହୁଳ ଜୀବନଶୈଳୀ ମଧ୍ୟରେ ରହି ବାପା, ମା'ମାନେ ନିଜର ପିଲାକୁ ସମୟ ଦେଇ ପାରୁ ନାହାନ୍ତି। ସେମାନେ ପିଲାମାନଙ୍କୁ ବୃତ୍ତିଭିତ୍ତିକ ଶିକ୍ଷା ଦେବା ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ପିଲାମାନଙ୍କୁ ମଧ୍ୟ ସେହିପରି ଅତ୍ୟାଧୁନିକ ସୁବିଧା, ସୁଯୋଗ ଥିବା ବିଦ୍ୟାଳୟରେ ଶିକ୍ଷା ଲାଭ ନିମନ୍ତେ ଛାଡୁଛନ୍ତି। ଶିକ୍ଷାଦାନର ପରିବେଶ, ବ୍ୟବସ୍ଥା ଏବଂ ଏହାର ପ୍ରକୃତ ଉଦ୍ଦେଶ୍ୟ ଏକ ପ୍ରହେଳିକା ସାଜିଛି ମାତ୍ର। ଉକ୍ତ ବ୍ୟବସ୍ଥିତ ପଦ୍ଧତିରେ ଶିକ୍ଷାର ମାନ ଏବଂ ଗୁଣ କେତେ ବୃଦ୍ଧି ପାଇଛି ତାହା ସମୀକ୍ଷାର ପରିଧି ମଧ୍ୟରେ ଆସିବା ନିହାତି ଜରୁରୀ। ଏଥିସହ, ଏହା ଆମ ବ୍ୟକ୍ତିଗତ ଜୀବନ ତଥା ସମାଜ ଏବଂ ସଂସ୍କୃତି ପ୍ରତି କେତେ ଉପଯୋଗୀ ହୋଇପାରିଛି ତାହା ମଧ୍ୟ ଆକଳନ କରାଯିବା ଉଚିତ।

ରାକେଶ ପଣ୍ଡା, ବନ୍ଧାଲୋ, ଟାଙ୍ଗୀ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ସି.ଆର୍. ପାଟିଲ ଗୁଜରାଟ ଭାଜପା ସଭାପତି

ଲୋକ ସଭା ସଦସ୍ୟ ସି.ଆର୍. ପାଟିଲଙ୍କୁ ଗୁଜରାଟ ଏବଂ ଜମ୍ୟାଙ୍ଗ ସେରିଙ୍ଗ୍ ନାମଗ୍ୟାଲଙ୍କୁ ଲଦାଖର ଭାଜପା ସଭାପତି ଭାବେ ସୋମବାର ଦଳ ନିଯୁକ୍ତି ପ୍ରଦାନ କରିଛି। ଜିତେନ୍ଦ୍ର ଭାଇ ବାଘାନିଙ୍କ ସ୍ଥାନରେ ପାଟିଲଙ୍କୁ ରାଜ୍ୟ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିବା ଭାଜପା ପକ୍ଷରୁ କୁହାଯାଇଛି। ସେ ଗୁଜରାଟର ନଭସାରୀ ଆସନରୁ ୩ ଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି।

# ଦିନକରେ ୪୦ ହଜାରରୁ ଅଧିକ ଆକ୍ରାନ୍ତ

- ଦେଶରେ ୨୭, ୫୦୦ ଲୋକଙ୍କ ଜୀବନ ଗଲାଣି
- ସଂକ୍ରମିତଙ୍କ ସଂଖ୍ୟା ୧୧.୨୦ ଲକ୍ଷ ଟପିଲା



ଗୁଆହାଟୀ,୨୦।୭

ମହାମାରୀ କରୋନାରେ ଦିନକରେ ୪୦,୪୨୫ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ୬୮୧ ମୃତ୍ୟୁ ଘଟିଛି। ଏଥିସହ ଭାରତରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୧.୨୦ ଲକ୍ଷ ଟପିଛି। ୨୭, ୫୦୦ ଲୋକଙ୍କ ଜୀବନ ଗଲାଣି। ବର୍ତ୍ତମାନ ସୁଦ୍ଧା ୭ ଲକ୍ଷରୁ ଅଧିକ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ୩.୯୦ ଲକ୍ଷ ଆକ୍ଟିଭ୍ ମାମଲା ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ ମୁତାବକ ୬୨.୬୧ ପ୍ରତିଶତ ବ୍ୟକ୍ତି ଆରୋଗ୍ୟ ଲାଭ କରିଛନ୍ତି। ମହାରାଷ୍ଟ୍ର, ତାମିଲନାଡୁ, ରାଜଧାନୀ ଦିଲ୍ଲୀ, କର୍ନାଟକ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଓ ଗୁଜରାଟ ପରିସ୍ଥିତି ଜଟିଳ ରହିଛି। ମହାରାଷ୍ଟ୍ରରେ କେବଳ ୩.୧୦ ଲକ୍ଷ ଆକ୍ରାନ୍ତ ହୋଇଥିବାବେଳେ ରବିବାର ୯,୫୧୮ ନୂଆ ମାମଲା ସାମ୍ନାକୁ ଆସିଥିଲା। ମୋଟ ୧୧,୮୧୪ ବ୍ୟକ୍ତିଙ୍କ ଜୀବନ ଗଲାଣି।

# ଭାରତ-ଆମେରିକା ମିଳିତ ସମରାଭ୍ୟାସ

ନୂଆଦିଲ୍ଲୀ,୨୦।୭

ପୂର୍ବ ଲଦାଖରେ ଚାଇନାର ବିସ୍ତାରବାଦୀ ଆଭିମୁଖ୍ୟ ଓ ସେଠାରେ ଭାରତ-ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଭାରତ ପ୍ରସ୍ତୁତିକୁ ଜୋରଦାର କରିଛି। ଜୁଲାଇ ୨୯ରେ ବାୟୁସେନାରେ ୫ଟି ରାଫାଲ ଜେଟ୍ ସାମିଲ କରାଯିବ ବୋଲି ଜଣାପଡ଼ିଛି। ସେନା ଅଧିକାରୀସ୍ତରୀୟ ଆଲୋଚନା ଜାରି ରହିଥିଲେ ହେଁ ଚାଇନାର ଜିଦ୍‌ଖୋର୍ ବିସ୍ତାରବାଦୀ ନୀତି ଯୋଗୁ ସେନାକୁ ସତର୍କ ରହିବା ଲାଗି ପରାମର୍ଶ ଦିଆଯାଇଛି। ସୀମାରେ ବିଭିନ୍ନ ଯୁଦ୍ଧାସ୍ତ୍ର ଓ ସୈନ୍ୟବାହିନୀକୁ ସଜାଗ କରିବା ପରେ ଏବେ ଆମେରିକା ସହ ମିଶି ମିଳିତ ସମରାଭ୍ୟାସ ଆରମ୍ଭ କରିଛି ଭାରତ। ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ନିକଟରେ ସୋମବାରଠାରୁ ଦୁଇ ମିତ୍ର ରାଷ୍ଟ୍ର ଯୁଦ୍ଧ ଜାହାଜର ମିଳିତ ନୌସମରାଭ୍ୟାସ

**ଚାଇନାକୁ ଟାର୍ଗେଟ**
**୨୯ରେ ବାୟୁସେନାରେ ସାମିଲ ହେବ ୫ ରାଫାଲ୍**

କରିଛନ୍ତି। ଆମେରିକା ପକ୍ଷରୁ ପରମାଣୁ ଶକ୍ତି ୟୁଏସ୍‌ଏସ୍ ନିମିଜ୍‌କୁ ଏଥିରେ ସାମିଲ କରାଯାଇଛି। ଭାରତ ପକ୍ଷରୁ ଡେଷ୍ଟ୍ରୟର, ଫ୍ରାଇଗେଟ୍ସ ଓ ମାରିଟାଇମ୍ ପାଟ୍ରୋଲ ଏୟାରକ୍ରାଫ୍ଟକୁ ସାମିଲ କରାଯାଇଛି। କେବଳ ଆଣ୍ଡାମାନ ନିକୋବର ନୁହେଁ ବରଂ ଇଷ୍ଟର୍ନ ନାଭାଲ କମାଣ୍ଡ ହେଡ୍ କ୍ୱାର୍ଟର୍ସ ବିଶାଖାପାଟଣାରେ ମଧ୍ୟ ଏଭଳି ମିଳିତ ସମରାଭ୍ୟାସ ଜାରି ରହିଛି। ନୌସେନା ଓ ବାୟୁସେନା ପକ୍ଷରୁ ଏଠାରେ ଶକ୍ତି ପ୍ରଦର୍ଶନ କରାଯାଉଛି। ଭାରତ ମହାସାଗରୀୟ ଅଞ୍ଚଳରେ ଚାଇନାର ଆଧିପତ୍ୟ ରୋକିବା ମାଲାକା ଷ୍ଟ୍ରେଟରେ ସୁରକ୍ଷା ବଢ଼ାଇବା



ଲାଗି ଏଭଳି ରଣନୀତି ପ୍ରସ୍ତୁତ କରାଯାଇଛି। ଭାରତ ଓ ଜାପାନ ମଧ୍ୟରେ ଜୁନ୍‌ରେ ମାଲାକା ଷ୍ଟ୍ରେଟରେ ମିଳିତ ନୌସମରାଭ୍ୟାସ କରାଯାଇଥିଲା। ଏଥିସହ ୨୦୧୫ରୁ ଭାରତ, ଆମେରିକା ସହ ମାଲାବାରରେ ମିଳିତ ନୌସମରାଭ୍ୟାସରେ ଜାପାନ ସାମିଲ ହୋଇଆସୁଛି। ଏଥିରେ ଅଷ୍ଟ୍ରେଲିଆକୁ ସାମିଲ କରିବା ଲାଗି ଭାରତ ବିଚାର କରୁଛି। ଏହା ସମ୍ଭବ ହୋଇପାରିଲେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନାର ବିସ୍ତାରବାଦୀ ଆଭିମୁଖ୍ୟ ଫସର ଫାଟିଯିବ।

## ରାମମନ୍ଦିର ଶିଳାନ୍ୟାସ ଉତ୍ସବରେ ମୋଦିଙ୍କ ସହ ଯୋଗଦେବେ ୫୦ ଭିଆଇପି

**ନୂଆଦିଲ୍ଲୀ,୨୦।୭:** ଅଗଷ୍ଟ ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଯୋଧ୍ୟାରେ ହେବାକୁ ଥିବା ରାମମନ୍ଦିର ଶିଳାନ୍ୟାସ ଉତ୍ସବରେ ଯୋଗଦେବେ। ତାଙ୍କ ସହିତ ୫୦ ଭିଆଇପି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ମଧ୍ୟରେ ଶିବସେନା ନେତା ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରମୁଖ ରହିଥିବା ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଏଥିଲାଗି ବ୍ୟାପକ ପ୍ରସ୍ତୁତି କରାଯାଉଛି। ୪୦ କେଜି ରୁପା ଇଟାରେ ମୋଦି ମନ୍ଦିରର ଶିଳାନ୍ୟାସ କରିବେ ବୋଲି ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ପକ୍ଷରୁ କୁହାଯାଇଛି। ରୁପା ଇଟା ମାଧ୍ୟମରେ ଗର୍ଭଗୃହ ନିର୍ମାଣ ସହ ଭୂମି ପୂଜା କରାଯିବ ବୋଲି ଟ୍ରଷ୍ଟର ଅଧକ୍ଷ ନ୍ରିତ୍ୟଗୋପାଳ ଦାସ ପ୍ରକାଶ କରିଛନ୍ତି। ଅଗଷ୍ଟ ୩ରୁ ରୀତିନୀତି ଅନୁଯାୟୀ ଏଠାରେ ପୂଜାପାଠ କରାଯିବାର ବ୍ୟବସ୍ଥା ହୋଇଛି।

## ଅଯୋଧ୍ୟାରେ ଦଳିତ-ଉଚ୍ଚଜାତି ସଂଘର୍ଷ: ୬ ଆହତ

**ଲକ୍ଷ୍ନୌ,୨୦।୭(ପି.ଟି.):** ଉତ୍ତରପ୍ରଦେଶର ଅଯୋଧ୍ୟା ଅନ୍ତର୍ଗତ ଏକ ଗ୍ରାମରେ ଦଳିତ ଓ ଉଚ୍ଚ ଜାତିର ପିଲାମାନଙ୍କ ମଧ୍ୟରେ ବିବାଦ ସଂଘର୍ଷର ରୂପ ନେଇଛି। ଏଥିରେ ଉଭୟ ସମ୍ପ୍ରଦାୟର ଲୋକେ ସାମିଲ ହୋଇ ପରସ୍ପରକୁ ଢେଲାମାଡ଼ କରିବାରୁ ୬ ଜଣ ଆହତ ହୋଇଛନ୍ତି। ପୋଲିସ ଏହି ଘଟଣାରେ ୨ଟି ମାମଲା ଦାଏର କରି ତଦନ୍ତ ଚଳାଇଛି। ପୋଲିସ କହିବା ଅନୁଯାୟୀ ହାଇଦରଗଞ୍ଜ ଥାନା ଅନ୍ତର୍ଗତ ସମରଧୀର ଗ୍ରାମରେ ୧୮ ତାରିଖରେ ଦୁଇ ସମ୍ପ୍ରଦାୟର ପିଲାଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା।

# ‘ଦୁବେଙ୍କୁ ଜାମିନ ମିଳିବା ସଂସ୍ଥାଗତ ବିଫଳତା’

ନୂଆଦିଲ୍ଲୀ,୨୦।୭(ପି.ଟି.)

ବିକାଶ ଦୁବେଙ୍କ ଭଳି ଗ୍ୟାଙ୍ଗଷ୍ଟରଙ୍କୁ ଜାମିନ ମିଳିବା ସଂସ୍ଥାଗତ ବିଫଳତା ବୋଲି ସୋମବାର ସୁପ୍ରିମକୋର୍ଟ କହିଛନ୍ତି। ଗ୍ୟାଙ୍ଗଷ୍ଟର ଏନ୍‌କାଉଣ୍ଟର ଘଟଣାର ତଦନ୍ତ ପାଇଁ ଗଠିତ କମିଟିରେ ସୁପ୍ରିମକୋର୍ଟର ଜଣେ ପୂର୍ବତନ ବିଚାରପତି ଏବଂ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କୁ ନେବା ଲାଗି ସର୍ବୋଚ୍ଚ ଅଦାଲତ ଉତ୍ତରପ୍ରଦେଶ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ଅନେକ ଜଘନ୍ୟ ଅପରାଧରେ ସମ୍ପୃକ୍ତ ଗ୍ୟାଙ୍ଗଷ୍ଟର ଦୁବେ ଜେଲ୍‌ରେ ରହିବା କଥା। ସେ କିପରି ଜାମିନରେ ବାହାରିଥିଲେ ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଖଣ୍ଡପୀଠରେ ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନ ରହିଛନ୍ତି। ଏତେ ସଂଖ୍ୟାରେ ମାମଲା ସତ୍ତ୍ୱେ ଦୁବେଙ୍କୁ ଜାମିନ ମିଳିବା ଘଟଣା ଆମକୁ ବିସ୍ମିତ କରିଛି ବୋଲି ଖଣ୍ଡପୀଠ କହିବା ସହ ଆଇନର ଶାସନ ବଜାୟ ରଖିବା ପାଇଁ ଉତ୍ତରପ୍ରଦେଶ ସରକାରଙ୍କୁ କହିଥିଲେ। ଏହା ଉପରେ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ କୌଣସି ମନ୍ତବ୍ୟ ଦେଇଥିଲେ କି ଏବଂ ଏହାକୁ ଅନୁସରଣ କରାଯାଇଥିଲା କି ନାହିଁ ବୋଲି ୟୁପି ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିବା ସଲିସିଟର ଜେନେରାଲ ତୁଷାର ମେହେଚ୍ଚାଙ୍କୁ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଥିଲେ।

ଗ୍ୟାଙ୍ଗଷ୍ଟର ଦୁବେ ଓ ତାଙ୍କ ସହଯୋଗୀମାନଙ୍କ ଏନ୍‌କାଉଣ୍ଟର ଘଟଣାର ତଦନ୍ତ ଅଦାଲତଙ୍କ



**ଆଇନର ଶାସନ ବଜାୟ ରଖିବା ରାଜ୍ୟର ଦାୟିତ୍ୱ: ସୁପ୍ରିମକୋର୍ଟ**

ତତ୍ତ୍ୱାବଧାନରେ କରାଯିବାକୁ ନିର୍ଦ୍ଦେଶ ଦେବା ଲାଗି ଦାଏର ଏକାଧିକ ପିଟିଶନର ଶୁଣାଣି କରି ଖଣ୍ଡପୀଠ କହିଥିଲେ ଆଇନର ଶାସନ ବଜାୟ ରଖିବା ରାଜ୍ୟର ଦାୟିତ୍ୱ। ଦୁବେ ମାମଲାଗୁଡ଼ିକର କୋର୍ଟ ରାୟର ରିପୋର୍ଟ ମାଗିଥିଲେ ଖଣ୍ଡପୀଠ। ତଦନ୍ତ କମିଟିରେ ସୁପ୍ରିମକୋର୍ଟର କାର୍ଯ୍ୟକାରୀ ବିଚାରପତିଙ୍କୁ ନିୟୋଜିତ କରିବା ସମ୍ଭବ ହେଉ ନୁହେଁ। ତଦନ୍ତ କମିଟିରେ ପରିବର୍ତ୍ତନ ପାଇଁ ଅଦାଲତ ପ୍ରସ୍ତାବ ଦେବା ସହ ୨୨ ତାରିଖ ସୁଦ୍ଧା ରାଜ୍ୟ ସରକାର ଏନେଇ ଏକ ଚିଠା ସଂକଳ୍ପନାମା ଦାଖଲ କରିବାକୁ କହିଥିଲେ। ୟୁପି ସରକାର ତାଙ୍କ ସତ୍ୟପାଠରେ କହିଥିଲେ, ଗ୍ୟାଙ୍ଗଷ୍ଟର ଏନ୍‌କାଉଣ୍ଟର ଘଟଣାର ତଦନ୍ତ ଲାଗି ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଶଶିକାନ୍ତ ଅଗ୍ରୱାଲଙ୍କୁ ନେଇ ଜଣିକିଆ ତଦନ୍ତ କମିଶନ ଗଢ଼ାଯାଇଛି।

ସୂଚନାଯୋଗ୍ୟ ଜୁଲାଇ ୩ ତାରିଖରେ କାନପୁରର ଚୌବେପୁର ଅନ୍ତର୍ଗତ ବିକ୍ରୁ ଗ୍ରାମରେ ପୋଲିସ ଚଢ଼ାଉ କରିବାକୁ ଯାଇଥିବାବେଳେ ବିକାଶ ଦୁବେ ଓ ତାଙ୍କ ଲୋକମାନେ ଅତର୍କିତ ଆକ୍ରମଣ କରିବାରୁ ଡିଏସ୍‌ପି ଦେବେନ୍ଦ୍ର ମିଶ୍ରଙ୍କ ସମେତ ୮ ପୋଲିସ ନିହତ ହୋଇଥିଲେ। ୧୦ ତାରିଖ ଭୋର ସମୟରେ ଦୁବେଙ୍କୁ ଉଜ୍ଜୟିନୀରୁ କାନପୁର ଅଣାଯାଉଥିବାବେଳେ କାର୍ ଦୁର୍ଘଟଣାର ସୁଯୋଗ ନେଇ ସେ ଖସିପଳାଇବାକୁ ଉଦ୍ୟମ କରୁଥିବାବେଳେ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ ବୋଲି ପୋଲିସ କହିଥିଲା। ଦୁବେଙ୍କ ପୂର୍ବରୁ ତାଙ୍କର ୫ ଜଣ ସହଯୋଗୀଙ୍କୁ ପୋଲିସ ଏନ୍‌କାଉଣ୍ଟରରେ ହତ୍ୟା କରିଥିଲା।

## ଆସାମ ବନ୍ୟାରେ ୮୫ ମୃତ, ୭୦ ଲକ୍ଷ ପ୍ରଭାବିତ

ଗୁଆହାଟୀ,୨୦।୭

ଆସାମ ବନ୍ୟା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଏଥିରେ ଏପର୍ଯ୍ୟନ୍ତ ୮୫ ଜଣ ପ୍ରାଣ ହରାଇଥିବାବେଳେ ୭୦ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। କରୋନା ଓ ବନ୍ୟା ଦ୍ୱାରା ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଥିବା ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି। ବ୍ରହ୍ମପୁତ୍ର ବିପଦସଂକେତ ଉପରେ ପ୍ରବାହିତ ହେଉଥିବାବେଳେ ୯ ଗଣ୍ଡାଙ୍କୁ ମିଶାଇ ୧୦୮ ପ୍ରାଣୀ କାଜିରଙ୍ଗା ଜାତୀୟ ଉଦ୍ୟାନରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଲୋକଙ୍କୁ ବନ୍ୟାକ୍ଲିଷ୍ଟ ଅଞ୍ଚଳରୁ ରିଲିଫ କ୍ୟାମ୍ପକୁ ଅଣାଯାଇ ବିଭିନ୍ନ ସୁବିଧାସୁଯୋଗ ଯୋଗାଇ ଦିଆଯାଉଥିବା ପ୍ରକାଶ।

## ବିଦ୍ରୋହୀଙ୍କ ପିଟିଶନର ଶୁଣାଣି ମଙ୍ଗଳବାରକୁ ଘୁଞ୍ଚିଲା

ଜୟପୁର,୨୦।୭(ପି.ଟି.)

ସଚିନ ପାଇଲଟ ଓ ୧୮ ବିଦ୍ରୋହୀ କଂଗ୍ରେସ ବିଧାୟକ ଦାଏର କରିଥିବା ପିଟିଶନର ଶୁଣାଣିକୁ ରାଜସ୍ଥାନ ହାଇକୋର୍ଟ ମଙ୍ଗଳବାରକୁ ଘୁଞ୍ଚାଇଛନ୍ତି। ସୋମବାର ଶୁଣାଣି ଆରମ୍ଭ ହୋଇଥିଲେ ହେଁ ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ମଙ୍ଗଳବାର ଅବଶିଷ୍ଟ ଶୁଣାଣି ପରେ ରାୟ ପ୍ରକାଶ ପାଇବା ଆଶା କରାଯାଉଛି। ବାଚସ୍ପତିଙ୍କ ତରଫରୁ ଆଇନଜୀବୀ ଅଭିଷେକ ମନୁ ସିଙ୍ଘଭି ଉପସ୍ଥିତ ରହି ବିଦ୍ରୋହୀ ବିଧାୟକମାନଙ୍କ ପିଟିଶନକୁ ଅପରିପକ୍ୱ ବୋଲି କହିବା ସହ ଏହାକୁ ବାତିଲ କରାଯାଉ ବୋଲି ଯୁକ୍ତି କରିଥିଲେ। ଦଳର ମୁଖ୍ୟ ସଚେତକଙ୍କ ସୁପାରିସକ୍ରମେ ବାଚସ୍ପତି ବିଦ୍ରୋହୀ ବିଧାୟକମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ।

# ମଙ୍ଗଳ ଅଭିଯାନରେ ୟୁଏଇ



ଦୁବାଇ,୨୦।୭(ପି.ଟି.)

ଆରବ ଜଗତର ପ୍ରଥମ ରାଷ୍ଟ୍ର ଭାବେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ସୋମବାର ମଙ୍ଗଳ ଗ୍ରହକୁ ମହାକାଶ ଯାନ ପଠାଇ ଇତିହାସ ସୃଷ୍ଟି କରିଛି। ସ୍ଥାନୀୟ ସମୟ ରାତି ୧ଟା ୫୮ ମିନିଟ ସମୟରେ ଏଚ୍-୨ଏ ରକେଟ ସହାୟତାରେ ଜାପାନର ଟାନେଗାଶିମା ଉତ୍‌କ୍ଷେପଣ କେନ୍ଦ୍ରରୁ ୧.୩ ଟନ୍ ଓଜନ ବିଶିଷ୍ଟ ଅଲ୍ ଅମଲ୍ ନାମକ ମହାକାଶ ଯାନକୁ ମଙ୍ଗଳ ଗ୍ରହ ଅଭିମୁଖେ ପ୍ରେରଣ କରାଯାଇଥିଲା। ଏହାର ସଫଳ ଉତ୍‌କ୍ଷେପଣକୁ ନେଇ ଦୁବାଇସ୍ଥିତ ଗ୍ରାଉଣ୍ଡ କଣ୍ଟ୍ରୋଲ ରୁମ୍‌ରେ ଖୁସିର ଲହର ଖେଳିଯାଇଥିଲା। ଶତାଧିକ ବୈଜ୍ଞାନିକ, ମହାକାଶପ୍ରେମୀ ଏବଂ ୟୁଏଇ ନେତୃବୃନ୍ଦ ଉପସ୍ଥିତ ରହି ଏହି ସଫଳତା ପାଇଁ ଉତ୍ସାହିତ କରିଥିଲେ। ୟୁଏଇ ରାଷ୍ଟ୍ରପତି ଶେଖ୍ ଖଲିଫା ମଙ୍ଗଳ ଅଭିଯାନ ଟିମ୍‌କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଦୁବାଇରେ ଥିବା ଭାରତୀୟ କନ୍‌ସୁଲେଟ ଜେନେରାଲ ଏହି ସଫଳତା ପାଇଁ ୟୁଏଇ ନେତୃତ୍ୱକୁ ଅଭିନନ୍ଦନ ଜଣାଇଛନ୍ତି।

# ଭାଜପାରେ ମିଶିବା ପାଇଁ ଟଙ୍କା ଯାଚିଥିଲେ ପାଇଲଟ

ଜୟପୁର,୨୦।୭(ପି.ଟି.)

ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେବା ପାଇଁ ବିଦ୍ରୋହୀ ନେତା ସଚିନ ପାଇଲଟ ତାଙ୍କୁ ଟଙ୍କା ଯାଚିଥିଲେ ବୋଲି ରାଜସ୍ଥାନର କଂଗ୍ରେସ ବିଧାୟକ ଗିରିରାଜ ସିଂ ମାଲିଙ୍ଗା ଅଭିଯୋଗ କରିଛନ୍ତି। ସେ ଭାଜପାରେ ଯୋଗଦେବାକୁ ମନା କରିଦେଇଥିଲେ। ପାଇଲଟ କେତେ ଟଙ୍କା ଯାଚିଥିଲେ ତାହା ବିଧାୟକ କହି ନ ଥିବାବେଳେ ୩୦ରୁ ୩୫ କୋଟି ଯଚାଯାଇଥିବା ନେଇ ଚର୍ଚ୍ଚା ହେଉଛି। କଂଗ୍ରେସ ବିଧାୟକଙ୍କ ଅଭିଯୋଗକୁ ପାଇଲଟ ଖଣ୍ଡନ କରିଛନ୍ତି। ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢ଼ା। ଦଳର ରାଜ୍ୟ ନେତୃତ୍ୱ ବିରୋଧରେ ସ୍ୱର ଉଠାଇବାରୁ ତାଙ୍କୁ ବଦନାମ କରିବା ପାଇଁ ଉଦ୍ୟମ କରାଯାଉଥିବା ପାଇଲଟ କହିଛନ୍ତି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସୋମବାର ସଚିନ ପାଇଲଟଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ପାଇଲଟ ଜଣେ ବେକାର ଲୋକ ଓ କୌଣସି କାମକୁ ନୁହନ୍ତି ବୋଲି ସେ ଜାଣିଥିଲେ, କିନ୍ତୁ ଦଳର ସ୍ୱାର୍ଥ ଦୃଷ୍ଟିରୁ ପ୍ରଶ୍ନ ଉଠାଉନଥିଲେ ବୋଲି ଗେହଲଟ କହିଛନ୍ତି।

**କଂଗ୍ରେସ ବିଧାୟକଙ୍କ ଅଭିଯୋଗ**



ସଚିନ ପାଇଲଟ

## ୨୪ରେ କୋର୍ଟରେ ହାଜର ହେବେ ଆଡ଼ଭାନୀ

**ଲକ୍ଷ୍ନୌ,୨୦।୭(ପି.ଟି.):** ବାବ୍ରୀ ମସ୍‌ଜିଦ ଭଙ୍ଗା ମାମଲାରେ ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡ଼ଭାନୀ ଜୁଲାଇ ୨୪ରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର ହୋଇ ବୟାନ ରେକର୍ଡ କରାଇବେ। ଭିଡିଓ କନ୍‌ଫରେନ୍ସ ଜରିଆରେ ଆଡଭାନୀଙ୍କ ବୟାନ ସିଆର୍‌ପିସିର ଧାରା ୩୧୩ରେ ରେକର୍ଡ କରାଯିବ।

## ପଶ୍ଚିମବଙ୍ଗରେ ଗୋଷ୍ଠୀ ସଂକ୍ରମଣ

**କୋଲକାତା,୨୦।୭:** ପଶ୍ଚିମବଙ୍ଗର କେତେକ ଅଞ୍ଚଳରେ ଗୋଷ୍ଠୀ ସଂକ୍ରମଣ ହୋଇଥିବା ରାଜ୍ୟ ସରକାର କହିବା ସହ ସପ୍ତାହରେ ଦୁଇଦିନ ସମ୍ପୂର୍ଣ୍ଣ ଲକ୍‌ଡାଉନ ଘୋଷଣା କରିଛନ୍ତି। ରାଜ୍ୟର କେତେକ ଅଞ୍ଚଳରେ କରୋନା ମହାମାରୀ ଗୋଷ୍ଠୀ ସଂକ୍ରମଣ ରୂପ ନେଇଥିବା ରେକର୍ଡ କରାଯାଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ
ଭଡ଼ା- 65,000
ବାଇକ୍ ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନିର୍ଣ୍ଣାୟକ ହୋଇପାରେ କୋଭିଡ୍ ପରିଚାଳନା

ୱାଶିଂଟନ,୨୦।୭(ପି.ଟି.)

ନଭେମ୍ବରରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ପୁନର୍ବାର ନିର୍ବାଚିତ ହେବା କଷ୍ଟକର ହୋଇପାରେ ବୋଲି କୁହାଯାଉଛି। କାରଣ ଆପ୍ରୁଭାଲ ରେଟିଂରେ ସେ ଡେମୋକ୍ରାଟ ପ୍ରାର୍ଥୀ ଜୋ ବିଡେନଙ୍କଠାରୁ ପଛରେ ପଡ଼ିଯାଇଛନ୍ତି। ୱାଶିଂଟନ ପୋଷ୍ଟ ଏବଂ ଏବିସି ନ୍ୟୁଜ୍ ପକ୍ଷରୁ କରାଯାଇଥିବା ଜନମତ ସର୍ଭେ ଅନୁଯାୟୀ କରୋନା ମହାମାରୀ ଟ୍ରମ୍ପଙ୍କ ଜିତିବା ସମ୍ଭାବନାକୁ ଯଥେଷ୍ଟ ହ୍ରାସ କରିଛି। କୋଭିଡ୍ ପରିଚାଳନା ରାଷ୍ଟ୍ରପତି ନିର୍ବାଚନରେ ନିର୍ଣ୍ଣାୟକ ହୋଇପାରେ ବୋଲି କୁହାଯାଉଛି। ଟ୍ରମ୍ପଙ୍କ ପୁନଃ ନିର୍ବାଚିତ ହେବା ଆଶା ଏବେ ତାଙ୍କ ସମର୍ଥକମାନଙ୍କ ମୁଖ୍ୟ ବେସ୍‌ରେ ସୀମିତ ରହିଛି। ଜୁଲାଇ ୧୨ରୁ ୧୫ ମଧ୍ୟରେ ହୋଇଥିବା ସର୍ଭେ ଅନୁଯାୟୀ ଟ୍ରମ୍ପଙ୍କୁ ୪୦ ପ୍ରତିଶତ ପଞ୍ଜୀକୃତ ଭୋଟର ସମର୍ଥନ କରିଥିବାବେଳେ ବିଡେନଙ୍କ ପ୍ରତି ୫୫ ପ୍ରତିଶତଙ୍କ ସମର୍ଥନ ରହିଛି। ମାର୍ଚ୍ଚରେ ବିଡେନ ଟ୍ରମ୍ପଙ୍କଠାରୁ ୨ ପଏଣ୍ଟ ଆଗରେ ଥିବାବେଳେ ମେ’ରେ ୧୦ ପଏଣ୍ଟ ଆଗୁଆ ଥିଲେ।

ସର୍ଭେ ଅନୁଯାୟୀ ପାରମ୍ପରିକ ରିପବ୍ଲିକାନ ଓ ଡେମୋକ୍ରାଟ ଭୋଟରମାନେ ନଭେମ୍ବର ନିର୍ବାଚନକୁ ଟ୍ରମ୍ପଙ୍କ ଉପରେ ଗଣଭୋଟ ଭାବେ ବିବେଚନା କରୁଛନ୍ତି,

**ଆମେରିକା ରାଷ୍ଟ୍ରପତି ନିର୍ବାଚନ**
**ଜନମତ ସର୍ଭେରେ ବିଡେନ୍ ଆଗରେ**



ଡୋନାଲ୍ଡ ଟ୍ରମ୍ପ — ଜୋ ବିଡେନ

ବିଡେନ୍‌ଙ୍କୁ ଅଧିକ ଉପଯୁକ୍ତ ପ୍ରାର୍ଥୀ ବିଚାର କରି ନୁହେଁ ବୋଲି ରିପୋର୍ଟରେ କୁହାଯାଇଛି। ଟ୍ରମ୍ପ ପୁନର୍ବାର ନିର୍ବାଚିତ ହେବା ଗୁରୁତ୍ୱପୂର୍ଣ୍ଣ ବୋଲି ତାଙ୍କର ୭୨ପ୍ରତିଶତ ସମର୍ଥକ ଭୋଟର ମତ ଦେଇଥିବାବେଳେ ତାଙ୍କୁ ହରାଇବା ଏକମାତ୍ର ଲକ୍ଷ୍ୟ ବୋଲି ବିଡେନଙ୍କ ୬୨ ପ୍ରତିଶତ ସମର୍ଥକ କହିଛନ୍ତି। କୋଭିଡ୍-୧୯ ସଂକ୍ରମଣକୁ ବିଡେନ୍ ଭଲଭାବେ ନିୟନ୍ତ୍ରଣ କରିପାରିବେ ବୋଲି ୫୪ ପ୍ରତିଶତ ଆମେରିକୀୟ ବିଶ୍ୱାସ କରୁଥିବାବେଳେ ମାତ୍ର ୩୪ ପ୍ରତିଶତ ଟ୍ରମ୍ପଙ୍କ ସପକ୍ଷରେ ମତ ଦେଇଛନ୍ତି। ସେହିପରି ଅର୍ଥନୀତି ପରିଚାଳନାରେ ବିଡେନ୍ ବେଶ୍ ଉନ୍ନତି କରି ଜନମତ ସର୍ଭେରେ ଟ୍ରମ୍ପଙ୍କ ପାଖାପାଖି ପହଞ୍ଚିଛନ୍ତି। ଅର୍ଥନୀତି ପରିଚାଳନାରେ ଟ୍ରମ୍ପଙ୍କ ପ୍ରତି ସକାରାତ୍ମକ ମତ ରହିଛି। ଅର୍ଥନୀତି ପରିଚାଳନାରେ ଖୁସି ଥିବା ୫୦ ପ୍ରତିଶତ କହିଥିବାବେଳେ ୪୭ ପ୍ରତିଶତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଗତ ଦୁଇମାସ ମଧ୍ୟରେ ଆମେରିକାରେ ଶହ ଶହ ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ ହୋଇଥିବାବେଳେ ଅପରାଧ ଓ ସୁରକ୍ଷା ସେଠାରେ ବଡ଼ ପ୍ରସଙ୍ଗ ରହିଆସିଛି। ଏକ୍ଷେତ୍ରରେ ମଧ୍ୟ ଡେମୋକ୍ରାଟ ପ୍ରାର୍ଥୀ ବିଡେନ୍ ରିପବ୍ଲିକ୍ ପ୍ରାର୍ଥୀ ଟ୍ରମ୍ପଙ୍କଠାରୁ ୯ ପଏଣ୍ଟ ଆଗରେ ଅଛନ୍ତି। ସେହିପରି ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କ ରଖିବାରେ ବିଡେନ୍ ତାଙ୍କ ରିପବ୍ଲିକାନ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୨୫ ପଏଣ୍ଟ ଆଗରେ ରହିଛନ୍ତି। ଟ୍ରମ୍ପଙ୍କର ନିଯୁକ୍ତି ଅନୁମୋଦନ ରେଟିଂ ମଧ୍ୟ ଦୁଇମାସ ମଧ୍ୟରେ ଦ୍ରୁତ ହ୍ରାସ ପାଇ ୩୯ ପ୍ରତିଶତ ପଜିଟିଭ୍ ଓ ୫୭ ପ୍ରତିଶତ ନେଗେଟିଭ୍ ରହିଛି। ଟ୍ରମ୍ପଙ୍କ କାର୍ଯ୍ୟଧାରାକୁ ୪୮ ପ୍ରତିଶତ ନାପସନ୍ଦ କରିଛନ୍ତି। ଅନ୍ୟପକ୍ଷରେ ଉତ୍ତମ ବ୍ୟକ୍ତିତ୍ୱ ଏବଂ ସ୍ୱଭାବ ପାଇଁ ବିଡେନ୍ ଟ୍ରମ୍ପଙ୍କଠାରୁ ୨୬ ପଏଣ୍ଟ ଆଗରେ ଥିବା ୱାଶିଂଟନ ପୋଷ୍ଟ ରିପୋର୍ଟରେ କୁହାଯାଇଛି।

## ୨ ସେବାୟତ ପଜିଟିଭ ଚିହ୍ନଟ

**ପୁରୀ ଅଫିସ,୨୦।୭:** ରଥଯାତ୍ରା ପରେ କରୋନା ସଂକ୍ରମଣ ସ୍ଥିତି ଜାଣିବା ପାଇଁ ସେବାୟତମାନଙ୍କର ତୃତୀୟ ପର୍ଯ୍ୟାୟ କୋଭିଡ୍ ଟେଷ୍ଟ କରାଯାଇଥିଲା। ମୋଟ ୨,୬୩୬ ସେବାୟତଙ୍କ ସ୍ୱାବ୍ ସଂଗ୍ରହ ହୋଇଥିଲା। ସେମାନଙ୍କ ମଧ୍ୟରୁ ୨ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ସେବାୟତ ଦ୍ୱୟଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ସୋମବାର ଶ୍ରୀମନ୍ଦିର ପ୍ରଶାସନର କୋଭିଡ୍ ପରିଚାଳନା ଅଧିକାରୀ ସୁବ୍ରତ ବେହେରା କହିଛନ୍ତି। ସୂଚନା ଅନୁଯାୟୀ, ୩ଟି ପର୍ଯ୍ୟାୟରେ ସେବାୟତ ଓ କର୍ମଚାରୀଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା। ଏଥିରେ ମୋଟ ୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପୂର୍ବରୁ ୨ଜଣ ଏବଂ ଏବେ ଆଉ ୨ଜଣ ସେବାୟତଙ୍କ ସମେତ ଜଣେ କର୍ମଚାରୀ ରହିଛନ୍ତି।

**ସଂକ୍ଷେପରେ**

## ମାଆ ପରେ ପୁଅ ହେଲେ ସଂକ୍ରମିତ

**ନିମାପଡ଼ା,୨୦।୭(ଡି.ଏନ.ଏ.):** ନିମାପଡ଼ା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତରେ ଛଣିଜଙ୍ଗ ଗ୍ରାମରୁ ଜଣେ ବୃଦ୍ଧା(୬୨) କରୋନାରେ ସଂକ୍ରମିତ ହେବାର ୩ ଦିନ ପରେ ପୁଅ(୩୦)ଙ୍କ ରିପୋର୍ଟ ସୋମବାର ପଜିଟିଭ ଆସିଛି। ଗୋଟିଏ ପରିବାରରୁ ୨ଜଣ ଚିହ୍ନଟ ପରେ ଶଟଡାଉନ ଥିବା ଛଣିଜଙ୍ଗ ଗ୍ରାମକୁ ଅନାଦେଶ ପର୍ଯ୍ୟନ୍ତ ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ସରପଞ୍ଚ ମନୋରମା ମହାପାତ୍ର କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଗ୍ରାମର ସମସ୍ତ ପ୍ରବେଶ ପଥକୁ ସିଲ କରାଯିବା ସହ ବାହାର ଲୋକଙ୍କୁ ଅଞ୍ଚଳକୁ ପ୍ରବେଶ ନିଷେଧ କରାଯାଇଛି। ଏ ସମ୍ପର୍କରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇ ଗ୍ରାମବାସୀଙ୍କୁ ଅବଗତ କରାଯାଇଛି।

## ଖୋର୍ଦ୍ଧା: ୧୨ ପଜିଟିଭ୍

**ଖୋର୍ଦ୍ଧା ଅଫିସ,୨୦।୭:** ଖୋର୍ଦ୍ଧା ଜିଲା(ବିଏମସିକୁ ବାଦ ଦେଇ)ରେ ସୋମବାର ୧୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବାଣପୁରରୁ ଜଣେ ଚିହ୍ନଟ ହୋଇଥିବା ବେଳେ ମେଣ୍ଢାଶାଳରୁ ୫, ଜଟଣୀ ୪ ଏବଂ ବାଲିପାଟଣା ଓ ଖୋର୍ଦ୍ଧା ବ୍ଲକର ଜଣେ ଲେଖାଏ ପଜିଟିଭ୍ ରହିଛନ୍ତି। ଅନ୍ୟପଟେ ୩୧୦ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି। ତନ୍ମଧ୍ୟରୁ ଖୋର୍ଦ୍ଧାର ୧୧୭, ଟାଙ୍ଗୀର ୪୩, ବାଲୁଗାଁର ୩୭, ବାଣପୁରର ୧୪୭, ବେଗୁନିଆର ୨୨, ବୋଲଗଡ଼ର ୧୭, ବାଲକାଟୀର ୨୨ଙ୍କ ସ୍ୱାବ ସଂଗ୍ରହ କରାଯାଇଥିବା ପ୍ରଶାସନ ସୂଚନା ଦେଇଛି।

# ବଲିଉଡ୍ ଅଭିନେତା ବିକୁଛନ୍ତି ପରିବା


ଅଭିନୟ ସମୟରେ କାର୍ତ୍ତିକ ସାହୁ।


ଭୁବନେଶ୍ୱରର ରସୁଲଗଡ଼ ଅଞ୍ଚଳରେ କାର୍ତ୍ତିକ ପରିବା ବିକ୍ରି କରୁଛନ୍ତି।

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

**କରୋନା ଛଡ଼ାଇନେଲା ବୃତ୍ତି**

ପ୍ରଥମେ ବଲିଉଡ୍ ଅଭିନେତା ଏବେ ପରିବା ବିକ୍ରେତା। କରୋନା ଲୋକଙ୍କ ଜୀବନ ନେବା ସହ ଜୀବିକା ମଧ୍ୟ ବଦଳାଇ ଦେଇଛି। ପରିବାରର ପ୍ରତିପୋଷଣ ପାଇଁ ଶେଷରେ ପରିବା ବିକିବାକୁ ବାଧ୍ୟ ହୋଇଛନ୍ତି ବଲିଉଡ୍‌ରେ ଅଭିନୟ କରିଥିବା ଓଡ଼ିଆ ପୁଅ କାର୍ତ୍ତିକ ସାହୁ। ଘର କେନ୍ଦ୍ରାପଡ଼ା ଜିଲାର ଗରଦପୁର। ଦୀର୍ଘ ୧୭ବର୍ଷର ସଂଘର୍ଷମୟ ଜୀବନ ଭିତରେ ୨୦୧୪ରେ ରୋଜଗାର ଏବଂ ନିଜ ସ୍ୱପ୍ନ ପୂରଣ କରିବା ପାଇଁ ସେ ମୁମ୍ବାଇ ଚାଲିଯାଇଥିଲେ। ନିଜ ସୁନ୍ଦର ସ୍ୱାସ୍ଥ୍ୟ ଥିବାରୁ ବିଭିନ୍ନ ସଂସ୍ଥା ପାଇଁ ବାଉନ୍ସର ଭାବେ କାମ କରୁଥିଲେ। ଦିନେ ହଠାତ୍ ତାଙ୍କୁ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ବଲିଉଡରେ ବିଭିନ୍ନ ଛୋଟମୋଟ ଭୂମିକାରେ ସେ ଅଭିନୟ କରୁଥିଲେ। ବିଭିନ୍ନ ଚଳଚ୍ଚିତ୍ରରେ ସେ ପୋଲିସ ଓ ଅନ୍ୟାନ୍ୟ ଭୂମିକାରେ ନଜର ଆସିଛନ୍ତି। ହେଲେ କରୋନା ତାଙ୍କ ସ୍ୱପ୍ନର ବାଟ ଓଗାଳିଛି। ଫିଲ୍ମ ଓ ଟେଲିଭିଜନ ଶିଳ୍ପ ବନ୍ଦ ହେବା ଯୋଗୁ ପରିସ୍ଥିତିରେ ପଡ଼ି ଘରକୁ ଫେରିଛନ୍ତି କାର୍ତ୍ତିକ। ଓଡ଼ିଶା ଫେରିବା ପରେ ପରିବାରର ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ପରିବା ବ୍ୟବସାୟ ପନ୍ଥାକୁ ଆପଣାଇଛନ୍ତି।

କାର୍ତ୍ତିକ ବଲିଉଡ୍ ଖିଲାଡି ଅକ୍ଷୟ କୁମାରଙ୍କ ସହ 'ସୂର୍ଯ୍ୟବଂଶୀ' ଫିଲ୍ମରେ ପୋଲିସ ଭୂମିକାରେ ଅଭିନୟ କରିଛନ୍ତି। ସେହିପରି ସଞ୍ଜୟ ଦତ୍ତ, ସଲ୍‌ମାନ୍ ଖାନ୍ ଏବଂ ଅମୀର ଖାଁ ପ୍ରମୁଖଙ୍କ ସହ କାର୍ଯ୍ୟ କରିଛନ୍ତି। ଧାରାବାହିକ ଶ୍ରୀଗଣେଶ ସମେତ ୪ରୁ ଊର୍ଦ୍ଧ୍ୱ ୱେବ୍‌ସିରିଜ୍‌ରେ ଅଭିନୟ କରି ଓଡ଼ିଶା ପାଇଁ ଗର୍ବ ସାଉଁଟିଛନ୍ତି। ଏପରି କି ଆସିବାକୁ ଥିବା ହିନ୍ଦୀ ଫିଲ୍ମ 'ଟକ୍କର' ଏବଂ 'ବାହୁବଳୀ-୩' ପାଇଁ ମଧ୍ୟ ସେ ଚୟନ ହୋଇଥିଲେ। କିନ୍ତୁ କରୋନା ତାଙ୍କର ସବୁ ସ୍ୱପ୍ନକୁ ଅଧାରେ ରଖିଦେଇଛି। ପରିସ୍ଥିତିରେ ପଡ଼ି ଭୁବନେଶ୍ୱରର ରସୁଲଗଡ଼ ଅଞ୍ଚଳରେ କାର୍ତ୍ତିକ ପରିବା ବିକ୍ରି କରୁଛନ୍ତି। ମାତ୍ର ୨ ହଜାର ଟଙ୍କାରେ ପରିବା ବେପାର ଆରମ୍ଭ କରିଛନ୍ତି। ସେଥିରୁ ଯାହା ରୋଜଗାର ହୁଏ ପରିବାର ଚଳେ। ଠିକ୍ କ୍ୟାରିୟର ଉପରକୁ ଉଠୁଥିବା ବେଳେ କରୋନା ବାଧକ ସାଜିଛି। ପରିସ୍ଥିତି ସୁଧୁରିଲେ ମୁମ୍ବାଇ ଯାଇ ତାଙ୍କ ଅଭିଳାଷ ପୂର୍ଣ୍ଣ କରିବେ ବୋଲି କାର୍ତ୍ତିକ ଆଶା ରଖିଛନ୍ତି। ସେହିଭଳି ସୁଯୋଗ ମିଳିଲେ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିବେ ବୋଲି ସେ କହିଛନ୍ତି।

# ରାଜଧାନୀରେ ଆକ୍ରାନ୍ତ ସଂଖ୍ୟା ୧୨ଶହ ଟପିଲା

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

- ୪୯ ନୂଆ ପଜିଟିଭ୍, ୫୩ ସୁସ୍ଥ
- ୬ଦିନ ପରେ ୫୦ ତଳକୁ ଆସିଲା ସଂଖ୍ୟା
- ଲୋକଙ୍କ ସହଯୋଗ ଲୋଡ଼ିଲା ବିଏମ୍‌ସି

କରୋନା ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ସ୍ଥିତି ମଜଭୁତ୍ କରୁଛି। ଯେଉଁଠି ଜୁଲାଇ ପୂର୍ବରୁ ଆକ୍ରାନ୍ତଙ୍କ ସଂଖ୍ୟା ୩୨୦ ଥିଲା, ତାହା ଏବେ ୧୨୩୧ରେ ଛୁଇଁଛି। ସବୁଠୁ ବଡ଼ କଥା ହେଲା ଗତ ସପ୍ତାହ ମଧ୍ୟରେ ୫୧୩ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ୪୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଯାହାକି ପ୍ରାୟ ୬ଦିନ ପରେ ୫୦ତଳକୁ ସଂଖ୍ୟା କମିଛି। ଏମାନଙ୍କ ମଧ୍ୟରୁ ୧୫ ସ୍ଥାନୀୟ ସଂକ୍ରମିତ ଓ ୩୪ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ବରମୁଣ୍ଡା ଜଗନ୍ନାଥ ବିହାରରୁ ଜଣେ ବାଳକ(୮), ଏଜି ଛକ ନିକଟରୁ ଜଣେ ପୁରୁଷ(୩୮), ପୋଖରୀପୁଟରୁ ଜଣେ ପୁରୁଷ(୨୦), ନୟାପଲ୍ଲୀ ମହିମା ଢାବା ନିକଟରୁ ଜଣେ ପୁରୁଷ(୨୫), ଗଙ୍ଗନଗରରୁ ଜଣେ ପୁରୁଷ(୩୩), ୟୁନିଟ-୩ରୁ ଜଣେ ପୁରୁଷ(୫୬), ଲକ୍ଷ୍ମୀସାଗରରୁ ଜଣେ ପୁରୁଷ(୨୪), ଭରତପୁରରୁ ଜଣେ ପୁରୁଷ(୩୭), ଖାରବେଳ ନଗରରୁ ଜଣେ ବୃଦ୍ଧ(୬୦), ବିଜେବି ନଗରରୁ ଜଣେ ପୁରୁଷ(୪୦), ଖଣ୍ଡଗିରି ନିକଟ ବିକାଶ ସ୍କୁଲ ଅଞ୍ଚଳରୁ ଜଣେ ପୁରୁଷ(୪୬), ଖଣ୍ଡଗିରି ପ୍ଲାଜା ନିକଟରୁ ଜଣେ ବୃଦ୍ଧ(୬୯), ନୟାପଲ୍ଲୀ ନୂଆଁସାହିରୁ ଜଣେ ବୃଦ୍ଧ(୬୦), ଟଙ୍କପାଣି ରୋଡ ଅଞ୍ଚଳରୁ ଜଣେ ପୁରୁଷ(୫୧) ଓ ପୋଖରୀପୁଟରୁ ଜଣେ ମହିଳା(୨୨) ଚିହ୍ନଟ ହୋଇଛନ୍ତି। ସେହିପରି ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟଙ୍କ ମଧ୍ୟରୁ ୯୦% ମାମଲା ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଅଥବା ଅନ୍ୟ ହଟ୍‌ସ୍ପଟ୍ ଜିଲା ଫେରି ସଙ୍ଗରୋଧରେ ଥିଲେ। ସେହିପରି ଅନ୍ୟ ୧୦% ଆକ୍ରାନ୍ତଙ୍କ ବାହାର ରାଜ୍ୟ ଗସ୍ତ ଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ଏହାବ୍ୟତୀତ ସୋମବାର ୫୩ ଆକ୍ରାନ୍ତ ସୁସ୍ଥ ହୋଇଥିବା ବିଏମ୍‌ସି ସୂଚନା ଦେଇଛି। ବର୍ତ୍ତମାନ ୫୭୬ ଜଣ ସୁସ୍ଥ ଥିବାବେଳେ ୬୪୨ଜଣ ସକ୍ରିୟ ରହିଛନ୍ତି। ୧୧ ଜଣ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି। ଅନ୍ୟପଟେ ବିଏମ୍‌ସି ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂରେ ଲୋକଙ୍କ ସହଯୋଗ କାମନା କରିଛି। ଏ ନେଇ ବିଏମ୍‌ସି କମିଶନର ପ୍ରେମଚାନ୍ଦ ଚୌଧାରୀ କହିଛନ୍ତି, କୋଭିଡ୍ ବିରୋଧରେ ଚାଲିଥିବା ଯୁଦ୍ଧ ସାରିବାକୁ ହେଲେ ଭୁବନେଶ୍ୱରବାସୀଙ୍କୁ ବିଏମ୍‌ସିର ମେରୁଦଣ୍ଡ ସାଜିବାକୁ ପଡ଼ିବ। ବିନା ଲୋକଙ୍କ ସହଯୋଗରେ ବିଏମ୍‌ସି ଏହି ଯୁଦ୍ଧ ଜିତିପାରିବ ନାହିଁ। ତେଣୁ ଲୋକ ସହଯୋଗର ହାତ ବଢ଼ାନ୍ତୁ ଓ ବିଏମ୍‌ସି ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିୟମ ମାନନ୍ତୁ ବୋଲି ସେ କହିଛନ୍ତି।

# 'ଲୋକଙ୍କୁ ନ୍ୟାୟ ଦେବା ଫୋକସ୍‌ରେ ରହିବ'

**ପୁରୀ ଅଫିସ,୨୦।୭**


ଦାୟିତ୍ୱ ଗ୍ରହଣ କଲେ ଏସ୍‌ପି ଅଖିଳେଶ୍ୱର ସିଂ

ପୁରୀର ନୂତନ ଏସ୍‌ପି ଭାବେ ଆଇପିଏସ୍ ଅଫିସର ଅଖିଳେଶ୍ୱର ସିଂ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଥମେ ସେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ। ପରେ କାର୍ଯ୍ୟାଳୟକୁ ଯାଇ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ସେ ଥାନାଗୁଡ଼ିକରେ କିପରି ଜନସାଧାରଣଙ୍କୁ ନ୍ୟାୟ ମିଳିବ ତାହା ଫୋକସରେ ରହିବ ବୋଲି କହିଛନ୍ତି।

ଏସ୍‌ପି ସିଂ କହିଛନ୍ତି, ଜନସାଧାରଣଙ୍କ ସହ ମିଶି ପୋଲିସ କାମ କରିବ। ଯଦି କେହି ପୋଲିସ ପାଖକୁ ଆସନ୍ତି ତାଙ୍କୁ ସହଯୋଗ କରାଯିବ। ପୁରୀକୁ ବହୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟପନ୍ଥା ସ୍ଥିର କରିବାକୁ ପଡ଼ିବ। ପୁରୀ ବିଷୟରେ ବିଶେଷକରି ଶ୍ରୀମନ୍ଦିର ନୀତିକାନ୍ତି ସମ୍ପର୍କରେ ମୋର ଜ୍ଞାନ ନାହିଁ। ସହକର୍ମୀମାନଙ୍କ ସହ ଅତୀତ ଓ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆଲୋଚନା କରି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ଅପରାଧ ଓ ଅପରାଧୀଙ୍କ ଉପରେ କଡ଼ା ନଜର ରହିବ। ଅପରାଧୀ ଯିଏ ବି ହୁଅନ୍ତୁ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ପୁରୀ ପୋଲିସ ଭଲ କାମ କରିଥିବା ଶୁଣିଛି। ଆଗକୁ ଏହି ଧାରା ବଜାୟ ରହିବ। ଲୋକଙ୍କୁ ନ୍ୟାୟ ପ୍ରଦାନକୁ ଗୁରୁତ୍ୱ ଦିଆଯିବ। ପୋଲିସ ଗଣମାଧ୍ୟମକୁ ସହଯୋଗ କରିବ ବୋଲି ସିଂ କହିଛନ୍ତି। ଅପରାହ୍ନରେ ଏସ୍‌ପି ପ୍ରଥମେ ହୀରକ ଭବନରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଆଡିଶନାଲ ଏସ୍‌ପି ଅରୁଣ ଜେନା, ପି.କେ. ସ୍ୱାଇଁ ଓ ଶାନ୍ତନୁ ଦାଶ, ଆର୍‌ଆଇ ଚନ୍ଦ୍ରଶେଖର ଦାଶ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ନୂତନ ଏସ୍‌ପିଙ୍କ ପାଇଁ ସମ୍ପ୍ରତି କରୋନା ମୁକାବିଲା ଏବଂ ପୁରୀକୁ ବିଶ୍ୱ ଐତିହ୍ୟ ସହର ଭାବେ ଗଢିତୋଳିବା ବଡ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।



ପୁରୀ ବେଳାଭୂମିରେ ସୋମବାର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଟ୍ୱିନ୍ ସିଟିରେ କୋଭିଡ୍ ସୁରକ୍ଷା ବଡ଼ ଚ୍ୟାଲେଞ୍ଜ

**ଭୁବନେଶ୍ୱର,୨୦।୭ (ବ୍ୟୁରୋ)**

**ଦାୟିତ୍ୱ ନେଲେ ଦୁଇ ନୂଆ ଡିସିପି**


ଉମାଶଙ୍କର ଦାଶ।


ପ୍ରତୀକ ସିଂ।

କଟକ-ଭୁବନେଶ୍ୱର ଟୁଇନ୍‌ସିଟି କମିଶନରେଟ ପୋଲିସର ଦୁଇ ନୂଆ ଡିସିପିଙ୍କୁ ପାଇଛି। ଭୁବନେଶ୍ୱର ଡିସିପି ଭାବେ ୨୦୦୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଉମାଶଙ୍କର ଦାଶ ଓ କଟକ ଡିସିପି ଭାବେ ୨୦୧୪ ବ୍ୟାଚ୍‌ର ପ୍ରତୀକ ସିଂ ସୋମବାର ଦାୟିତ୍ୱ ନେଇଛନ୍ତି। ଭୁବନେଶ୍ୱରର ବିଦାୟୀ ଡିସିପି ଅନୁପ ସାହୁ ଓ କଟକର ଅଖିଳେଶ୍ୱର ସିଂ ଦାୟିତ୍ୱ ହସ୍ତାନ୍ତର କରିବା ପରେ ଦୁଇ ନୂଆ ଡିସିପି ସରକାରୀ ଦସ୍ତାବିଜ୍‌ରେ ଦସ୍ତଖତ କରି ବିଧିବଦ୍ଧ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୋଲିସ ସେବା ଭବନରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ବ୍ୟାଜ୍ ଲଗାଇବା ସହ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ଟିମ୍‌ରେ ସାମିଲ କରିଛନ୍ତି। କମିଶନର ଷଡ଼ଙ୍ଗୀ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଗତ ଦିନର ଅଭିଜ୍ଞତାକୁ ନେଇ ଦକ୍ଷତାର ସହ କାର୍ଯ୍ୟ କରିବାକୁ ଆଶାପୋଷଣ କରିଛନ୍ତି।

ନୂଆ ଡିସିପି ଦାଶ କହିଛନ୍ତି, କମିଶନରେଟ ପୋଲିସ ଟିମ୍‌ରେ ସାମିଲ ହୋଇଥିବାରୁ ଖୁସି ଅନୁଭବ କରୁଛି। ବର୍ତ୍ତମାନ ପୋଲିସ ବିଭାଗରେ ଦୁଇଟି ବଡ଼ ଚ୍ୟାଲେଞ୍ଜ ରହିଛି। ଗୋଟିଏ କୋଭିଡ୍-୧୯ ଗାଇଡ୍‌ଲାଇନ ପାଳନ କରିବା ଓ ଦ୍ୱିତୀୟରେ ପୋଲିସ ଭଉଣୀଭାଇମାନେ କିଭଳି ନିଜେ କୋଭିଡ୍‌ରୁ ସୁରକ୍ଷିତ ରହି ଜନସାଧାରଣଙ୍କୁ ଠିକ୍ ସେବା ଯୋଗାଇଦେବେ। ଏପରି କଠିନ ସମୟରେ ବରିଷ୍ଠଙ୍କ ମାର୍ଗଦର୍ଶନ ଓ ସମସ୍ତଙ୍କ ସହଯୋଗକୁ ନେଇ ସଫଳତାର ସହ କାର୍ଯ୍ୟ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ସେହିପରି ପ୍ରତୀକ ସିଂ କହିଛନ୍ତି, ଐତିହାସିକ ସହର କଟକର ଯେଉଁସବୁ ନୂଆ ଚ୍ୟାଲେଞ୍ଜ ରହିଛି ବା ଆଗକୁ ଆସିବ ତାହା ସଫଳ ମୁକାବିଲା ଉପରେ ଗୁରୁତ୍ୱ ଦେବି। ବର୍ତ୍ତମାନ କରୋନା ନିୟମକୁ କଡାକଡି ପାଳନ ଲାଗି ଚେଷ୍ଟା କରିବି ବୋଲି ସେ କହିଛନ୍ତି।

ତେବେ ବିଦାୟ ସମୟରେ କମିଶନର ଷଡ଼ଙ୍ଗୀ ଦୁଇ ବିଦାୟୀ ଡିସିପିଙ୍କ ସହ ହାତ ନ ମିଳାଇ ନ ଥିଲେ। କୋଭିଡ୍ ଗାଇଡ୍‌ଲାଇନ୍‌କୁ ମାନି କହୁଣିକୁ ସ୍ପର୍ଶକରି (ନେଲ୍‌ସେକ୍) ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।

# ଖାନନଗର: ବାପା-ପୁଅ ପଜିଟିଭ

**କଟକ ସହରରୁ ୨୯, ଗ୍ରାମାଞ୍ଚଳରୁ ୫୫ ଆକ୍ରାନ୍ତ ଚିହ୍ନଟ**

**କଟକ ଅଫିସ,୨୦।୭**

ଖାନ୍‌ନଗର ସାହିରେ ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଠାରେ ଏହା ପ୍ରଥମ ଘଟଣା। ଉଭୟ ଆକ୍ରାନ୍ତ ବାପା-ପୁଅ। ଆକ୍ରାନ୍ତ ବାପା ସ୍ଥାନୀୟ ଅଞ୍ଚଳ ପୂଜା କମିଟିର ସକ୍ରିୟ ସଦସ୍ୟ। ତାଙ୍କ ପୁଅ କିଛି ଦିନ ତଳେ ଅନୁଗୋଳରୁ ଫେରି ହୋମ କ୍ୱାରାଣ୍ଟାଇନରେ ଥିଲେ। ରବିବାର ବାପା-ପୁଅଙ୍କ ସେକ୍ଟର-୭ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ଉଭୟ ପଜିଟିଭ୍ ଥିବା ସୋମବାର ସନ୍ଧ୍ୟାରେ ଜଣାପଡ଼ିଛି। ପରିବାରର ଅନ୍ୟ ସଦସ୍ୟଙ୍କ ସ୍ୱାବ୍ ମଙ୍ଗଳବାର ସଂଗ୍ରହ କରାଯିବ। ଆକ୍ରାନ୍ତ ବାପା ସାହିର ଜଣେ ମୁରବି ହୋଇଥିବାରୁ ବହୁ ଲୋକ ତାଙ୍କ ସଂସ୍ପର୍ଶରେ ଆସିଥାଇପାରନ୍ତି। ସେହିପରି ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ୧୦ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୋମବାର କଟକରୁ ୨୯ ପଜିଟିଭ ଚିହ୍ନଟ ହୋଇଛନ୍ତି। ମଣିସାହୁ ଛକରୁ ୪, ତନ୍ତିସାହିରୁ ୫, ଶଙ୍କରପୁରରୁ ୫, କନିକାଛକରୁ ୨, କେଶରପୁରରୁ ୧, ପୁରୁଣା ରାଉସାପାଟଣା କଣ୍ଟେନମେଣ୍ଟ ଜୋନରୁ ୨, କାଳିଗଳି, ମାଛୁଆବଜାର, ସାଆନ୍ତସାହି, ହରିପୁର, ଗୋପାଳପୁର, ଭଗତପୁର, ଗଣ୍ଡରପୁର, ନରାଜରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସିଏମ୍‌ସିକୁ ବାଦ୍ ଦେଇ ଗ୍ରାମାଞ୍ଚଳରୁ ୫୫ ଜଣ ପଜିଟିଭ୍ ବାହାରିଛନ୍ତି। ସେଥିରୁ ବଡ଼ମ୍ବା ଅଞ୍ଚଳରୁ ୨୭, ମାହାଙ୍ଗାରୁ ୨୧, ବେଣ୍ଟକାରରୁ ୩, ନିଶ୍ଚିନ୍ତକୋଇଲିରୁ ୨, କଣ୍ଟାପଡ଼ା ଓ ଆଠଗଡ଼ରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# କୋଭିଡ୍ କେୟାର ହୋମ୍ ଭିତ୍ତିଭୂମିକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୨୦।୭**

ଖୋର୍ଦ୍ଧା ଜିଲାରେ କୋଭିଡ୍ ପରିଚାଳନା ଓ କରୋନା ନିୟନ୍ତ୍ରଣ ନେଇ ସୋମବାର ଆରଡିସି ଅନିଲ ସାମଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ କୋଭିଡ୍ କେୟାର ହୋମର ଆବଶ୍ୟକ ଭିତ୍ତିଭୂମି ଉପରେ ଗୁରୁତ୍ୱାରୋପ କରାଯାଇଛି। ଜିଲାରେ (ବିଏମସିକୁ ବାଦ୍ ଦେଇ) ୧୯୫ଟି କୋଭିଡ୍ କେୟାର ହୋମ ଥିବା ବେଳେ ୨୦୪୩ ଶଯ୍ୟା ରହିଛି। ୪୧ଟି କ୍ଲଷ୍ଟର ଟିଏମ୍‌ସିରେ ୧୫୫୫ ଶଯ୍ୟାର ବ୍ୟବସ୍ଥା କରାଯାଇଛି। ୧୪୨୯ କୋଭିଡ୍ ପରିଚାଳନା କମିଟି ରହିଛି। ଏହି କମିଟିଗୁଡିକୁ ଅଧିକ କ୍ରିୟାଶୀଳ, କରୋନା ସଂକ୍ରମଣ ସଚେତନ ଦିଗରେ ତ୍ୱରାନ୍ୱିତ ପାଇଁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପରାମର୍ଶ ଦିଆଯାଇଛି। ଜିଲାର କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିବା ୧୧,୩୬୨ ଜଣଙ୍କୁ ପ୍ରୋତ୍ସାହନ ସ୍ୱରୂପ ୨ହଜାର ଟଙ୍କା ଲେଖାଏ ଦିଆଯାଇଛି। ଏହା ପରେ ଆରଡିସି ସାମଲ ଓ ଜିଲାପାଳ ଶୀତାଂଶୁ ରାଉତ ଜଟଣୀ ବ୍ଲକ ଜାମୁଝରି କୋଭିଡ୍ କେୟାର ସେଣ୍ଟର ବୁଲି ଦେଖିବା ସହ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଲାଗି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଯାଁଳା ପଞ୍ଚାୟତ କୋଭିଡ୍ କେୟାରହୋମ ପରିଦର୍ଶନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ସିଡିଏମଓ ବିଶ୍ୱ ରଞ୍ଜନ ପତି ଉପସ୍ଥିତ ଥିଲେ। ଆରଡିସି ସାମଲ କହିଛନ୍ତି, ଜିଲାରେ କରୋନା ସ୍ଥିତି ସନ୍ତୋଷଜନକ। ଅଧିକ ଆଣ୍ଟିଜେନ କିଟ ଉପଲବ୍ଧ ସହ ଅଧିକରୁ ଅଧିକ ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯିବ। ଜିଲାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଗଠିତ କୋଭିଡ୍ କମିଟି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଗ୍ରାମାଞ୍ଚଳସ୍ତରୀୟ କମିଟି ଦ୍ୱାରା ସ୍ୱାସ୍ଥ୍ୟ ସର୍ବେକ୍ଷଣ ଚାଲିଛି। ସପ୍ତାହ ସୁଦ୍ଧା ଏହାର ରିପୋର୍ଟ ଆସିଯିବ। ଏହାକୁ ଦେଖି ଆଗାମୀ ପଦକ୍ଷେପ ସ୍ଥିର କରାଯିବ ବୋଲି ସେ କହିଛନ୍ତି।

# ଭୋକରେ ବୁଲା ପ୍ରାଣୀ

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

**ଭୁଲିଗଲା ବିଏମ୍‌ସି**

- ଡଷ୍ଟବିନ୍ ଖୋଜୁଛନ୍ତି, ମଣିଷ ପଛରେ ଦୌଡ଼ୁଛନ୍ତି
- ପୂର୍ବରୁ ଖର୍ଚ୍ଚ ହୋଇଛି ୧୦.୬୦ ଲକ୍ଷ ଟଙ୍କା





ଲକ୍‌ଡାଉନ୍‌ରେ ବୁଲା ପ୍ରାଣୀଙ୍କୁ ଖାଦ୍ୟ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ସହ ବିଏମ୍‌ସିକୁ ଏନେଇ ଅର୍ଥ ମଧ୍ୟ ପ୍ରଦାନ କରିଛନ୍ତି। ସେହି ଅର୍ଥରେ ଗତ ଲକ୍‌ଡାଉନ୍‌ରେ ବୁଲା କୁକୁର, ଷଣ୍ଢଙ୍କୁ ବିରିୟାନି, ଚୋକଡ ଖୁଆଇଛି ବିଏମ୍‌ସି। ଏବାବଦକୁ ଦୈନିକ ୨୦ ହଜାର ଟଙ୍କା ଲେଖାଏ କରି ୫୩ଦିନରେ କର୍ତ୍ତୃପକ୍ଷ ଖର୍ଚ୍ଚ କରିଛନ୍ତି ୧୦ ଲକ୍ଷ ୬୦ ହଜାର ଟଙ୍କା। ଏବେ ପୁଣି ଭୁବନେଶ୍ୱରରେ ୧୪ଦିନିଆ ଲକ୍‌ଡାଉନ୍ ଲାଗୁ ହୋଇଛି। ହେଲେ ବୁଲା ପ୍ରାଣୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ହୋଇ ନ ଥିବାରୁ ରାଜଧାନୀ ରାଜରାସ୍ତାରେ ଶହଶହ କୁକୁର, ଗାଈ ଓ ଷଣ୍ଢ ଭୋକରେ ରହୁଥିବା ଦେଖିବାକୁ ମିଳିଛି। ପୂର୍ବଭଳି ସାମାଜିକ ସଂଗଠନ ବା ବଦାନ୍ୟ ବ୍ୟକ୍ତିମାନେ ବୁଲିବୁଲି ଖାଦ୍ୟ ଦେଉନାହାନ୍ତି। ହୋଟେଲ୍ ଓ ବଜାର ବନ୍ଦ ଥିବାରୁ ରନ୍ଧାଖାଦ୍ୟ ଖାଇବାରେ ଅଭ୍ୟସ୍ତ ଥିବା ଏହି ବୁଲା ପ୍ରାଣୀମାନେ ଆବଶ୍ୟକ ଖାଦ୍ୟ ନ ପାଇ ଏକପ୍ରକାର ଛଟପଟ ହେଉଛନ୍ତି। ଲୋକ ଦେଖିଲେ ଖାଦ୍ୟ ଆଶାରେ ପଛରେ ଦୌଡୁଛନ୍ତି। ଯଦି କେହି ହାତରେ କିଛି ଖାଦ୍ୟ ସାମଗ୍ରୀ ଅବା ବ୍ୟାଗ୍ ଧରି ଯାଉଛନ୍ତି ତେବେ କଥା ସରିଲା। କିଛି କୁକୁର ପାଗଳ ଭଳି ଆଚରଣ କରି କାମୁଡିବାକୁ ଗୋଡ଼ାଉଛନ୍ତି ତ ଆଉ କିଛି କୁକୁର ଡଷ୍ଟବିନ୍ ଖୋଜି ଖୋଜି ନୟାନ୍ତ ହେଉଛନ୍ତି। କାରଣ ପୂର୍ବଭଳି ଆଉ ଡଷ୍ଟବିନ୍‌ରେ ଘର ବା ହୋଟେଲର ବଳକା ରନ୍ଧାଖାଦ୍ୟ ପଡୁନି। କଥା କହିପାରୁ ନ ଥିବା ଏହି ବୁଲା ପ୍ରାଣୀଙ୍କ ମନକଥା ବୁଝି କିଛି ଲୋକ ମଧ୍ୟ ପାଖରେ ଥିବା ଖାଦ୍ୟ ସମାଗ୍ରୀ ଦେଉଛନ୍ତି, ହେଲେ ତାହା ସେମାନଙ୍କ ଭୋକ ମେଣ୍ଟାଇବା ସମ୍ଭବ ହେଉନି। ସେହିଭଳି ବୁଲା ଗୋରୁ ମଧ୍ୟ ଖାଦ୍ୟ ଖୋଜି ଖୋଜି କଲୋନୀର ଘରଘର ବୁଲୁଛନ୍ତି। ଖାଦ୍ୟ ନ ପାଇଲେ ପଲିଥିନ ସହ ଆବର୍ଜନା ଖାଉଥିବା ଦେଖିବାକୁ ମିଳୁଛି। ସହରରେ ବୁଲା ପ୍ରାଣୀଙ୍କ ଏଭଳି ଦୟନୀୟ ସ୍ଥିତିକୁ ନେଇ ବିଭିନ୍ନ ମହଲରୁ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନା ଅଧିକାର ଆଇନ୍ ବଳରେ ମିଳିଥିବା ସୂଚନା ମୁତାବକ, ପୂର୍ବ ଲକ୍‌ଡାଉନ୍ ସମୟରେ ବୁଲା ପ୍ରାଣୀଙ୍କ ପାଇଁ ଯେଉଁ ୧୦ଲକ୍ଷ ୬୦ ହଜାର ଟଙ୍କା ଖର୍ଚ୍ଚ କରିଛି ସେଥିମଧ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦୁଇଟି କିସ୍ତିରେ ୭ଲକ୍ଷ ୪୦ହଜାର ଟଙ୍କା ବିଏମ୍‌ସିକୁ ଦେଇଛି। ଅବଶିଷ୍ଟ ୩ଲକ୍ଷ ୨୦ହଜାର ଟଙ୍କା ବିଏମ୍‌ସି ନିଜେ ଖର୍ଚ୍ଚ କରିଥିବା ହିସାବ ଦେଉଛି। ସେତେବେଳେ ଯଦି ବିଏମ୍‌ସି ନିଜ ପାଣ୍ଠିରୁ ଖର୍ଚ୍ଚ କରିଥିଲା, ଏବେ କାହିଁକି କରୁନି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏନେଇ ବିଏମ୍‌ସି ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ବିଏମ୍‌ସି କାର୍ଯ୍ୟାଳୟରେ ଏନେଇ କୌଣସି ଆଲୋଚନା ହୋଇନାହିଁ। ଆଗକୁ ବୈଠକ ବସିବାର ସମ୍ଭାବନା ରହିଛି। ଏହାପରେ ଖାଦ୍ୟ ବଣ୍ଟାଯିବ କି ନାହିଁ ତାର ନିଷ୍କର୍ଷ ପ୍ରକାଶ ପାଇବ ବୋଲି ସେ କହିଛନ୍ତି।

## ଖାଉଟି ସୁରକ୍ଷା ଆଇନ ୨୦୧୯ ଲାଗୁ

ସୋମବାରଠାରୁ ସାରା ଦେଶରେ ଖାଉଟି ସୁରକ୍ଷା ଆଇନ-୨୦୧୯ କାର୍ଯ୍ୟକାରୀ ହୋଇଛି। ଏହି ଆଇନ ଅନୁସାରେ କେନ୍ଦ୍ରୀୟ ଖାଉଟି ସୁରକ୍ଷା ପ୍ରାଧିକରଣ ଗଠନ ଓ ଅସାଧୁ ବାଣିଜ୍ୟ କାରବାର ନିରାକରଣ ପାଇଁ ପଦକ୍ଷେପ, ଇ-କମର୍ସ ପ୍ଲାଟଫର୍ମର ବ୍ୟବସ୍ଥା କରାଯାଇଛି। ନୂଆ ଆଇନ ଖାଉଟିଙ୍କ ଅଧିକାର ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଖାଉଟି ବ୍ୟାପାର ମନ୍ତ୍ରୀ ରାମ ବିଳାଶ ପାଶ୍ୱାନ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

### ଆଇବିଏମ୍ ସିଇଓଙ୍କ ସହ ମୋଦିଙ୍କ ଆଲୋଚନା

**ନୂଆଦିଲ୍ଲୀ,୨୦।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଇବିଏମ୍ ସିଇଓ ଅରବିନ୍ଦ କ୍ରିଷ୍ଣାଙ୍କ ସହ ଭିଡିଓ କନକରେନ୍ସି ଯୋଗେ ଆଲୋଚନା କରିଛନ୍ତି। ଆଇବିଏମ୍ ସହ ଭାରତର ଦୃଢ ସମ୍ପର୍କ ବିଷୟରେ ସେ ଏଠାରେ ଗୁରୁତ୍ୱାରୋପ କରିଥିବା ଜଣାପଡିଛି। କମ୍ପାନୀ ଉପରେ ରହିଥିବା କୋଭିଡର ପ୍ରଭାବ, ୱାର୍କ ଫ୍ରମ ହୋମ ଭଳି ବିଭିନ୍ନ ଦିଗ ଉପରେ ଏଠାରେ ଆଲୋଚନା ହୋଇଥିବା ଜଣାପଡିଛି। ଦେଶରେ ଟେକ୍ନୋଲୋଜି କମ୍ପାନୀଙ୍କ ସୁବିଧା ହେବା ଭଳି ବିଭିନ୍ନ ପଦକ୍ଷେପ ସରକାର ଗ୍ରହଣ କରୁଥିବା ମୋଦି ମତ ପ୍ରକାଶ କରିଛନ୍ତି। ଆଇବିଏମ୍ ସିଇଓ ଆତ୍ମନିର୍ଭର ଭାରତ ସଂକଳ୍ପ ପ୍ରତି ବିଶ୍ୱାସ ପ୍ରକଟ କରିଛନ୍ତି। ଘରୋଇ ବଜାରରେ ବ୍ୟାପକ ନିବେଶ ଯୋଜନା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଧାରିତ ପାଠ୍ୟକ୍ରମ, ଡାଟା ସୁରକ୍ଷା, ସାଇବର ଆକ୍ରମଣ, ଗୋପନିୟତା ଭଳି ପ୍ରସଙ୍ଗରେ ଏଠାରେ ଆଲୋଚନା ହୋଇଥିବା ଜଣାପଡିଛି।

### ୟୁନିୟନ୍ ବ୍ୟାଙ୍କର କ୍ଷେତ୍ରୀୟ୍ ପ୍ରବନ୍ଧକ

**ଭୁବନେଶ୍ୱର,୨୦।୭:** ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ନୂତନ କ୍ଷେତ୍ରୀୟ ପ୍ରବନ୍ଧକ ଭାବରେ ସୋଭନ ସେନଗୁପ୍ତା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବର୍ତ୍ତମାନ ଭୁବନେଶ୍ୱର କ୍ଷେତ୍ର ଅଧୀନରେ ପ୍ରାୟ ୬୯ଟି ଶାଖା ଅନ୍ତର୍ଭୁକ୍ତ ହୋଇଛି। ସେନଗୁପ୍ତା ଏହା ପୂର୍ବରୁ ମଧ୍ୟପ୍ରଦେଶ ସ୍ଥିତ ଗ୍ୱାଲିୟର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ। ସେ ୧୯୯୦ ମସିହାରେ ବ୍ୟାଙ୍କରେ ଅଫିସର ଭାବେ ଯୋଗଦେଇଥିଲେ। ସେ ମଧ୍ୟପ୍ରଦେଶ, ଛତିଶଗଡ, ଓଡିଶା, ବିହାର, ଗୁଜରାଟ ଭଳି ରାଜ୍ୟରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଛନ୍ତି। ତାଙ୍କର ମୋଟ କାର୍ଯ୍ୟକାଳ ମଧ୍ୟରୁ ସେ ପ୍ରାୟ ୨୭ବର୍ଷ ଧରି ବିଭିନ୍ନ ଶାଖାରେ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି।

# ଛଟେଇ ହେବେ ଇଣ୍ଡିଗୋର ୧୦% କର୍ମଚାରୀ

**ନୂଆଦିଲ୍ଲୀ,୨୦।୭**



କରୋନା ମହାମାରୀ ପ୍ରଭାବ ଦେଶର ବିମାନ ଚଳାଚଳ କ୍ଷେତ୍ରକୁ କ୍ଷତିଗ୍ରସ୍ତ କରିଛି। ବର୍ତ୍ତମାନ କଟକଣା ସହ ଘରୋଇ ବଜାରରେ ବିମାନ ସେବା ଉପଲବ୍ଧ ହେଉଥିବା ବେଳେ ଅନ୍ତର୍ଜାତୀୟ ବିମାନ ସେବାକୁ ଅନୁମତି ମିଳିପାରିନାହିଁ। କେବଳ ଭାରତ ନୁହେଁ, ସାରା ବିଶ୍ୱରେ

**ବିମାନ ଚଳାଚଳ କ୍ଷେତ୍ର ଉପରେ କରୋନା ମାଡ**

ବିମାନ ଚଳାଚଳ କ୍ଷେତ୍ରର ଅଣ୍ଟାକୁ କରୋନା ଭାଇରସ୍ ଭାଙ୍ଗିଦେଇଛି। ବିମାନ କମ୍ପାନୀଗୁଡ଼ିକ ସେମାନଙ୍କ କାରବାରକୁ ବଞ୍ଚାଇବା ଲାଗି ବିକଳ୍ପ ପନ୍ଥା ଆପଣାଉଛନ୍ତି। ଦେଶର ପ୍ରମୁଖ ବିମାନ ସେବା ଯୋଗାଣକାରୀ କମ୍ପାନୀ ଇଣ୍ଡିଗୋ ବର୍ତ୍ତମାନ ପରିସ୍ଥିତିକୁ ଧ୍ୟାନରେ ରଖି ଏହାର ୧୦% କର୍ମଚାରୀଙ୍କୁ ଛଟେଇ କରିବାକୁ ଘୋଷଣା କରିଛି। ସ୍ଥିତି ବଜାୟ ରଖିବା ଲାଗି ଏଭଳି ନିଷ୍ପତ୍ତି କମ୍ପାନୀ ଗ୍ରହଣ କରିଥିବା କୁହାଯାଉଛି। ଇଣ୍ଡିଗୋରେ ବର୍ତ୍ତମାନ ୨୪ ହଜାର କର୍ମଚାରୀ କାର୍ଯ୍ୟ କରୁଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ କମ୍ପାନୀକୁ କର୍ମଚାରୀଙ୍କ ବାବଦ ୪୩୯୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି।

ବିମାନ ଚଳାଚଳ କ୍ଷେତ୍ରକୁ ସରକାର କୌଣସି ସହାୟତା ପ୍ରଦାନ କରି ନାହାନ୍ତି। ଅପରପକ୍ଷରେ କରୋନା ଲାଗି ବିମାନସେବା ବାଧାପ୍ରାପ୍ତ ହୋଇଥିବା ବେଳେ ବିମାନ ଇନ୍ଧନ ବୃଦ୍ଧି ଯୋଗୁ କମ୍ପାନୀଗୁଡ଼ିକର ଚିନ୍ତା ବଢ଼ିଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିକୁ ବିଚାରକରି କାରବାରକୁ ବଞ୍ଚାଇବା ଯୋଜନା କରାଯିବା ସହ ବାଧ ହୋଇ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି କମ୍ପାନୀର ସିଇଓ ରଣଜୟ ଦତ୍ତ କହିଛନ୍ତି। ଇଣ୍ଡିଗୋ ଇତିହାସରେ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି। ପ୍ରଭାବିତ ହୋଇଥିବା କର୍ମଚାରୀଙ୍କ ଲାଗି କମ୍ପାନୀ ୬ଇ କେୟାର ପ୍ୟାକେଜ ଘୋଷଣା କରିଛି। ଏହାଦ୍ୱାରା କର୍ମଚାରୀଙ୍କୁ ନୋଟିସ ପେ ପ୍ରଦାନ ବ୍ୟବସ୍ଥା କରାଯାଇଛି। କର୍ମଚାରୀଙ୍କୁ ଅନ୍ତତଃ ପକ୍ଷେ ୩ ମାସର ବେତନ ପ୍ରଦାନ ନେଇ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ବଜାର ସ୍ଥିତି ଠିକ୍ ନ ଥିବା ବେଳେ ବିଭିନ୍ନ କମ୍ପାନୀ ସେମାନଙ୍କ ବାଣିଜ୍ୟକୁ ବ୍ୟବସ୍ଥିତ କରିବାକୁ ବାଧ ହୋଇଛନ୍ତି। ଏହି ଯୋଜନା ଅନ୍ତର୍ଗତ କମ୍ପାନୀଗୁଡିକ ଖର୍ଚ୍ଚକାଟ କରିବା ଲାଗି ବିକଳ୍ପ ପନ୍ଥା ଗ୍ରହଣ କରୁଛନ୍ତି। ଏହା ମଧ୍ୟରେ କର୍ମଚାରୀଙ୍କୁ ବୃହତ୍ ପରିମାଣର ଛଟେଇ ହେବାକୁ ପଡୁଛି।

# ଏଜିଆର୍ ଦେୟ ରାୟ ସଂରକ୍ଷିତ



**ନୂଆଦିଲ୍ଲୀ,୨୦।୭:** ଟେଲିକମ୍ କମ୍ପାନୀଙ୍କ ଆଡଜଷ୍ଟେଡ୍ ଗ୍ରସ୍ ରେଭିନ୍ୟୁ (ଏଜିଆର୍) ଦେୟ ପ୍ରଦାନ ମାମଲା ଉପରେ ଚୂଡ଼ାନ୍ତ ଶୁଣାଣି କରିବା ସହ ସୁପ୍ରିମକୋର୍ଟ ରାୟକୁ ସଂରକ୍ଷିତ କରିଛନ୍ତି। ଟେଲିକମ୍ କମ୍ପାନୀଙ୍କ ୧.୬ ଲକ୍ଷ କୋଟି ଟଙ୍କା ଏଜିଆର୍ ମାମଲାରେ ଆଉ ଗୋଟିଏ ସେକେଣ୍ଡ ପାଇଁ ମଧ୍ୟ ଶୁଣାଣି କରାଯିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ ଅରୁଣ କୁମାର ମିଶ୍ର, ଜଷ୍ଟିସ ଅବଦୁଲ ନାଜିର ଏବଂ ଜଷ୍ଟିସ ଏ.ଆର୍.ଶାହଙ୍କ ଖଣ୍ଡପୀଠ ଏହି ମାମଲାର ରାୟକୁ ସଂରକ୍ଷିତ କରିଛନ୍ତି। ଦେୟ ପ୍ରଦାନ ଲାଗି ଟେଲିକମ୍ କମ୍ପାନୀଙ୍କୁ ୨୦ ବର୍ଷ ସମୟ ଦିଆଯାଉ ବୋଲି କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅପିଲ କରିଥିଲେ। ଏହି ମାମଲାରେ ପୁଣି ଥରେ ଶୁଣାଣି ନ କରିବା ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି। ୧୫ରୁ ୨୦ ବର୍ଷ ସମୟ ଦେବା ଠିକ୍ ନୁହେଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଉପଲବ୍ଧ କରିଛନ୍ତି। ଏ ଦିଗରେ ଟେଲିକମ୍ କମ୍ପାନୀଗୁଡିକ ଏକ ଠିକ୍ ସମୟସୀମା ପୁଣି ଥରେ ଧାର୍ଯ୍ୟ କରନ୍ତୁ ବୋଲି ନ୍ୟାୟାଳୟ ନିର୍ଦ୍ଦେଶରେ କହିଛନ୍ତି। ଯଦି ହୁଏ ତେବେ ଟେଲିକମ କମ୍ପାନୀଗୁଡିକର ଇନ୍ସଲଭେନ୍ସି ପ୍ରସଙ୍ଗଗୁଡିକରେ ମଧ୍ୟ ବିଚାର କରାଯାଇପାରେ। ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ଉପରେ ରହିଥିବା ପ୍ରାୟ ୪ ଲକ୍ଷ କୋଟି ଟଙ୍କାର ଏଜିଆର୍ ଦେୟ ଆଦାୟ ନ କରିବାକୁ ଟେଲିକମ ବିଭାଗ ନିଷ୍ପତ୍ତି ନେଇଛି ବୋଲି ସରକାର ଜୁନ୍ ୧୮ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ କହିଥିଲେ। ଏଭଳି ସ୍ଥିତିରେ ପେମେଣ୍ଟ ନେଇ ଏକ ଠିକ୍ ଯୋଜନା ଆଣିବାକୁ ଟେଲିକମ୍ କମ୍ପାନୀଗୁଡ଼ିକୁ କୁହାଯାଇଛି।

# ଟାଟା ମୋଟର୍ସ କାର ଉପରେ ଅଫର

**ଭୁବନେଶ୍ୱର,୨୦।୭:** ଟାଟା ମୋଟର୍ସ ପକ୍ଷରୁ ରାଉରକେଲା ସ୍ଥିତ କମ୍ପାନୀର ଡିଲର ପାର୍ଟନର ବଳରାମ ମୋଟର୍ସରେ ଆକର୍ଷଣୀୟ ଅଫର ଉପଲବ୍ଧ ହେଉଛି। ଏହା ସହିତ କମ୍ପାନୀ ପକ୍ଷରୁ ମିଳିତ ଭାବେ ଏହାର ହ୍ୟାଚ୍‌ବ୍ୟାକ, ସେଡାନ୍ ଓ ଏସ୍‌ୟୁଭି ଭଳି ମଡେଲ ଉପରେ ଏହି ଅଫର ଗୁଡିକ ଲାଗୁ ହେଉଛି। କମ୍ପାନୀର ଟିଆଗୋ, ଟିଗୋର, ନେକ୍ସନ ଓ ହାରିଅର ସମେତ ସବୁ ରେଞ୍ଜର ଯାତ୍ରୀବାହୀ ଯାନ ଉପରେ ଏହି ଆକର୍ଷଣୀୟ ଅଫର ଗ୍ରାହକମାନେ ପାଇପାରିବେ। ଶୋ'ରୁମ ପକ୍ଷରୁ ଯାନ କ୍ରୟରେ ସହଜ ଋଣ, ସୁଲଭ କିସ୍ତି, ଦୀର୍ଘାବଧି ଋଣ ସୁବିଧା କରାଯାଇଛି। ସ୍ୱାସ୍ଥ୍ୟବସ୍ଥା, ଜନସାଧାରଣ ଓ ଅତ୍ୟାବଶ୍ୟକୀୟ ସେବା କ୍ଷେତ୍ରର ସମସ୍ତ ଫ୍ରଣ୍ଟଲାଇନ କର୍ମଚାରୀଙ୍କ ପାଇଁ ଏକାଧିକ ବିକଳ୍ପ ଉପଲବ୍ଧ। ଗ୍ରାହକମାନେ ଏବେ ନିଜ ପସନ୍ଦର ୪ଷ୍ଟାର ଜିଏନ୍‌ସିଏପି ସେଫ୍ଟି ରେଟେଡ ଟାଟା ଟିଆଗୋ କିମ୍ବା ଟିଗର କାରକୁ ୬ମାସ ପାଇଁ ମାତ୍ର ୫ହଜାରରୁ ଆରମ୍ଭ ହେଉଥିବା ଏକ କଷ୍ଟମାଇଜଡ ଇଏମ୍‌ଆଇ ପ୍ଲାନ ସହ କିଣିପାରିବେ ବୋଲି ସୂଚନା ଦିଆଯାଇଛି। ଏହି କିସ୍ତି ରାଶି ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ଲାଗୁ ହେଉଛି ବୋଲି ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ ବିଜନେସ୍ ୟୁନିଟର ପୂର୍ବାଞ୍ଚଳ ଜୋନାଲ ପ୍ରବନ୍ଧକ ରିତେଶ ବଶିଷ୍ଠ ସୂଚନା ଦେଇଛନ୍ତି।

# ଆମାଜନରେ ଏମ୍‌ଏସ୍‌ଏମ୍‌ଇଙ୍କ ୨ ବିଲିୟନ ଡଲାର ରପ୍ତାନି

**ନୂଆଦିଲ୍ଲୀ, ୨୦।୭:** ପ୍ରମୁଖ ଇ-କମର୍ସ କମ୍ପାନୀର ବିଶ୍ୱ ବଜାର ବିକ୍ରି କାର୍ଯ୍ୟକ୍ରମ ଆମାଜନ ଗ୍ଲୋବାଲରେ ଦେଶର ଏମ୍‌ଏସ୍‌ଏମ୍‌ଇଗୁଡିକ ୨ ବିଲିୟନ ଡଲାର ସାମଗ୍ରୀ ରପ୍ତାନି କରିବାକୁ ସକ୍ଷମ ହୋଇଛନ୍ତି। ୨୦୧୫ରେ ଏହି କାର୍ଯ୍ୟକ୍ରମକୁ କମ୍ପାନୀ ଆରମ୍ଭ କରିଥିଲା। ଆମାଜନର ୧୫ ୱେବ୍‌ସାଇଟରେ ବିଶ୍ୱବଜାରକୁ ରପ୍ତାନି ସୁଯୋଗ କମ୍ପାନୀଗୁଡିକ ଏହା ଦ୍ୱାରା ଲାଭ କରିବାକୁ ସକ୍ଷମ ହୋଇଥିଲେ। ମାତ୍ର କେତେଜଣ ସେଲରଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ୬୦ ହଜାର ରପ୍ତାନିକାରୀ ଯୋଡି ହୋଇଛନ୍ତି। ୨୦୨୫ ସୁଦ୍ଧା ଏହି ବର୍ଗରେ ରପ୍ତାନିକୁ ୧୦ ବିଲିୟନ ଡଲାରକୁ ବଢ଼ାଇବାକୁ ଯୋଜନା ରହିଛି। ଦେଶର ଏମ୍‌ଏସ୍‌ଏମ୍‌ଇ ବିଶ୍ୱବଜାରକୁ ଅଧିକ ସାମଗ୍ରୀ କିଭଳି ପଠାଇପାରିବେ ସେ ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରୁଥିବା କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି।

# ପିଏନ୍‌ବି ପକ୍ଷରୁ କୋଭିଡ୍ କିଟ୍ ପ୍ରଦାନ



**କଟକ, ୨୦।୭:** କରୋନା ମହାମାରୀ ବର୍ତ୍ତମାନ ପରିସ୍ଥିତିରେ ଏକ ଜଟିଳ ସମସ୍ୟା ସୃଷ୍ଟି କରିଛି। ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସରକାର ମଧ୍ୟ ସବୁ ପ୍ରକାରର ଚେଷ୍ଟା ଜାରି ରଖିଛନ୍ତି। ଏହି ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷା ପ୍ରଦାନ ସହ ଆବଶ୍ୟକ ସେବା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଏକ ଦାୟିତ୍ୱବାନ ଅନୁଷ୍ଠାନ ହିସାବରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ କଟକ ମଣ୍ଡଳ ପକ୍ଷରୁ କଟକ ଜିଲ୍ଲା ପ୍ରଶାସନକୁ କରୋନା ସଂକ୍ରମିତଙ୍କ ପାଇଁ ବେଶ ଉପାଦେୟ କୋଭିଡ୍ କିଟ୍ ଯୋଗାଇ ଦେଇଛନ୍ତି। ବ୍ୟାଙ୍କର ମଣ୍ଡଳ ମୁଖ୍ୟ ଶିବାନନ୍ଦ ଭଞ୍ଜଙ୍କ ନେତୃତ୍ୱରେ ଏକ ଟିମ୍ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନୀଙ୍କୁ ସାକ୍ଷାତ କରି ୫୦ଟି କୋଭିଡ୍-୧୯ କିଟ ପ୍ରଦାନ କରିଛନ୍ତି। ଆବଶ୍ୟକତା ଭିତ୍ତିରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଜାରି ରହିବ ବୋଲି ଜିଲ୍ଲାପାଳଙ୍କୁ ପ୍ରତିଶ୍ରୁତି ଦିଆଯାଇଛି।

# ସାମ୍‌ସଙ୍ଗ ପକ୍ଷରୁ ନୂଆ ଗାଲାକ୍ସି ୱାଚ୍

**ନୂଆଦିଲ୍ଲୀ,୨୦।୭:** ସାମ୍‌ସଙ୍ଗ ପକ୍ଷରୁ ନୂଆ ଗାଲାକ୍ସି ୱାଚ୍ ଆକ୍ଟିଭା-୨, ୪-ଜି ଆଲୁମିନିୟମ ଏଡିସନ ବଜାରକୁ ଆସିଛି। କମ୍ପାନୀର ଏହା ହେଉଛି ପ୍ରଥମ ସ୍ମାର୍ଟୱାଚ। ଏହି ସ୍ମାର୍ଟ ୱାଚ ସମ୍ପୂର୍ଣ୍ଣ ଭାବରେ ଭାରତରେ ନିର୍ମାଣ ହୋଇଛି। ସାମ୍‌ସଙ୍ଗର ବିବିଧ ୪ଜି ୱାଚ୍ ପୋର୍ଟଫୋଲିଓ ସହ ଅନେକ କିଛି ସୁବିଧା ରହିଛି। କମ୍ପାନୀର ଏହି ୪ଜି ସ୍ମାର୍ଟୱାଚ ୯ଟି ଭିନ୍ନ ଭିନ୍ନ କଲର ଫିନ୍‌ସ ସହ ବିଭିନ୍ନ ରେଞ୍ଜରେ ରହିଛି। ତା ସହ ୩ଟି ମଡେଲ ସହ ୪ଜିର ଏଲିଗାଣ୍ଟ କ୍ଲାସିକ ଓ ଆକ୍ଟିଭା-୨ର ମଡର୍ନ ମିନିମାଲାଷ୍ଟିକ ଭଳି ୨ଟି ସ୍ୱତନ୍ତ୍ର ଡିଜାଇନ ଟେମ୍ପଲେଟ ମଧ୍ୟ ସାମିଲ ଅଛି। ଏହି ଗାଲାକ୍ସି ୱାଚ ଆକ୍ଟିଭା-୨ ଆଲୁମିନିୟମ ସହ ଗ୍ରାହକମାନେ ନିଜ ସ୍ମାର୍ଟଫୋନ ସହ ସଂଯୋଗ କରିପାରିବେ। ଏ ସମ୍ପର୍କରେ ସାମ୍‌ସଙ୍ଗ ଇଣ୍ଡିଆର ମୋବାଇଲ ବିଜ୍‌ନେସ ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ମୋହନଦୀପ ସିଂହ ସବିଶେଷ ସୂଚନା ଦେଇଛନ୍ତି।

## ରାଜ୍ୟ ଖବର

### କରୋନା ମୃତକଙ୍କ ଖର୍ଚ୍ଚ ପାଇଁ ମିଳିବ ୭,୫୦୦ ଟଙ୍କା

**ଭୁବନେଶ୍ୱର, ୨୦।୭(ବ୍ୟୁରୋ):** କୋଭିଡ୍-୧୯ରେ ମୃତ ବ୍ୟକ୍ତିଙ୍କୁ ନେବାଆଣିବା ଓ ସେମାନଙ୍କ ସଂସ୍କାର ପାଇଁ ରାଜ୍ୟ ସରକାର ୭,୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବେ। ଏହି ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଦିଆଯିବା ଏ ନେଇ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଲେ ମୃତଦେହକୁ ପରିବାର ଲୋକେ ନେଇପାରିବେ ନାହିଁ। ତେଣୁ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଶବ ସତ୍କାର କରାଯାଉଛି। ଏବାବଦକୁ ହେଉଥିବା ଖର୍ଚ୍ଚ ପାଇଁ ସରକାର ଏହି ବ୍ୟବସ୍ଥା କରିଛନ୍ତି।

### ୨୨ରୁ ୩୧ ଭିସୁଟ୍, ଜ୍ୟୋତିବିହାର ବନ୍ଦ

**ସମ୍ବଲପୁର, ୨୦।୭ (ବ୍ୟୁରୋ):** ସମ୍ବଲପୁର ଜିଲାରେ କରୋନା ଆକ୍ରାନ୍ତଙ୍କ ସଖ୍ୟା ବଢୁଛି। ବୁର୍ଲା ଅଞ୍ଚଳରେ ମଧ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଣୁ ଏହାକୁ ପ୍ରତିହତ କରିବାକୁ ଚଳିତ ମାସ ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର)ବନ୍ଦ ରହିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନା ସୋମବାର ଏ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୂଚନାଯୋଗ୍ୟ, ଭିସୁଟ୍ ସିଭିଲ ଇଞ୍ଜିନିୟରିଂ ବିଭାଗରେ କରୋନା ସଂକ୍ରମିତ ଜଣେ ଅଧାପିକାଙ୍କ ସଂସ୍ପର୍ଶରେ ଆସି ପ୍ରଥମେ ବିଭାଗର ପ୍ରଫେସର, ଆସୋସିଏଟ ପ୍ରଫେସର ଓ ଆକାଉଣ୍ଟ ବିଭାଗର ଅସ୍ଥାୟୀ କର୍ମଚାରୀ,ଏଷ୍ଟାବ୍ଲିସମେଣ୍ଟ ସେକ୍ସସନର ଜଣେ କର୍ମଚାରୀଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଥିଲା। ସେହିପରି ବୁର୍ଲା ଭିମ୍‌ସାରରେ ଡାକ୍ତର, ନର୍ସ, ରୋଗୀଙ୍କ ସମ୍ପର୍କୀୟ, ରେଡିଓ ଗ୍ରାଫର, ରୋଗୀ ମଧ କରୋନା ସଂକ୍ରିତ ହୋଇଛନ୍ତି।

# ଦୁଇ ଦିନରେ ୧୪୦୯ ଆକ୍ରାନ୍ତ, ୧୧ ମୃତ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

**୬୭୩ ନୂଆ ପଜିଟିଭ୍, ପୁଣି ୫ ଜୀବନ ଗଲା**
- ଆକ୍ରାନ୍ତଙ୍କ ସଂଖ୍ୟା ୧୮ ହଜାର ଟପିଲା
- ଆରୋଗ୍ୟ ସଂଖ୍ୟା ୧୨,୯୧୦କୁ ବୃଦ୍ଧି

ରାଜ୍ୟରେ ଦ୍ରୁତ ଗତିରେ ବଢ଼ିଚାଲିଛି ସଂକ୍ରମଣ। ମାର୍ଚ୍ଚ ୧୫ରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ୭୧ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ୧,୪୦୦ ଟପିଥିଲା। କିନ୍ତୁ ଏବେ ଦୁଇଦିନରେ ଏହି ସଂଖ୍ୟାକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଶେଷ ଦୁଇଦିନର ସରକାରୀ ତଥ୍ୟରେ ରାଜ୍ୟରେ ମୋଟ ୧୪୦୯ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରବିବାର ପ୍ରକାଶିତ ୨୪ ଘଣ୍ଟାର ରିପୋର୍ଟରେ ୭୩୬ଜଣ ସଂକ୍ରମଣର ଶିକାର ହୋଇଥିବାବେଳେ ସୋମବାର ରାଜ୍ୟର ୨୩ ଜିଲାରୁ ଆଉ ୬୭୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗଞ୍ଜାମରୁ ସର୍ବାଧିକ ୨୩୯ଜଣ ଥିବାବେଳେ ଖୋର୍ଦ୍ଧା ଓ ଭଦ୍ରକରୁ ୫୮ଜଣ ଲେଖାଏ, କନ୍ଧମାଳ ୪୪, କୋରାପୁଟ ୪୧, ଜଗତ୍‌ସିଂହପୁର ୩୬, କଟକ ୩୨, ଯାଜପୁର ୨୮, କେନ୍ଦୁଝର ୨୪, ବରଗଡ଼ ୨୨, ଝାରସୁଗୁଡ଼ା ୧୪, ଗଜପତି ୧୫, ବାଲେଶ୍ୱର ୧୩, ସୁନ୍ଦରଗଡ଼ ୧୧, ଢେଙ୍କାନାଳ ୧୦, କେନ୍ଦ୍ରାପଡ଼ା, ମାଲକାନଗିରି, ନୟାଗଡ଼, ସୋନପୁର ଓ ପୁରୀରୁ ୪ଜଣ ଲେଖାଏ, ସମ୍ବଲପୁର ୩, ମୟୂରଭଞ୍ଜ ଓ ଅନୁଗୋଳରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୪୪୬ଜଣଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ଠାବ କରାଯାଇଥିବାବେଳେ ୨୨୭ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୧୮,୧୧୦କୁ ବୃଦ୍ଧି ପାଇଛି।

ସେପଟେ କରୋନାଜନିତ ମୃତ୍ୟୁ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ସୋମବାର ପୁଣି ୬ଜଣଙ୍କ ଜୀବନ ନେଇଛି କୋଭିଡ୍-୧୯। ଏମାନଙ୍କ ମଧ୍ୟରେ ଗଞ୍ଜାମର ୫ଜଣ ପୁରୁଷ ଥିବାବେଳେ ଗଜପତିର ଜଣେ ମହିଳା ରହିଛନ୍ତି। ଏହାକୁ ମିଶାଇ ଓଡ଼ିଶାରେ କରୋନା ମୃତ୍ୟୁ ୯୭କୁ ବୃଦ୍ଧି ପାଇଥିବାବେଳେ ଗଞ୍ଜାମରେ ୫୯ ଓ ଗଜପତିରେ ୪ ଛୁଇଁଛି। ଅନ୍ୟପଟେ ରାଜ୍ୟରେ ଆଉ ୪୫୭ଜଣ କରୋନା ଆକ୍ରାନ୍ତ ଆରୋଗ୍ୟ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏମାନଙ୍କୁ ମିଶାଇଲେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୧୨,୯୧୦କୁ ବୃଦ୍ଧି ପାଇଛି।

### ଗଞ୍ଜାମରେ ଗୋଷ୍ଠୀ ସଂକ୍ରମଣ ହୋଇନି

- ଫେବୃୟାରୀରେ ଆସିପାରେ ଟିକା
- ଅଗଷ୍ଟରୁ ଆଣ୍ଟିଭାଇରସ୍ ଟେଷ୍ଟ୍

ଗଞ୍ଜାମ ଜିଲାର କରୋନା ସ୍ଥିତି ଉଦ୍‌ବେଗଜନକ ରହିଛି। ତଥାପି ଗୋଷ୍ଠୀ ସଂକ୍ରମଣ ହୋଇ ନାହିଁ ବୋଲି ସୋମବାର ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍) ନିର୍ଦ୍ଦେଶକ ଅଜୟ ପରିଡ଼ା କହିଛନ୍ତି। ଗଞ୍ଜାମ ଜିଲା ପାଇଁ ସରକାର ବହୁ ପଦକ୍ଷେପ ନେଉଛନ୍ତି। ପ୍ରାୟ ୯୨% ଗାଁରେ କରୋନା ନାହିଁ ବୋଲି ଜିଲାପାଳ କହିଛନ୍ତି। ଯେଉଁମାନେ ପଜିଟିଭ୍ ବାହାରୁଛନ୍ତି, ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। ତେଣୁ ଗୋଷ୍ଠୀ ସଂକ୍ରମଣ କୁହାଯିବ ନାହିଁ ବୋଲି ପରିଡ଼ା କହିଛନ୍ତି। କରୋନା ଟୀକା ସମ୍ପର୍କରେ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ, ୨୦୨୧ ଫେବୃୟାରୀ ବେଳକୁ ସଫଳ କରୋନା ଟିକା ଉପଲବ୍ଧ ହୋଇପାରେ। ଟୀକାର ଟ୍ରାଏଲ ଚାଲିଛି। ସଫଳତା ପରେ ମଣିଷ ଉପରେ ପରୀକ୍ଷାମୂଳକ ପ୍ରୟୋଗ ହେବ। ଏବେ ଫାଷ୍ଟ ଟ୍ରାଏଲ ଚାଲିଛି, ପରେ ଦ୍ୱିତୀୟ ଟ୍ରାଏଲ ହେବ। ଯଦି ସଫଳତା ମିଳେ ତେବେ ଫେବୃୟାରୀ ବେଳକୁ ଟୀକା ଆସିଯିବ। ଏବେ ଦେଶରେ ଆଇଏଲ୍‌ଏସ୍ ସହ ୬ଟି ସଂସ୍ଥାକୁ ଆଣ୍ଟିଭାଇରସ୍ ଟେଷ୍ଟ ପାଇଁ କୁହାଯାଇଛି। ଅଗଷ୍ଟରୁ ଏହି ଟେଷ୍ଟ ଆରମ୍ଭ ହେବ ବୋଲି ଅଜୟ ପରିଡ଼ା କହିଛନ୍ତି।

# ରାଜ୍ୟରେ ଟେଲି ମେଡିସିନ ସେବା ଆରମ୍ଭ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ରାଜ୍ୟରେ ସୋମବାରଠାରୁ ଟେଲି ମେଡିସିନ ସେବା ଆରମ୍ଭ ହୋଇଛି। କଟକଣା ଓ କୋଭିଡ୍ ପରିସ୍ଥିତି ପାଇଁ ସାଧାରଣ ରୋଗୀଟିଏ ଡାକ୍ତରଖାନା ଯିବା ସମ୍ଭବ ହୋଇପାରୁନି। ତେଣୁ ରାଜ୍ୟ ସରକାର ଟେଲି ମେଡିସିନ୍ ସେବା ଆରମ୍ଭ କରିଛନ୍ତି। ଏହାଦ୍ୱାରା ରୋଗୀ ଫୋନ୍ ମାଧ୍ୟମରେ ଡାକ୍ତରଙ୍କ ସହ ସିଧାସଳଖ ଯୋଗାଯୋଗ କରି ରୋଗର ଉପଚାର ନେଇ ପରାମର୍ଶ ପାଇପାରିବେ। ଏହି ସେବା ପ୍ରଥମେ ରାଜ୍ୟର ୩୦ ଜିଲା ମୁଖ୍ୟ ଚିକିତ୍ସାଳୟ, ୭ଟି ସରକାରୀ ମେଡିକାଲ କଲେଜ, ରାଉରକେଲା ଜେନେରାଲ ହସ୍ପିଟାଲ (ଆର୍‌ଜିଏଚ୍), ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ, କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ହସ୍ପିଟାଲ ଆଦି ମୋଟ ୪୧ ସ୍ଥାନରେ ଆରମ୍ଭ ହୋଇଛି। ୩୦ଟି ଜିଲା ମୁଖ୍ୟ ଚିକିତ୍ସାଳୟ, କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ, ବଲାଙ୍ଗୀରର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ, ବାଲେଶ୍ୱରର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ, ବାରିପଦାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଏହି ସେବା ବହିର୍ବିଭାଗ ସମୟ ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ମିଳିପାରିବ। ସେହିପରି କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ, ବୁର୍ଲାର ଭୀମ୍‌ସାର, କଟକସ୍ଥିତ ଆଚାର୍ଯ୍ୟ ହରିହର ହସ୍ପିଟାଲ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ହସ୍ପିଟାଲରେ ୨୪ ଘଣ୍ଟିଆ ଟେଲି ମେଡିସିନ ସେବା ଉପଲବ୍ଧ ହେବ। ଏହି ଟେଲି ସେବା ପାଇଁ ଓକାକ୍ ତରଫରୁ ପ୍ରତି କେନ୍ଦ୍ରକୁ ୨ଟି ଲେଖାଏ ମୋବାଇଲ ସେଟ୍ ହିସାବରେ ମୋଟ ୮୨ଟି ସେଟ୍ ଯୋଗାଇ ଦିଆଯାଇଛି।

# ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କୁ ଭାଜପାର ସମାଲୋଚନା

**ଭୁବନେଶ୍ୱର,୨୦।୭(ବ୍ୟୁରୋ):** ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ହେଲିକପ୍ଟରରେ ନବରଙ୍ଗପୁରରୁ ଭୁବନେଶ୍ୱରର ଫେରିବା ନେଇ ପ୍ରଶ୍ନ ଉଠାଇଛି ଭାଜପା। ଭାଜପା ନେତା ବଳଭଦ୍ର ମାଝୀ କହିଛନ୍ତି, ଯୋଜନା ବୋର୍ଡ ଉପାଧ୍ୟକ୍ଷ ଗସ୍ତସୂଚି ଅନୁଯାୟୀ ସେ ଗତ ୧୩ ତାରିଖରେ ଗଜପତି ଜିଲାରେ ପହଞ୍ଚି ରାତ୍ରି ଯାପନ କରିଥିଲେ। ଦିନକପରେ ଗୁଣୁପୁର ଏବଂ ବିଷମକଟକ ଗସ୍ତ କରିଥିଲେ। ଏହି ଅବସରରେ ସଞ୍ଜୟ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସରକାରୀ କାର୍ଯ୍ୟକ୍ରମରେ ଆସି ଦଳୀୟ କାମ କରିବା କଥାକୁ ବଳଭଦ୍ର ସମାଲୋଚନା କରିଛନ୍ତି। ଏପରି ସ୍ଥିତିରେ ଏମିତି କ'ଣ ଆବଶ୍ୟକ ଥିଲା ଯେଉଁଥିଲାଗି ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କୁ ହେଲିକପ୍ଟରରେ ଆସିବାକୁ ପଡ଼ିଲା ବୋଲି ବଳଭଦ୍ର ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ସଞ୍ଜୟ କହିଛନ୍ତି, ଭାଜପାର ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ଆମେ ଉଭୟ ନବରଙ୍ଗପୁର ଏମ୍‌ପିଙ୍କ ସହ ରାଇଘର ଓ ଉମରକୋଟ ବ୍ଲକ୍‌ରେ କୋଭିଡ୍ ପରିସ୍ଥିତିର ସମୀକ୍ଷା କରିଥିଲୁ। ପୂର୍ବତନ ଏମ୍‌ପି ବଳଭଦ୍ର ଭୁବନେଶ୍ୱରରେ ରହି ଏଭଳି ସମାଲୋଚନା କରିବା ଠିକ୍ ନୁହେଁ।

# ଦାଦା, ପୁତୁରାଙ୍କୁ ଦଳିଦେଲା ଦନ୍ତାହାତୀ



ଘଟଣାସ୍ଥଳରେ ବନବିଭାଗ ଓ ପୋଲିସ ତଦନ୍ତ କରୁଛି।

**ଢେଙ୍କାନାଳ ଅଫିସ,୨୦।୭**

ଢେଙ୍କାନାଳ ଜିଲା ହିନ୍ଦୋଳରୋଡ୍ ଫାଣ୍ଡି ଗଇଲୋ ଗ୍ରାମ ଆମ୍ବ ବଗିଚା ନିକଟରେ ସୋମବାର ହାତୀ ଆକ୍ରମଣରେ ଫଗୁଆ ଦେହୁରୀ(୫୫) ଓ ତାଙ୍କ ପୁତୁରା ଶିବ ପ୍ରସାଦ ଦେହୁରୀ(୨୨)ଙ୍କ ମୃତ୍ୟୁ ହୋଇଛି। ନିକଟସ୍ଥ ଗୁଣ୍ଡୁଦେଇ ଗ୍ରାମର ଫଗୁଆ ଓ ଶିବ ପ୍ରସାଦ ଭୋର ସମୟରେ ବ୍ରାହ୍ମଣୀ ନଦୀରୁ ମାଛମାରି ଫେରୁଥିବା ବେଳେ ଏକ ଗୋଠଛଡା ଦନ୍ତାହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀଟି ଉଭୟଙ୍କୁ ଗୋଡ଼ରେ ଦଳି ଦେବାରୁ ଘଟଣାସ୍ଥଳରେ ହିଁ ଦାଦା, ପୁତୁରାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଓଡାପଡା ତହସିଲଦାର ସାଗରିକା ସାହୁ, ମୋଟଙ୍ଗା ଥାନା ଅଧିକାରୀ ସରୋଜିନୀ ସାମଦ୍, ସହକାରୀ ବନ ସଂରକ୍ଷକ ସୁବ୍ରତ ପାତ୍ର, ସଦର ରେଞ୍ଜର ଧରିତ୍ରୀ ମୁର୍ମୁ, ହିନ୍ଦୋଳରୋଡ ଫାଣ୍ଡି ଅଧିକାରୀ ଅକ୍ଷୟ ଦାସ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ଦୁଇ ମୃତକଙ୍କ ପରିବାରକୁ ବନବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୪୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ପରେ ଉତ୍ତେଜନା ଥମିଥିଲା। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ନଂ ୮/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।। ସଦର ରେଞ୍ଜର ଧରିତ୍ରୀ ମୁର୍ମୁ କହିଛନ୍ତି, ହାତୀ ଗତିବିଧି ଉପରେ ନଜର ରଖାଯାଇଛି। ସତର୍କତା ଅବଲମ୍ବନ ନିମନ୍ତେ ମାଇକରେ ପ୍ରଚାର କରାଯାଇଛି। ରାତିରେ ବନ କର୍ମଚାରୀମାନେ ଜଗି ରହୁଛନ୍ତି।

### ଚିନ୍ତା ବଢ଼ାଇଛି ଗୋଠଛଡ଼ା ଦନ୍ତା

ଦଳରୁ ଅଲଗା ହୋଇଯାଇଥିବା ଏକ ଦନ୍ତାହାତୀ ୨୦୧୯-୨୦ ମସିହାରେ ଢେଙ୍କାନାଳ ଜିଲାର ପରଜଙ୍ଗ, ଅନୁଗୋଳ ଜିଲାର ତାଳଚେର ଅଞ୍ଚଳରେ ଆତଙ୍କ ଖେଳାଇଥିଲା। ଏହି ସମୟ ମଧ୍ୟରେ ସେ ପ୍ରାୟ ୧୪ ଜଣଙ୍କ ଜୀବନ ନେଇଥିଲା। ଗତ ଜୁନ ୨୨ରେ ଟ୍ରାଙ୍କୁଲାଇଜ୍ କରାଯାଇ ତାହାକୁ କପିଳାସ ଚିଡିଆଖାନା ରେସକ୍ୟୁ ସେଣ୍ଟର କ୍ରାଲ୍ ମଧ୍ୟରେ ରଖାଯାଇଛି। ଏହାପରେ ବି ଆତଙ୍କ ଥମିଯାଇ ନାହିଁ। ବର୍ତ୍ତମାନ ଆଉ ଏକ ଗୋଠଛଡା ଦନ୍ତା ହାତୀ ଢେଙ୍କାନାଳ ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକ୍ସନ ଅଞ୍ଚଳରେ ଉପଦ୍ରବ କରୁଛି। ବନ ବିଭାଗର ସତର୍କତା ସତ୍ତ୍ୱେ ସୋମବାର ୨ ଜଣଙ୍କ ଜୀବନ ନେଇଛି ଉକ୍ତ ଦଳଛଡ଼ା ଦନ୍ତାହାତୀ।



ଏକତା କପୁରଙ୍କ ଟେଲି ଧାରାବାହିକ 'କୁମ୍‌କୁମ୍ ଭାଗ୍ୟ'ର ସେଟ୍‌ରେ ନିଆଁ ଲାଗିଯାଇଛି। ମୁମ୍ବାଇର ଚାନ୍ଦିବାଲିରେ ଥିବା କିଲିନ ନିକ୍ସନ ଷ୍ଟୁଡିଓରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇ ନାହାନ୍ତି। ଶଟ୍ ସର୍କିଟ୍‌ରୁ ନିଆଁ ଲାଗିଥିବା ଜଣାପଡ଼ିଛି। ସୁଟିଂ ଚାଲୁଥିବା ସମୟରେ ନିଆଁ ଲାଗିଥିଲା ହେଲେ ସମସ୍ତ କ୍ରୁ-ମେମ୍ବର ଓ କଳାକାରଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। 'କୁମ୍‌କୁମ୍ ଭାଗ୍ୟ' ବାଲାଜୀ ପ୍ରଡକ୍ସନର ସବୁଠାରୁ ଲୋକପ୍ରିୟ ମେଗା ଧାରାବାହିକ।





# ଚର୍ଚ୍ଚାରେ ଏଲ୍‌ଇଡି ଫେସ୍ ମାସ୍କ

**ସୋସିଆଲ ମିଡିଆରେ ଭାଇରାଲ**

**ନୂଆଦିଲ୍ଲୀ:** କରୋନା ଭାଇରସ୍‌ରୁ ରକ୍ଷାପାଇବା ପାଇଁ ହେଲେ ଫେସ୍ ମାସ୍କ ନିହାତି ଜରୁରୀ। ସେଥିପାଇଁ ଏବେ ଲୋକେ ବିଭିନ୍ନ ଡିଜାଇନର ମାସ୍କ ତିଆରି କରିବାରେ ଲାଗିଛନ୍ତି। ଏହି କ୍ରମରେ ଏବେ ଜଣେ ବ୍ୟକ୍ତି ଏଲ୍‌ଇଡି ଫେସ୍ ମାସ୍କ ତିଆରିକରି ଚର୍ଚ୍ଚାରେ ଅଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା କଞ୍ଚପଡ଼ା ଗାଁର ଗୌର ନାଥ। ସେ ତାଙ୍କ ମାସ୍କରେ ବିଭିନ୍ନ ରଙ୍ଗର ଏଲ୍‌ଇଡି ବଲ୍‌ବ ଲଗାଇ ଚର୍ଚ୍ଚାକୁ ଆସିଛନ୍ତି। ଗୌରଙ୍କର ଏହି ମାସ୍କକୁ ନେଇ ଏବେ ସୋସିଆଲ ମିଡିଆରେ ବି ଜୋର୍‌ଦାର ଚର୍ଚ୍ଚା। ମାସ୍କରେ ନୀଳରଙ୍ଗର ଏଲ୍‌ଇଡି ବଲ୍‌ବ ଲାଗିଛି ଯାହା ସୁରକ୍ଷାର ପ୍ରତୀକ ବୋଲି କୁହାଯାଉଛି। ମାସ୍କ ପିନ୍ଧିବା ସମୟରେ ତା' ଚାରିକଡ଼ରେ ଲାଗିଥିବା ବଲ୍‌ବଗୁଡ଼ିକ ଆପେ ଆପେ ଜଳିଥାଏ। ତେଣୁ ପିନ୍ଧିବା ଲୋକଙ୍କୁ ଏହା ଏକ ଭିନ୍ନ ଅନୁଭବ ଦେବା ସହିତ ଅନ୍ୟମାନଙ୍କୁ ମଧ୍ୟ ସହଜରେ ଆକୃଷ୍ଟ କରିଥାଏ। ତେଣୁ ଯେଉଁମାନେ ମାସ୍କ ପିନ୍ଧୁ ନ ଥିବେ ସେମାନେ ଏହାକୁ ଦେଖି ସଚେତନ ହୋଇ ପିନ୍ଧିବେ ବୋଲି କହିଛନ୍ତି ଗୌର । ମାସ୍କ ପିନ୍ଧୁ ନ ଥିବା ଲୋକଙ୍କ ପାଇଁ ଏହା ସଚେତନତା ସୃଷ୍ଟି କରୁଥିବାବେଳେ ଅନ୍ୟମାନଙ୍କ ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ବାର୍ତ୍ତା ଦେଇପାରିବ ବୋଲି ସେ ଜୋର ଦେଇ କୁହନ୍ତି। ଗୌରଙ୍କର ଏହି ମାସ୍କ ଏବେ ସୋସିଆଲ ମିଡିଆରେ ଲୋକଙ୍କୁ ଆକୃଷ୍ଟ କରିପାରିଛି। ବହୁସଂଖ୍ୟାରେ ଲୋକ ଏହାକୁ ଶେୟାର କରିବା ସହ ସୁନ୍ଦର କମେଣ୍ଟମାନ ଦେଉଛନ୍ତି।



D-17796



D-17795



କରିଷ୍ମା ତନ୍ନା

# ଟ୍ରୋଲ୍ ହେଲେ କରିଷ୍ମା

**ମୁମ୍ବାଇ:** ଟେଲି ଅଭିନେତ୍ରୀ କରିଷ୍ମା ତନ୍ନା ଜଣେ ସଫଳ ଅଭିନେତ୍ରୀ। ଭଲ ଅଭିନୟ ପାଇଁ ସେ ଘରେ ଘରେ ବେଶୀ ପରିଚିତ। ତେବେ ତାଙ୍କ ହଟ୍ ଲୁକ୍ସ ଆଉ ବୋଲ୍ଡ ଅନ୍ଦାଜକୁ ଦେଖିଲେ କିଏ ବା ପାଗଳ ନ ହେବ। ଦେଖିବାକୁ ଭାରି ସୁନ୍ଦରୀ। ନିକଟରେ କରିଷ୍ମା ତାଙ୍କର କିଛି ଫଟୋଶୁଟ୍‌ର ଫଟୋ ସୋସିଆଲ ମିଡିଆରେ ଶେୟାର କରିଥିଲେ, ଯେଉଁଥିପାଇଁ ତାଙ୍କୁ ଟ୍ରୋଲ ମଧ୍ୟ ହେବାକୁ ପଡ଼ିଛି। ତେବେ ଫ୍ୟାନ୍‌ମାନେ ନୁହେଁ ତାଙ୍କର ଦୁଇ ବାନ୍ଧବୀ ଅନୀତା ହଂସନନ୍ଦାନୀ ଏବଂ କ୍ରିଷ୍ଟାଲ ଡିସୁଜା ତାଙ୍କୁ ଟ୍ରୋଲ କରିବାରେ ଲାଗି ପଡ଼ିଛନ୍ତି। ଫଟୋଗୁଡ଼ିକ ପୋଷ୍ଟ ହେଉ ହେଉ ତାଙ୍କର ଫ୍ୟାନ୍‌ମାନେ ଲାଇକ୍ କରିବାରେ ଲାଗିପଡ଼ିଛନ୍ତି। କରିବେନି କାହିଁକି ଫଟୋଗୁଡ଼ିକ ଦେଖିଲେ ତାରିଫ୍ ନ କରି ରହି ହେବନି। ପୂରା ହଟ୍ ଦିଶୁଛନ୍ତି ସେ। ସେ ଏହି ଫଟୋର କ୍ୟାପଶନ୍‌ରେ ଲେଖିଥିଲେ 'ବୋନହୁର୍'। ଏହା ଏକ ଫ୍ରେଞ୍ଚ ଶବ୍ଦ। ଯାହାର ଅର୍ଥ ଖୁସି । ଆଉ ଏକ ଫଟୋର କ୍ୟାପଶନ୍‌ରେ ଲେଖିଥିଲେ ଯେ, 'ଓଲା'। ଏହାକୁ ଦେଖି ତାଙ୍କ ବାନ୍ଧବୀ କ୍ରିଷ୍ଟାଲ ଲେଖିଥିଲେ ଯେ, 'ଓଲା' କାହିଁକି ବିଏମ୍‌ଡବ୍ଲୁ କାହିଁ ନୁହେଁ। ତେବେ 'ଓଲା' ଏକ ସ୍ପାନିଶ୍ ଶବ୍ଦ ଯାହାର ଅର୍ଥ 'ହେଉ'। ନିଜ ଫଟୋରେ ଏତେ କମେଣ୍ଟ ଦେଖିକି କରିଷ୍ମା ମଧ୍ୟ ନିଜେ ବହୁତ ଖୁସି ହୋଇଯାଇଛନ୍ତି। ଏତେ ଭଲ ପାଇବା ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। କହିରଖୁଛୁ ଯେ, ଚଳିତବର୍ଷ କରିଷ୍ମା 'ଖତରୋଁ କେ ଖିଲାଡି-୧୦' ଶୋ'ର ଫିନାଲେକୁ ଯାଇଛନ୍ତି। ତାଙ୍କ ସହିତ ପ୍ରତିଯୋଗୀ ବଲରାଜ, ଧର୍ମେଶ ଏବଂ କରଣ ପଟେଲ ମଧ୍ୟ ଫିନାଲେକୁ ଯାଇଛନ୍ତି।

# କ୍ଷେତରେ ହେଉଛି ମୋତି ଚାଷ

## ବିଦେଶକୁ ଯାଏ ମାଥାଚାନ୍‌ଙ୍କ ମୋତି



**କସାରଗଡ଼:** ଆପଣ ଯଦି ଭାବୁଛନ୍ତି ମୋତି କେବଳ ସମୁଦ୍ର ଶାମୁକାରୁ ହିଁ ମିଳିପାରିବ, ତେବେ ଏହାକୁ ଭୁଲ୍ ପ୍ରମାଣିତ କରିଛନ୍ତି କେରଳର ଜଣେ ଚାଷୀ। ନିଜ କ୍ଷେତରେ ସେ ସଫଳତାର ସହ ମୋତି ଚାଷ କରିଛନ୍ତି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ସତ। ସେ ହେଉଛନ୍ତି କେରଳର କସାରଗଡ୍ ଜିଲାର କେ.ଜେ. ମାଥାଚାନ୍। ପଶ୍ଚିମଘାଟ୍‌ରୁ ଉତ୍ପନ୍ନ ନଦୀରୁ ପ୍ରବାହିତ ମଧୁର ଜଳର ଶାମୁକାକୁ ବ୍ୟବହାର କରି ସେ ଦୁଇ ଦଶନ୍ଧି ଧରି ମୋତି ଚାଷ କରିଆସିଛନ୍ତି। ପ୍ରକ୍ରିୟାକରଣ କରି ଶାମୁକାଗୁଡ଼ିକରୁ ବାର୍ଷିକ ୫୦ ବାଲ୍‌ଟି ମୋତି ଉତ୍ପାଦନ କରୁଛନ୍ତି। ପ୍ରତି ଦେଢ଼ବର୍ଷରେ ସେ ଏଥିରୁ ୪.୫ ଲକ୍ଷ ଟଙ୍କା ରୋଜଗାର କରିଥାନ୍ତି। ମାଥାଚାନ୍‌ଙ୍କ ଏହି ବେପାର କେବଳ ଭାରତରେ ସୀମିତ ନୁହେଁ; ଅଧିକାଂଶ ମୋତି ଅଷ୍ଟ୍ରେଲିଆ, ସାଉଦି ଆରବ, କୁଏତ୍ ଏବଂ ସୁଇଜରଲାଣ୍ଡକୁ ରପ୍ତାନି ହୁଏ।

ତେବେ ମାଥାଚାନ୍ ଜଣେ ସାଧାରଣ ଚାଷୀ ନୁହନ୍ତି। ସାଉଦି ଆରବ ଧହରାନ୍‌ର କିଙ୍ଗ୍ ଫାହଦ ପେଟ୍ରୋଲିୟମ୍ ଆଣ୍ଡ ମିନେରାଲ୍ସ ୟୁନିଭର୍ସିଟି ଟେଲିକମ୍ ବିଭାଗରେ ସେ ପ୍ରଫେସର ଥିଲେ। ତୈଳ କମ୍ପାନୀ ପାଇଁ ଆରବୀୟ ଭାଷାରୁ ଇଂଲିଶ୍ ଅନୁବାଦକଭାବେ ଆରବରୁ ଚାଇନା ଯିବାର ସୁଯୋଗ ପାଇଥିଲେ। ଏହି ଗସ୍ତ ସମୟରେ ଚାଇନାର ୱୁକ୍ସିସ୍ଥିତ ଡାନ୍‌ସୁଇ ମତ୍ସ୍ୟ ଅନୁସନ୍ଧାନ କେନ୍ଦ୍ରକୁ ଯାଇଥିଲେ। ମତ୍ସ୍ୟଚାଷ ପ୍ରତି ସର୍ବଦା ଆଗ୍ରହ ରଖିଥିବା ମାଥାଚାନ୍ ସେଠାରେ ଥିବା ବିଭିନ୍ନ ପାଠ୍ୟକ୍ରମ ବିଷୟରେ ବୁଝିଥିଲେ। ଶେଷରେ ମୋତି ଚାଷରେ ଡିପ୍ଲୋମା ପାଠ୍ୟକ୍ରମ ରହିଥିବା ଜାଣିବାକୁ ପାଇଥିଲେ। ସେତେବେଳେ ଭାରତରେ ଖୁବ୍ କମ୍ ଲୋକ ଏହି ବିଷୟରେ ଜାଣିଥିଲେ। ତେଣୁ ଏହାକୁ ସେ ହାତଛଡ଼ା କରିବାକୁ ଚାହିଁ ନ ଥିଲେ ବୋଲି କୁହନ୍ତି। କିଛି ସପ୍ତାହ ପରେ ମାଥାଚାନ୍ ଚାକିରି ଛାଡ଼ି ଡିପ୍ଲୋମା କରିବା ପାଇଁ ଚାଇନା ଯାଇଥିଲେ। ୬ମାସରେ ପାଠ ଶେଷକରି ୧୯୯୯ରେ କେରଳ ଫେରିଥିଲେ। ଏହାପରେ ନିଜ ଉଦ୍ୟାନରେ ସେ ମୋତି ଚାଷ ଆରମ୍ଭ କରିଥିଲେ। ଏହା ଏକ ହଠାତ୍ ନିଷ୍ପତ୍ତି ଥିଲା। ଅନେକ ଲୋକ ଏହାକୁ ସମାଲୋଚନା ମଧ୍ୟ କରିଥିଲେ। କିନ୍ତୁ ଏହି ନିଆରା ବ୍ୟବସାୟ ନିଶ୍ଚିତଭାବ ଭଲ ହେବ, ଏ ନେଇ ଦୃଢ଼ବିଶ୍ୱାସ ଥିଲା ବୋଲି ସେ କୁହନ୍ତି। ମାଥାଚାନ୍ ମହାରାଷ୍ଟ୍ରରୁ ଅଣାଯାଇଥିବା କିମ୍ବା ପାଶ୍ଚାତ ଘାଟରୁ ଉତ୍ପନ୍ନ ନଦୀରୁ ମଧୁରଜଳରୁ ଶାମୁକା ସଂଗ୍ରହ କରିବା ଆରମ୍ଭ କରିଥିଲେ। ପରେ ଘର ପଛପଟେ ବାଲ୍‌ଟିରେ ଏହା ଆରମ୍ଭ କରିଥିଲେ। ଚାଷର ପ୍ରଥମ ୧୮ମାସ ପରେ ସେ ୫୦ ବାଲ୍‌ଟି ମୋତି ଉତ୍ପାଦନ କରିଥିଲେ। ପ୍ରଥମେ ସେ ୧.୫ ଲକ୍ଷ ଟଙ୍କା ବିନିଯୋଗକରି ବର୍ଷେ ମଧ୍ୟରେ ପ୍ରାୟ ୪.୫ ଲକ୍ଷ ଟଙ୍କାର ମୋତି ଉତ୍ପାଦନ କରିଥିଲେ। ଏଥିରୁ ତାଙ୍କୁ ପ୍ରାୟ ୩ଲକ୍ଷ ଟଙ୍କା ଲାଭ ହୋଇଥିଲା। ସେବେଠାରୁ ସେ ସଫଳ ରୂପେ ଏହି ଚାଷ କରିଆସୁଛନ୍ତି। ସେହିପରି ଯେଉଁମାନେ ଏହି ଚାଷ କରିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କୁ ମଧ୍ୟ ତାଲିମ ଦେବା ପାଇଁ ଲାଇସେନ୍ସ ପାଇଛନ୍ତି। ମୋତି ୩ ପ୍ରକାର ରହିଛି। କୃତ୍ରିମ, ପ୍ରାକୃତିକ ଏବଂ ସାଂସ୍କୃତିକ। ମାଥାଚାନ୍ ୨୧ ବର୍ଷ ଧରି ସାଂସ୍କୃତିକ ମୋତି ଚାଷ କରିଆସୁଛନ୍ତି। ଭାରତରେ ମଧୁରଜଳର ଶାମୁକା ସହଜରେ ଉପଲବ୍ଧ ହେଉଥିବାରୁ ଏହା ସହଜ ବୋଲି ସେ କହିଛନ୍ତି। ନଦୀରୁ ସଂଗୃହୀତ ଶାମୁକାଗୁଡ଼ିକୁ ଭଲଭାବେ ଖୋଲାଯାଏ। ଏହା ମଧ୍ୟରେ ଏକ ମୋତି ନ୍ୟୁକ୍ଲିୟସ୍ ରହିଥାଏ। ପରେ ଶାମୁକାଗୁଡ଼ିକୁ ପାଣିରେ(୧୫ରୁ୨୫ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା)ଏକ ଜାଲ ପାତ୍ରରେ ବ୍ୟାକ୍ଟେରିଆ ସହ ଖାଇବାକୁ ଦିଆଯାଇଥାଏ। ୧୮ ମାସ ମଧ୍ୟରେ ନ୍ୟୁକ୍ଲିୟସ ଏକ ମୋତି ଥଳି ବିକଶିତ କରିଥାଏ। ଏହା ଶାମକା ସେଲ୍‌ରୁ କ୍ୟାଲ୍‌ସିୟମ କାର୍ବୋନେଟ ସଂଗ୍ରହ କରିଥାଏ। ନ୍ୟୁକ୍ଲିୟସ୍ ଏହା ଉପରେ ୫୪୦ ସ୍ତର ପର୍ଯ୍ୟନ୍ତ ଆବରଣ ସୃଷ୍ଟିକରେ। ଏହା ସୂକ୍ଷ୍ମ ମୋତି ଗଠନ କରିଥାଏ। ମୋତି ଅଧିକ ପରିମାଣରେ ଉତ୍ପାଦନ ପାଇଁ ମାଥାଚାନ୍ ଘର ପଛପଟେ ଏକ କୃତ୍ରିମ ଟାଙ୍କି ତିଆରି କରିଛନ୍ତି। ତେବେ ଭାରତୀୟ ବଜାରରେ ଉପଲବ୍ଧ ଅଧିକାଂଶ ମୋତି କୃତ୍ରିମ। ତେଣୁ ଏଠାରେ ମୋତି ଶସ୍ତା। ପ୍ରକୃତ ମୋତିର ମୂଲ୍ୟ କ୍ୟାରେଟ ପ୍ରତି ୩୬୦ ଏବଂ ଗ୍ରାମ୍ ପ୍ରତି ୧୮ଶହ ଟଙ୍କା ହେବ। ଚାକିରି ଛାଡ଼ି ଆସି ନ ଥିଲେ ସେ ଏହା କରିପାରି ନ ଥାନ୍ତି ବୋଲି ମାଥାଚାନ୍ କୁହନ୍ତି।

# ମିମିଙ୍କ ଅଜବ କଳା ପ୍ରତିଭା





**ନୂଆଦିଲ୍ଲୀ:** ଜଣେ ମହିଳାଙ୍କ ହାତ, ଗୋଡ଼ ଦେଖିବାକୁ ଠିକ୍ ଏକ ପାଚିଲା କଦଳୀ ପରି। କଥାଟା ସମସ୍ତଙ୍କୁ ଶୁଣିବା ପାଇଁ ଅଡୁଆ ଲାଗିପାରେ। କିନ୍ତୁ ନିଜର ହାତକୁ ଏପରି ଏକ ରୂପ ଦେଇ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛନ୍ତି ଜଣେ କଳାକାର ମିମି ଚୋଇ। କାନାଡ଼ାର ଏହି କଳାକାର ଜଣକ ନିଜ ଦେହରେ ଏଭଳି ଚିତ୍ର କରି ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି।

ମେକ୍‌ଅପ୍ କଳାକାର ମିମି ଚୋଇ ନିଜ ଶରୀରରେ ଏଭଳି ଚିତ୍ରସବୁ ଆଙ୍କିଛନ୍ତି ଯାହାକୁ ଦେଖିଲେ ଯେ କେହି ଭ୍ରମରେ ପଡ଼ିଯିବେ। ସେ ତାଙ୍କ ହାତରେ ଏକ କଦଳୀ ଚିତ୍ରକୁ ଏଭଳି ଭାବରେ ଆଙ୍କିଛନ୍ତି, ଯାହାକୁ ଦେଖିଲେ କିଛି ସମୟ ପାଇଁ ଏକ କଦଳୀ ଭଳି ମନେହେବ। ପାଚିଲା କଦଳୀରୁ ଅଧା ଚୋପା ଛଡ଼ା ହୋଇଥିବାର ଚିତ୍ରକୁ ଦେଖି ସୋସିଆଲ୍ ମିଡିଆରେ ଲୋକେ ଦ୍ୱନ୍ଦ୍ୱରେ ପଡ଼ି ଯାଇଛନ୍ତି। କେବଳ ହାତରେ ନୁହେଁ ମିମି ତାଙ୍କର ମୁହଁ, ଗୋଡ଼ ବେକ ଆଦିରେ ଏଭଳି ଚମତ୍କାର କଳା ପ୍ରଦର୍ଶନ କରିଛନ୍ତି। ସୋସିଆଲ୍ ମିଡିଆରେ ତାଙ୍କ କଳା ପ୍ରତିଭାକୁ ଦେଖି ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି। ମିମିଙ୍କ କଳା ପ୍ରତିଭାରେ ଅନେକେ ଆଶ୍ଚର୍ଯ୍ୟ ହୋଇ ତାଙ୍କର ଏହି ବିଚକ୍ଷଣ ପ୍ରତିଭା ସମ୍ପର୍କରେ ପ୍ରଶ୍ନ କରିଛନ୍ତି। ମିମି ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଲଗାତର ଏପରି ଚିତ୍ରସବୁ ପୋଷ୍ଟ କରୁଛନ୍ତି। ଏହା ସହିତ ଚିତ୍ର ଆଙ୍କିବା ଶୈଳୀ ନେଇ ସେ ମଧ୍ୟ ସୋସିଆଲ୍ ମିଡିଆରେ ପରାମର୍ଶ ଦେଉଛନ୍ତି। ତେବେ ସୋସିଆଲ୍ ମିଡିଆରେ ଏବେ ମିମିଙ୍କର ଲକ୍ଷ ଲକ୍ଷ ଫଲୋଅର୍ ଅଛନ୍ତି, ଯେଉଁମାନେ ନିୟମିତ ତାଙ୍କ ଚିତ୍ର ସମ୍ପର୍କରେ କମେଣ୍ଟ କରୁଛନ୍ତି।

# ପାଣି ମାଗି ପିଇଲା ଗୁଣ୍ଡୁଚିମୂଷା

**ନୂଆଦିଲ୍ଲୀ:** କେବଳ ମନୁଷ୍ୟ ନୁହନ୍ତି, ପ୍ରତ୍ୟେକ ପ୍ରାଣୀ ନିଜର ଭାବ ପ୍ରକାଶ କରିଥାନ୍ତି। ତେବେ ସେମାନଙ୍କ ଭାଷା ଏବଂ ଭାବକୁ ଅନେକ ସମୟରେ ମନୁଷ୍ୟ ବୁଝିବାକୁ ଚେଷ୍ଟା କରି ନ ଥାଏ। ତେବେ ଏକ ତୃଷାର୍ତ୍ତ ଗୁଣ୍ଡୁଚିମୂଷା ଜଣେ ବ୍ୟକ୍ତିଙ୍କଠାରୁ ପାଣି ମାଗି ପିଇବା ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓଟି ପ୍ରଥମେ ଅନ୍ୟ ଏକ ସୋସିଆଲ ମିଡିଆରେ ଶେୟାର କରାଯାଇଥିବାବେଳେ ଗୁରୁବାର ଆଇଏଫ୍‌ଏସ୍ ଅଫିସର ସୁଶାନ୍ତ ନନ୍ଦ ଭିଡିଓଟିକୁ ନିଜ ଟୁଇଟର୍ ହ୍ୟାଣ୍ଡେଲରେ ଶେୟାର କରିଥିବା ଦେଖିବାକୁ ମିଳିଛି। ୪୧ ସେକେଣ୍ଡର ଏହି ଭିଡିଓରେ ଗୁଣ୍ଡୁଚିଟି ଜଣେ ବ୍ୟକ୍ତିଙ୍କୁ ପଛରୁ ବାରମ୍ବାର ଅନୁକରଣ କରିବା ଏବଂ ସେ ଧରିଥିବା ପାଣି ବୋତଲକୁ ଚାହିଁ ପଛ ଦୁଇ ଗୋଡ଼ରେ ଠିଆହେବା ଦେଖିବାକୁ ମିଳିଛି। ଜଣେ ଝିଅ ଏହା ଦେଖୁଥିବାବେଳେ ବ୍ୟକ୍ତି ଜଣକ ନିଜ ପାଣି ବୋତଲ ଖୋଲି ଗୁଣ୍ଡୁଚିକୁ ପିଆଇଥିଲେ। ବୋତଲ ଖାଲି ହେବା ଯାଏ ଗୁଣ୍ଡୁଚିଟି ପାଣି ପିଇବା ପରେ ସେଠାରୁ ଚାଲିଯାଇଥିବା ନଜରକୁ ଆସିଛି। ତେଣୁ ସେ ଅତ୍ୟନ୍ତ ତୃଷାର୍ତ୍ତ ଥିବା ଏଥିରୁ ସ୍ପଷ୍ଟ ହେଉଛି। ଏହି ଭିଡିଓଟି ଅନେକଙ୍କୁ ଭାବବିହ୍ୱଳ କରିଛି। ଇତିମଧ୍ୟରେ ୮ହଜାରରୁ ଊର୍ଦ୍ଧ୍ୱ ଲୋକ ଏହାକୁ ରିଟୁଇଟ୍ କରିଥିବାବେଳେ ୩୫ହଜାରରୁ ଊର୍ଦ୍ଧ୍ୱ ଲୋକ ପସନ୍ଦ କରିଛନ୍ତି। ସେହିପରି ଅନେକ ଲୋକ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। ଜୀବଜଗତରେ ଏଭଳି ପ୍ରାଣୀଙ୍କ ବଞ୍ଚିବା ନିହାତି ଜରୁରୀ। ତେଣୁ ଏମାନଙ୍କ ଚିନ୍ତା କରିବା ଆବଶ୍ୟକ ବୋଲି କେତେକେ ମତ ରଖିଛନ୍ତି। ସେହିପରି ଏଭଳି ଦୃଶ୍ୟ ହୃଦୟ ତରଳାଇଦେଇଥିବା ଆଉ କିଛି ଜଣ ପ୍ରତିକ୍ରିୟା ରଖିଛନ୍ତି। ତେବେ ଗୁଣ୍ଡୁଚିର କ୍ଷମତା ଏବଂ ମହାନତା ରାମାୟଣରେ ବର୍ଣ୍ଣିତ। କିନ୍ତୁ ମନୁଷ୍ୟ ହେଉ କି ଇତର ପ୍ରାଣୀ, ପରସ୍ପରଙ୍କ ସାହାଯ୍ୟ ଲୋଡ଼ିଥାନ୍ତି। 'ଜୀବେ ଦାୟା' ହିଁ ମନୁଷ୍ୟ ମନୁଷ୍ୟ ଜୀବନର ଶ୍ରେଷ୍ଠତା।



# ଦୀପିକା, କାର୍ତ୍ତିକଙ୍କ ମଜାଦାର ଚାଟ୍ ଭାଇରାଲ

**ମୁମ୍ବାଇ:** ସୋସିଆଲ ମିଡିଆରେ ଦୀପିକା ପାଦୁକୋନ ଖୁବ ଆକ୍ଟିଭ ରହିଥାନ୍ତି। କିଛିଦିନ ପୂର୍ବରୁ ସେ ତାଙ୍କ ସ୍ୱାମୀ ରଣବୀର ସିଂହଙ୍କୁ ବାର୍ଥ ଡେ' ୱିଶ୍ କରିବା ସହ ତାଙ୍କ ସହ ଫଟୋ ଶେୟାର କରିଥିଲେ। ଏହା ପରେ ସେ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଥିଲେ। ଏହି ଭିଡିଓରେ ଦୀପିକା ଚାମଚ୍‌ରେ କେକ୍ ଖାଉଥିବାର ନଜର ଆସିଛନ୍ତି। ଯାହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି ଏବଂ ଫ୍ୟାନ୍‌ମାନେ ମଧ୍ୟ ବହୁତ ସାରା କମେଣ୍ଟ କରିଛନ୍ତି। ସୋସିଆଲ ମିଡିଆରେ ଆକ୍ଟିଭ ରହୁଥିବା କାର୍ତ୍ତିକ ଆର୍ୟ୍ୟନ ମଧ୍ୟ ଦୀପିକାଙ୍କ ଏହି ଭିଡିଓରେ ମଜାଦାର୍ କମେଣ୍ଟ କରିଛନ୍ତି।

ବାସ୍ତବରେ କାର୍ତ୍ତିକ ଆର୍ୟ୍ୟନ ଦୀପିକାଙ୍କ ଏହି ଭିଡିଓରେ ଚାମଚ୍‌କୁ ଲକ୍ଷ୍ୟ କରି ଲେଖିଛନ୍ତି, 'ଏହି ଚାମଚ କେତେ ସଫା।' କାର୍ତ୍ତିକଙ୍କର ଏହି କମେଣ୍ଟରେ ଦୀପିକା ନିଜର ପ୍ରତିକ୍ରିୟା ଦେଇଛନ୍ତି। ଦୀପିକା କାର୍ତ୍ତିକଙ୍କୁ ଲେଖିଛନ୍ତି, 'କେବେ ଦେଖା ହୁଅ ତ ମତେ।' ତା'ପରେ ଜଣେଇବି। ଏଭଳି ଘଟଣା ଦୀପିକା ଏବଂ କାର୍ତ୍ତିକଙ୍କ ପାଇଁ ନୂଆ ନୁହେଁ। ଆଗରୁ ସେମାନେ ପରସ୍ପରଙ୍କ ଭିଡିଓରେ ମଜାଦାର୍ କମେଣ୍ଟ କରିଥାନ୍ତି। ଦୁହେଁ ପ୍ରାୟତଃ ବିଭିନ୍ନ ସମୟରେ ଅନ୍‌ଲାଇନ୍ ଚାଟ୍ କରିଥାନ୍ତି। ଏପରି କାର୍ତ୍ତିକ ଏବଂ ଦୀପିକାଙ୍କ ଆଉ ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ଦୁଇଜଣ ଏୟାରପୋର୍ଟରେ 'ଧିମେ ଧିମେ' ଗୀତରେ ଡ୍ୟାନ୍ସ କରୁଥିବା ନଜର ଆସିଥିଲେ। ଏହି ଭିଡିଓରେ କାର୍ତ୍ତିକ ଦୀପିକାଙ୍କୁ ନିଜ ଗୀତର ଷ୍ଟେପ୍ ଶିଖାଉଥିବା ଦେଖିବାକୁ ମିଳିଥିଲା।





# କରୋନା ମୁକ୍ତ ପରେ ଡିଜେ ବଜାଇ ସ୍ୱାଗତ

**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ କରୋନା ସଂକ୍ରମଣ ଯେଉଁଭଳି ବ୍ୟାପିବାରେ ଲାଗିଛି ସେଥିପାଇଁ ସମସ୍ତଙ୍କ ମନରେ ଏକ ପ୍ରକାର ଆତଙ୍କ ସୃଷ୍ଟି ହେଉଛି। ତେଣୁ କରୋନା ହୋଇଥିବା ଜାଣିବା ପରେ ମନ ଯେମିତି ହତାଶରେ ଭରିଯାଉଛି। ଆଉ କରୋନା ମୁକ୍ତ ହୋଇ ଫେରିବା ପରେ ଯେମିତି ଯୁଦ୍ଧ ଜିତି ଫେରିବା ଭଳି ମନେକରୁଛନ୍ତି। ଠିକ୍ ଏମିତି ଏକ ପରିସ୍ଥିତି ଦେଖିବାକୁ ମିଳିଛି ପୁଣେରେ। ଜଣେ ମହିଳା କରୋନା ମୁକ୍ତ ହୋଇ ଘରକୁ ଫେରିବା ପରେ ତାଙ୍କୁ ଡିଜେ ବଜାଇ ସ୍ୱାଗତ କରିଛନ୍ତି ତାଙ୍କ ଭଉଣୀ।

ସ୍ୱାଗତ କରିଥିବା ଯୁବତୀ ଜଣକ ହେଉଛନ୍ତି ପୁଣେର ସାଲୋନୀ ସତ୍‌ପୁତ୍। ତାଙ୍କ ପରିବାରର ସମସ୍ତଙ୍କୁ କରୋନା ହୋଇଥିବାରୁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ବାପା ମାଆ ପ୍ରଥମେ ସୁସ୍ଥହୋଇ ଘରକୁ ଫେରିଥିଲେ। ମାତ୍ର ତାଙ୍କ ଭଉଣୀଙ୍କୁ ସୁସ୍ଥ ହେବା ପାଇଁ ଅଧିକ ଦିନ ଲାଗିଥିଲା। ଶେଷରେ ସେ ସୁସ୍ଥ ହୋଇ ଘରକୁ ଫେରୁଥିବାରୁ ତାଙ୍କ ପରିବାର ଲୋକେ ବହୁତ ଖୁସି ହୋଇଯାଇଥିଲେ। ଆଉ ଏହି ଖୁସି ପାଳନ କରିବା ପାଇଁ ସେମାନେ ଘର ବାହାରେ ଡିଜେ ବଜାଇ ନାଚ କରି ତାଙ୍କୁ ସ୍ୱାଗତ କରିଥିଲେ। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ସାଲୋନୀଙ୍କ ପଡ଼ୋଶୀମାନେ ତାଙ୍କର ଏଭଳି ଢଙ୍ଗରେ ସ୍ୱାଗତ ଶୈଳୀକୁ ବି ବେଶ୍ ପ୍ରଶଂସା କରିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଭବାନୀ ଶଙ୍କର ମିଶ୍ର
(ବିଶିଷ୍ଟ ଆଇନଜୀବୀ)
ପିଠାପୁର, କଟକ
ଆବିର୍ଭାବ: ୦୫।୦୩।୧୯୩୯
ତିରୋଧାନ: ୧୧।୦୭।୨୦୨୦

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ୱାଭିମାନ ଆମର ଚିର ସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:-
ଝିଅମାନେ: ପ୍ରଜ୍ଞା-ରୁନି, ସଜ୍ଞା-ରୁବି, ବିଜ୍ଞା-ବେବି, ଜାମାତାମାନେ: ବଳଭଦ୍ର, ଭବାନୀ ପ୍ରସାଦ, ଜ୍ୟୋତି ପ୍ରକାଶ, ନାତି-ନାତୁଣୀ ବୋହୂ, ନାତୁଣୀ- ନାତୁଣୀ ଜ୍ୱାଇଁ ଓ ଅଣନାତୁଣୀମାନେ।
ଧ-୧୭୭୯୧

# କଳାଦାଗ ଦୂର କରନ୍ତୁ



**ମୁହଁରେ ବ୍ଲାକ୍ ହେଡ୍‌ସ ବା କଳା ଦାଗ ହେବା ଫଳରେ ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ତ୍ୱଚାର ମଧ୍ୟ କ୍ଷତି ହୋଇଥାଏ। ସାଧାରଣତଃ ଧୂଳି, ମାଟି ଓ ପ୍ରଦୂଷଣ ତଥା ନିଦ କମ୍ ହେବା ଫଳରେ ତ୍ୱଚାରେ ଏଭଳି ଦେଖା ଦେଇଥାଏ। ଏହି ସମସ୍ୟାରୁ ମୁକ୍ତି ପାଇଁ କିଛି ଘରୋଇ ଉପାୟ ସମ୍ପର୍କରେ..**

– ବ୍ଲାକ୍ ହେଡ୍‌ସ ବା କଳା ଦାଗ ଦୂର କରିବା ପାଇଁ ମହୁ ବହୁତ ଭଲ। ମହୁକୁ ଅଳ୍ପ ଗରମ କରି ମୁହଁରେ ଲଗାନ୍ତୁ। ୧୫ ମିନିଟ୍ ପରେ ମୁହଁକୁ ଘଷି ଘଷି ପାଣିରେ ଧୋଇ ଦିଅନ୍ତୁ। ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଏପରି କରିବା ଫଳରେ ଏହି ସମସ୍ୟାରୁ ମୁକ୍ତି ମିଳିବ।
– କଳାଦାଗ ଥିବା ସ୍ଥାନରେ ଦିନକୁ ତିନି ଥର ଲେମ୍ବୁ ରସ ଲଗାନ୍ତୁ। ଲଗାତର ଏପରି କରିବା ଫଳରେ କଳାଦାଗ ଦୂର ହୋଇଥାଏ। ଆପଣ ଚାହିଁଲେ ଲେମ୍ବୁ ସହିତ ବେସନ ମିଶାଇ ଲଗାଇ ପାରିବେ।
– କଞ୍ଚା ଆଳୁକୁ ପତଳା ପତଳା କାଟି କଳାଦାଗ ହୋଇଥିବା ସ୍ଥାନରେ ଘଷନ୍ତୁ। କଳାଦାଗ ଦୂର ହେବା ସହିତ ତ୍ୱଚା ଅଧିକ ଉଜ୍ଜ୍ୱଳ ହେବ।
– ଓଟ୍‌ସ ଓ ଗୋଲାପ ଜଳ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ।
– ରାତିରେ ଶୋଇବା ପୂର୍ବରୁ ମୁହଁକୁ ଭଲଭାବେ ସଫା କରି ଶୁଅନ୍ତୁ।
କଳାଦାଗ ଦୂର କରିବା ପାଇଁ ପାଚିଲା କଦଳୀକୁ ମଧ୍ୟ ବ୍ୟବହାର କରିପାରିବେ। ପାଚିଲା କଦଳୀକୁ ପେଷ୍ଟ କରି ମୁହଁରେ ଲଗାନ୍ତୁ। କଦଳୀ ନ ଥିଲେ କଦଳୀ ଚୋପାକୁ ମଧ୍ୟ ତ୍ୱଚାରେ ଭଲଭାବେ ଘଷିଲେ କଳାଦାଗ ଦୂର ହୋଇଥାଏ।
– ସପ୍ତାହକୁ ଥରେ ଫେସ୍ ସ୍କ୍ରବ କରନ୍ତୁ। ଏହାଦ୍ୱାରା ତ୍ୱଚାରେ ଥିବା ମଇଳା ସଫା ହୋଇଥାଏ ଓ କଳାଦାଗ ଦୂର ହୋଇଥାଏ।
– ବେକିଂ ସୋଡ଼ାକୁ ମଧ୍ୟ ଏଥିପାଇଁ ବ୍ୟବହାର କରିପାରିବେ। ଏକ ଚାମଚ ପାଣିରେ ତିନି ଚାମଚ ବେକିଂ ସୋଡା ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। କିଛି ସମୟ ପରେ ଉଷୁମ ପାଣିରେ ମୁହଁକୁ ଭଲଭାବେ ସଫା କରି ଦିଅନ୍ତୁ।



# ନିରାପଦ ମାତୃତ୍ୱ

## ଅତ୍ୟାଧୁନିକ ଆଇଭିଏଫ୍ ପ୍ରଣାଳୀ



ଡା. ସସ୍ମିତା ନାୟକ

ମାତୃତ୍ୱ ଏଭଳି କିଛି ଅନୁଭବ, ଯାହାକୁ ପ୍ରତ୍ୟେକ ମହିଳା ପାଇବା ପାଇଁ ସ୍ୱପ୍ନ ଦେଖନ୍ତି, କିନ୍ତୁ ଯଦି ମାତୃତ୍ୱ ଲାଭ କରିବାରେ କିଛି ବାଧା ସୃଷ୍ଟି ହୁଏ, ତେବେ କ'ଣ ହେବ। ଯେତେବେଳେ ଜଣେ ଦମ୍ପତି ଗର୍ଭଧାରଣ କରିବାରେ ବିଫଳ ହୋଇଥାନ୍ତି, ସେତେବେଳେ ଅଧିକାଂଶରେ କେବଳ ମହିଳାଙ୍କୁ ଦାୟୀ କରାଯାଇଥାଏ। ବନ୍ଧ୍ୟାପଣ ବା ଗର୍ଭଧାରଣ କରିବାର ଅକ୍ଷମତା ଯଦିଓ ବିଭିନ୍ନ କାରଣ ଓ କାରକ ସହ ଜଡିତ କିନ୍ତୁ ଏବେ ବି ଏହା ସମାଜରେ ମହିଳାମାନଙ୍କ ପାଇଁ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଗର୍ଭଧାରଣ କରିବାକୁ ଚେଷ୍ଟା କରି ବିଫଳ ହେଉଥିବା ମହିଳାମାନେ ନିରାଶା ସହିତ ନିଜକୁ ମୂଲ୍ୟହୀନ ମନେକରନ୍ତି। ଏଥିପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ରୂପରେ ମହିଳାଙ୍କୁ ଦାୟୀ କରିବା ଫଳରେ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ।

ଏ ସମ୍ପର୍କରେ ପରିବାର ସଦସ୍ୟ କିମ୍ବା ଘନିଷ୍ଠ ବନ୍ଧୁଙ୍କ ସହ କଥା ହେବା ନିଶ୍ଚିତ ରୂପେ ସାହାଯ୍ୟ କରିଥାଏ ଏବଂ ଯେଉଁମାନଙ୍କ ପାଖରେ ବିଶ୍ୱସ୍ତ ଲୋକ ନ ଥାନ୍ତି ସେଭଳି ମହିଳାମାନେ ସାମାଜିକ ଚାପର ସମ୍ମୁଖୀନ ହୋଇଥାନ୍ତି, ତେଣୁ ସାମାଜିକ ଅବସରଗୁଡିକରୁ ଦୂରେଇ ରୁହନ୍ତୁ, କାରଣ କେବଳ ଜଣେ ଗର୍ଭବତୀ କିମ୍ବା ଶିଶୁଙ୍କୁ ଦେଖିବା ଦ୍ୱାରା ତାହା ମାନସିକ ଅବସାଦକୁ ନିମନ୍ତ୍ରଣ କରିପାରେ।

ଚଳିତ ମାସ ୨୫ରେ ପାଳିତ ହେବାକୁ ଯାଉଛି ବିଶ୍ୱ ଆଇଭିଏଫ୍ ଦିବସ। ଏହି ଅବସରରେ, ଆସନ୍ତୁ ମହିଳାଙ୍କ ବନ୍ଧ୍ୟାପଣ ସହ ଜଡିତ ସାମାଜିକ ଅପବାଦକୁ ଦୂର କରିବା ଓ ସେମାନଙ୍କୁ ମାତୃତ୍ୱର ଉପହାର ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେବା। ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍‌ନିକ୍ସ (ଏଆର୍‌ଟି) କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସହିତ ବନ୍ଧ୍ୟାପଣ ସହ ଜଡିତ ଅନେକ ସମସ୍ୟାର ଏବେ ଚିକିତ୍ସା କରାଯାଇ ପାରୁଛି, ଯାହାଫଳରେ ଅନେକ ମହିଳା ମାତୃତ୍ୱର ସୁଖ ଉପଭୋଗ କରି ପାରୁଛନ୍ତି।

**ମାତୃତ୍ୱକୁ ପ୍ରଭାବିତ କରୁଥିବା କାରଣ :** ଜଣେ ବ୍ୟକ୍ତିଙ୍କ ପ୍ରଜନନ କ୍ଷମତା ଏକାଧିକ କାରଣ ଯୋଗୁଁ ପ୍ରଭାବିତ ହେଉଥିବା ବେଳେ ସେଥିରୁ ନିମ୍ନରେ କିଛି କାରଣ ଉଲ୍ଲେଖ କରାଯାଇଛି, ଯେଉଁଗୁଡିକୁ ନାଟକୀୟ ଭାବେ ଗତ କିଛି ବର୍ଷ ମଧ୍ୟରେ ଅନେକଙ୍କ ପ୍ରଜନନ କ୍ଷମତାକୁ ପ୍ରଭାବିତ କରିଛି।

–ପେଲ୍‌ଭିକ୍ ପାଥୋଲୋଜି (ଓଭାରିଆନ୍, ଟ୍ୟୁବାଲ, ୟୁଟେରାଇନ୍)ରେ ତ୍ରୁଟି ସମେତ ୟୁଟେରାଇନ୍ ଫିବ୍ରଏଡ୍‌ସ, ଆଡେନୋମିୟୋସିସ୍, କନିଟାଲ ୟୁଟେରାଇନ୍ ଆନୋମାଲିସ୍, ୟୁଟେରାଇନ୍ ଆଡ୍‌ହେସନ୍ସ, ୟୁଟେରାଇନ୍ ପଲିପ୍ସ, କ୍ରୋନିକ୍ ଏଣ୍ଡୋମେଟ୍ରାଇଟିସ୍, ଟ୍ୟୁବାଲ ବ୍ଲକେଜ୍, ଓଭ୍ୟୁଲେଟୋରୀ ଡିସ୍‌ଫଙ୍କସନ, ପିସିଓଏସ୍ ଆଦି ରୋଗ।
–ମହିଳାଙ୍କ ବୟସ ଡିମ୍ବାଶୟ ସଂରକ୍ଷଣ (ଗୁଣାତ୍ମକ ଡିମ୍ବାଣୁ) ହ୍ରାସ ପାଇଁ ଏହା ଏକ କାରଣ।
–କ୍ୟାରିୟରକୁ ଗୁରୁତ୍ୱ ଦେଉଥିବା ମହିଳାମାନେ ଗର୍ଭଧାରଣକୁ ସ୍ଥଗିତ ରଖିଥାନ୍ତି। (ସମାଜ ଏହାକୁ ଗର୍ଭଧାରଣ ପାଇଁ ଅକ୍ଷମ ବୋଲି ଆକଳନ କରିଥାଏ)।
–ଧୂମପାନ, ମଦ୍ୟପାନ, ତମାଖୁ ସେବନ, କମ୍ ବ୍ୟାୟାମ ଓ କମ୍ ନିଦ୍ରା, ଭୁଲ ଖାଦ୍ୟାଭ୍ୟାସ ଆଦି ପରିବର୍ତ୍ତିତ ଜୀବନଶୈଳୀ ମେଦବହୁଳତା ଓ ଚାପ ସୃଷ୍ଟି କରିଥାଏ, ଯାହାକି ଶେଷରେ ବନ୍ଧ୍ୟାପଣର କାରଣ ସାଜିଥାଏ।
–ବୃତ୍ତି ସମ୍ବନ୍ଧୀୟ ବିପଦ ଓ ପରିବେଶ ପ୍ରଦୂଷଣ।
–ବଂଶାନୁଗତ ବ୍ୟାଧି ଯଥା କ୍ରୋମୋଜୋମାଲ ଅସ୍ୱାଭାବିକତା, ଅସ୍ପଷ୍ଟ ବନ୍ଧ୍ୟାପଣ, ପୁରୁଷ ସମସ୍ୟା, ଜଣେ କିମ୍ବା ଉଭୟ ସାଥୀଙ୍କ ଆନୁବଂଶିକ ତ୍ରୁଟି, ଅସାଧାରଣ ସମସ୍ୟା।
–ଏଆର୍‌ଟି : ଅନେକ ମହିଳାଙ୍କ ପାଇଁ ମାତୃତ୍ୱର ଆର୍ଶୀବାଦ। ଆଇଭିଏଫ୍ ହେଉଛି ଏକ ଆର୍ଟ, ଯାହାକି ନିୟନ୍ତ୍ରିତ ଓଭାରିଆନ୍ ହାଇପର୍‌ଷ୍ଟିମୁଲେସନ, ଏହାପରେ ଓଭାରିରୁ ଡିମ୍ବାଣୁଗୁଡିକର ପୁନରୁଦ୍ଧାର, ଲାବରେଟୋରୀରେ ଶୁକ୍ରାଣୁ ସହିତ ଫର୍ଟିଲାଇଜେସନ ବା ଗର୍ଭାଧାନ,ଗର୍ଭାଶୟ ଭିତରେ ସୃଷ୍ଟି ହୋଇଥିବା ଭ୍ରୂଣଗୁଡିକର ପରବର୍ତ୍ତୀ ସ୍ଥାନାନ୍ତର ଆଦି ପ୍ରକ୍ରିୟାକୁ ନେଇ ଗଠିତ। ଭ୍ରୂଣଗୁଡିକୁ ଲାବରେଟୋରୀରେ ୩ରୁ ୫ ଦିନ ପର୍ଯ୍ୟନ୍ତ କଲ୍‌ଚର କରାଯାଇଥାଏ। ଆଇଭିଏଫ ଚିକିତ୍ସା ପଦ୍ଧତି ଏବେ ଆଇସିଏସ୍‌ଆଇ (ଇଣ୍ଟ୍ରା ସାଇଟୋପ୍ଲାଜ୍‌ମିକ୍ ସ୍ପର୍ମ ଇନ୍‌ଜେକ୍‌ସନ), ବ୍ଲାଷ୍ଟୋସିଷ୍ଟ କଲ୍ଚର, ଲେଜର ଆସିଷ୍ଟେଡ୍ ହ୍ୟାଚିଙ୍ଗ୍, ଟିଇଏସ୍‌ଇ (ଟେଷ୍ଟିକୁଲାର ସ୍ପର୍ମ ଏକ୍ସଟ୍ରାକ୍ସନ) ଆଦି ପ୍ରୟୋଗ ସହିତ ଉନ୍ନତ ଭାବେ ପରିଶୋଧିତ ହେଉଛି।









**ବନ୍ଧ୍ୟାପଣ ବା ଗର୍ଭଧାରଣ କରିବାର ଅକ୍ଷମତା ଯଦିଓ ବିଭିନ୍ନ କାରଣ ଓ କାରକ ସହ ଜଡିତ କିନ୍ତୁ ଏବେ ବି ଏହା ସମାଜରେ ମହିଳାମାନଙ୍କ ପାଇଁ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଗର୍ଭଧାରଣ କରିବାକୁ ଚେଷ୍ଟା କରି ବିଫଳ ହେଉଥିବା ମହିଳାମାନେ ନିରାଶା ସହିତ ନିଜକୁ ମୂଲ୍ୟହୀନ ମନେକରନ୍ତି। ଏଥିପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ରୂପରେ ମହିଳାଙ୍କୁ ଦାୟୀ କରିବା ଫଳରେ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ...**

ଆଇଭିଏଫ୍ ବ୍ଲକ୍ ବା ବନ୍ଦ ଥିବା ଫାଲୋପିଆନ୍ ଟ୍ୟୁବ୍‌ଗୁଡିକ କ୍ଷେତ୍ରରେ ଉପଯୋଗୀ ହେବା ସହିତ ଦୁର୍ବଳ କିମ୍ବା ହ୍ରାସ ପାଇଥିବା ଡିମ୍ବାଶୟ ସଂରକ୍ଷଣ, ପିସିଓଏସ୍, ପିଓଏଫ୍, ଏଣ୍ଡୋମେଟ୍ରିଓସିସ୍, ୟୁଟେରାଇନ୍ ଫିବ୍ରଏଡ୍‌ସ, ଆଡେନୋମିୟୋସିସ୍, ଆବ୍‌ନର୍ମାଲ ସେମେନ୍ ପାରାମିଟର୍ ଭଳି ସମସ୍ୟା ଭୋଗୁଥିବା ମହିଳା, ପ୍ରାଥମିକ ଓ ମାଧମିକ ବନ୍ଧ୍ୟାପଣ ସହିତ ଦୀର୍ଘଦିନ ହେବ ବିବାହିତ ଦମ୍ପତି, ଅସ୍ପଷ୍ଟ ବନ୍ଧ୍ୟାପଣ ଓ ଅଣ ଏଆର୍‌ଟି ଚକ୍ରର ବିଫଳତା ଥିବା ଦମ୍ପତିଙ୍କ ପାଇଁ ମଧ୍ୟ ଖୁବ୍ ଉପଯୋଗୀ ଅଟେ।

ଅନ୍ୟପକ୍ଷରେ ଦମ୍ପତିଙ୍କ ମଧ୍ୟରେ ପରସ୍ପରକୁ ଦୋଷ ଦେବା ସମସ୍ୟାକୁ ରୋକିବା ପାଇଁ ଏଭଳି ମାମଲାରେ କାଉନ୍‌ସେଲିଙ୍ଗ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଦମ୍ପତିଙ୍କୁ ବୁଝାନ୍ତୁ ବା ପରାମର୍ଶ ଦିଅନ୍ତୁ ଯେ, ବନ୍ଧ୍ୟାପଣର କାରଣ ପୁରୁଷ କିମ୍ବା ମହିଳା ସାଥୀ, ଉଭୟ ହୋଇପାରନ୍ତି କିମ୍ବା କେହି ନ ହୋଇପାରନ୍ତି ଏବଂ ସେମାନଙ୍କୁ ଅନୁଭବ କରାନ୍ତୁ ଯେ, ପରସ୍ପରକୁ ବୁଝିବା ଓ ସମର୍ଥନ କରିବା ଦ୍ୱାରା ଚିକିତ୍ସା ସହିତ ଅଗ୍ରଗତି କରିବାରେ ଉନ୍ନତ ଶକ୍ତି ଆଣିବା ସହ ସାହାଯ୍ୟ କରିପାରିବ। ସବୁବେଳେ ଦେଖାଯାଇଛି ଯେ, ଡାକ୍ତରଙ୍କ ସହ ପ୍ରଥମ ସାକ୍ଷାତ୍‌କାର ସମୟରେ ଜଣେ ମହିଳା ଏକାକୀ କିମ୍ବା ନିଜର ଜଣେ ପରିବାର ସଦସ୍ୟଙ୍କ ସହ ଆସିଥାନ୍ତି। ସମାନ ଭାବେ, ଏହା ମଧ୍ୟ ଦେଖାଯାଇଛି ଯେ, ଜଣେ ପୁରୁଷ ମଧ୍ୟ ନିଜର ଦୁର୍ବଳ ସେମେନ୍ କ୍ୱାଲିଟି କିମ୍ବା ଆଜୁସ୍ପର୍ମିଆର ରିପୋର୍ଟକୁ ଦେଖାଇବା ପାଇଁ ଏକା ଆସିଥାନ୍ତି ଓ ନିଜ ସାଥୀଙ୍କୁ ଏସମ୍ପର୍କରେ କିଛି ନ ଜଣାଇ ସୁଧାର ପାଇଁ ଆଶା ରଖିଥାନ୍ତି।

ତେଣୁ ଉଭୟ ସାଥୀଙ୍କ ଯାଞ୍ଚ କରାଇବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏକ ଆଇଭିଏଫ୍ କେନ୍ଦ୍ର କେବଳ ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ ଉପରେ ଗୁରୁତ୍ୱ ଦେଇଥାଏ, ଯାହାଫଳରେ ଆଇଭିଏଫ୍ ଏକ ଖର୍ଚ୍ଚବହୁଳ ବ୍ୟାପାରରେ ପରିଣତ ହେବନାହିଁ, ଏହା ଜଣେ ରୋଗୀ ଓ ସୁଲଭ ମୂଲ୍ୟ ଦୃଷ୍ଟିକୋଣ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ ଏବଂ ବିଶ୍ୱାସ କରେ ଯେ, ଆଇଭିଏଫ୍ ଭଳି ଏକ ମାନସିକ ଓ ଭାବନାତ୍ମକ ନିବେଶ ଏକ ଆର୍ଥିକ ନିବେଶରେ ପରିଣତ ହେବା ଉଚିତ ନୁହେଁ।

ଆବଶ୍ୟକ ପରୀକ୍ଷଣଗୁଡିକ ବନ୍ଧ୍ୟାପଣର କାରଣକୁ ସୂଚାଇଥାନ୍ତି ଓ ମନରେ ସଫଳତାର ସମ୍ଭାବନାକୁ ବଜାୟ ରଖିବା ପାଇଁ ସର୍ବୋତ୍ତମ ଚିକିତ୍ସାର ଯୋଜନା କରିବାରେ ସହଯୋଗ କରିଥାନ୍ତି। ଏଥିରେ ରକ୍ତ ପରୀକ୍ଷା ଓ ଅଲଟ୍ରାସାଉଣ୍ଡ ସ୍କାନ୍ ଦ୍ୱାରା ଓଭାରିଆନ୍ ରିଜର୍ଭ ବା ଡିମ୍ବାଶୟ ସଂରକ୍ଷଣ ପାଇଁ ପରୀକ୍ଷଣ, ଅଲଟ୍ରାସାଉଣ୍ଡ/ କିମ୍ବଳ ହିଷ୍ଟେରୋସ୍କୋପି ଦ୍ୱାରା ୟୁଟେରାଇନ୍ କାଭିଟି ଏବଂ ସିମେନ୍ ପାରାମିଟରର ବିଶ୍ଳେଷଣ କରିବା ଆଦି ସାମିଲ ରହିଛି।

*–ପ୍ରସୂତି ଓ ସ୍ତ୍ରୀ ରୋଗ ଏବଂ ଆଇଭିଏଫ୍ ବିଶେଷଜ୍ଞା*
*ଇନ୍ଦିରା ହସ୍ପିଟାଲ, ଭୁବନେଶ୍ୱର*

# ଫ୍ୟାଶନେବଲ ମାସ୍କ

ଏବେ ସମସ୍ତଙ୍କ ଲାଇଫ୍ ଷ୍ଟାଇଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି ମାସ୍କ। ସୁରକ୍ଷା ନିମନ୍ତେ ସମସ୍ତେ ମାସ୍କ ପିନ୍ଧୁଛନ୍ତି। ତେବେ ଫେସ୍‌ମାସ୍କ ପିନ୍ଧିବା ସମୟରେ କିଛି କଥାପ୍ରତି ଧ୍ୟାନ ଦେଲେ ଆପଣ ମଧ୍ୟ ଫ୍ୟାଶନେବଲ ଲାଗିବେ।



➢ଏବେ ଆଧୁନିକ ସମୟରେ ଧୀରେ ଧୀରେ ମାସ୍କ ପିନ୍ଧିବା ମଧ୍ୟ ଫ୍ୟାଶନ ଟ୍ରେଣ୍ଡ ହେଲାଣି। ତେଣୁ ଷ୍ଟାଇଲିଶ୍ ଦେଖାଯିବା ପାଇଁ ଆପଣ ମଧ୍ୟ ମାସ୍କ ପିନ୍ଧିବା ସମୟରେ ଠିକ୍ ନିଷ୍ପତ୍ତି ନିଅନ୍ତୁ।
➢ସବୁବେଳେ ନିଜ ପୋଷାକ ସହିତ ମ୍ୟାଚିଂ କରି ମାସ୍କ ପିନ୍ଧନ୍ତୁ। ଏହା ଫଳରେ ଆପଣ ଅଧିକ ଷ୍ଟାଇଲିଶ୍ ଲାଗିବେ।
➢ବିବାହ ଉତ୍ସବରେ ଲଗାଇବା ପାଇଁ ଏବେ କନ୍ୟାମାନଙ୍କ ପାଇଁ ସ୍ୱତନ୍ତ୍ରଭାବେ ଲେହେଙ୍ଗା ସହିତ ମ୍ୟାଚିଂ ମାସ୍କ ମଧ୍ୟ ମିଳୁଛି। ତେଣୁ ନିଜ ପୋଷାକ ଅନୁସାରେ ବ୍ରାଇଡାଲ୍ ମାସ୍କ ଆଣି ପିନ୍ଧନ୍ତୁ।
➢ସ୍ୱତନ୍ତ୍ର ଅବସରରେ ଯୋଗଦେବାକୁ ଯାଉଥିଲେ ପରିବେଶ ଅନୁକୂଳ ମାସ୍କ ଲଗାନ୍ତୁ।
➢ଫ୍ୟାଶନ ଟ୍ରେଣ୍ଡରେ ଏବେ ପ୍ରିଟେଣ୍ଡ ମାସ୍କ ସହିତ, ଫ୍ଲୋରାଲ୍ ମାସ୍କ, ଚେକ୍ ଆଣ୍ଡ ଷ୍ଟ୍ରାଇପ୍ ମାସ୍କ, ମୋନୋଟୋନ୍ ମାସ୍କ ଆଦି ଅଧିକ ବ୍ୟବହାର କରାଯାଉଛି। ତେଣୁ ଆପଣ ନିଜର ପସନ୍ଦ ଅନୁସାରେ ଏସବୁ ମାସ୍କ ବ୍ୟବହାର କରି ନିଜକୁ ଫ୍ୟାଶନ୍ ଟ୍ରେଣ୍ଡରେ ସାମିଲ୍ କରିପାରିବେ।



**ଖାଦ୍ୟ ରୁଚି**

# ଆଳୁ ପୁରି



**ଆବଶ୍ୟକ ସାମଗ୍ରୀ–:**
ଅଟା– ୧କପ୍, ସୁଜି– ଅଧାକପ୍, ସିଝା ଆଳୁ– ୨ଟି, ଅଦା– ଛୋଟ ଖଣ୍ଡେ, କଞ୍ଚାଲଙ୍କା– ୨–୩ଟି, ଧନିଆପତ୍ର କଟା– ୧ ଚାମଚ, ଲଙ୍କାଗୁଣ୍ଡ– ଅଳ୍ପ, ହଳଦୀ ଗୁଣ୍ଡ– ଅଳ୍ପ, ଚିଲି ଫ୍ଲେକ୍ସ– ୧ ଚଉଠ ଚାମଚ, ଜୁଆଣି ଓ ଖାଇବା ସୋଡ଼ା– ୧ ଚଉଠ ଚାମଚ ଲେଖାଏଁ, ଗୁଆ ଘିଅ– ୨ ଚାମଚ, ହେଙ୍ଗୁ ଓ ଜିରା– ଅଳ୍ପ, ଲୁଣ ସ୍ୱାଦ ଅନୁସାରେ

ପ୍ରଣାଳୀ– ପ୍ରଥମେ ଆଳୁର ଚୋପା ଛଡାଇ ଚକଟି ରଖନ୍ତୁ। ଅଦାକୁ ବାଟି ରଖନ୍ତୁ। ଧନିଆପତ୍ର ଓ କଞ୍ଚା ଲଙ୍କାକୁ ଛୋଟ ଛୋଟ କାଟି ରଖନ୍ତୁ। ଆଳୁରେ ସୁଜି, ଅଟା, ହେଙ୍ଗୁ, ଲୁଣ, ଜିରା, ଲଙ୍କାଗୁଣ୍ଡ, ହଳଦୀ, ଖାଇବା ସୋଡ଼ା, ଜୁଆଣି, ଚିଲି ଫ୍ଲେକ୍ସ, ଅଦା, କଞ୍ଚା ଲଙ୍କା, ଧନିଆଁ ଓ ୨ଚାମଚ ଗୁଆ ଘିଅ ମିଶାଇ ଭଲଭାବେ ଚକଟି ଦିଅନ୍ତୁ। ଏକ ଓଦା କପଡ଼ାରେ ଏହାକୁ ୧୫ ମିନିଟ୍ ଘୋଡ଼ାଇ ରଖନ୍ତୁ।
ଏହାପରେ କଡ଼େଇରେ ତେଲ ପକାଇ ଚୁଲିରେ ବସାଇ ଗରମ କରନ୍ତୁ। ଏବେ ଚକଟା ହୋଇଥିବା ଅଟାକୁ ଛୋଟ ଛୋଟ ଗୁଳା କରି ସେଥିରେ ପୁରି ବେଲି ଦିଅନ୍ତୁ। ତେଲ ଭଲଭାବେ ଗରମ ହେବା ପରେ ଛାଣି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆଳୁ ପୁରି। ଏହାକୁ ଚଟଣି କିମ୍ବା ତରକାରି ସହିତ ଖାଇଲେ ଭଲ ଲାଗିବ।

# ବର୍ଷାଦିନିଆ ଯତ୍ନ

**ବର୍ଷାଦିନେ ଫ୍ଲୁ ଏବଂ ବ୍ୟାକ୍ଟେରିଆର ସଂକ୍ରମଣ ବହୁତ ବଢ଼ି ଯାଇଥାଏ। ତେଣୁ ଏହି ଋତୁରେ ଖାଦ୍ୟପେୟର ଭଲଭାବେ ଯତ୍ନ ନେବା ଜରୁରୀ। ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏହି ଋତୁରେ କେଉଁ ଖାଦ୍ୟ ଉପରେ ଗୁରୁତ୍ୱ ଦେବାକୁ ହେବ ଜାଣି ରଖନ୍ତୁ...**

**ଲେମନ ଗ୍ରାସ୍**
ଲେମନ ଗ୍ରାସର ତେଲ ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ପାୱାର ବଢାଇବାରେ ବେଶ୍ ଫଳପ୍ରଦ ହୋଇଥାଏ। ଜ୍ୱର, ଥଣ୍ଡା, କାଶ ଆଦି ହେଲେ ଏହାର ବ୍ୟବହାର କରାଯାଇଥାଏ।

**ଅଦା**
ପ୍ରତିଦିନ ଅଦା ଖାଇବା ଦ୍ୱାରା ଇମ୍ୟୁନିଟି ବଢ଼ିଥାଏ। ଏହା ଏକ ଔଷଧ ଭଳି କାମ କରିଥାଏ। ଏଥିରେ ମାଇକ୍ରୋବିୟଲ ଓ ଆଣ୍ଟିଫଙ୍ଗାଲ ତତ୍ତ୍ୱ ରହିଛି। ଏହାକୁ ତରକାରି ବ୍ୟତୀତ ଜୁସ୍, ସୁପ୍ ଓ ଚଟଣିରେ ବ୍ୟବହାର କରିହେବ।



**ହଳଦୀ**
ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୁଏ। ୧ ଚାମଚ ଗୋଲମରିଚ ଗୁଣ୍ଡ ସହ ୧ ଚାମଚ ହଳଦୀ ଗୁଣ୍ଡ ଓ ୧ ଚାମଚ ସୁଣ୍ଠି ବା ଅଦା ଗୁଣ୍ଡକୁ ଏକ କପ୍ ପାଣିରେ ପକାଇ ଫୁଟାନ୍ତୁ। ପାଣି ଅଧା ହୋଇଗଲେ ଏହାକୁ ଥଣ୍ଡା କରି ପିଅନ୍ତୁ।

**ତୁଳସୀ**
ଏଥିରେ ଆଣ୍ଟି ବାୟୋଟିକ୍ ଗୁଣ ଥିବାରୁ ଏହା ଭାଇରସ୍ ସହିତ ଲଢିବା ପାଇଁ ଶକ୍ତି ଯୋଗାଇ ଥାଏ। ତେଣୁ ଏକ ଚାମଚ ଲବଙ୍ଗ ଗୁଣ୍ଡ ସହିତ କିଛି ତୁଳସୀ ପତ୍ର ପକାଇ ସିଝାନ୍ତୁ। ଏହାକୁ ଛାଣି ପ୍ରତି ଘଣ୍ଟାରେ ଥରେ ଲେଖାଏଁ ପିଅନ୍ତୁ, ଆରାମ ଲାଗିବ।

**ଧନିଆ**
ଭାଇରାଲ୍ ଜ୍ୱର ଭଲ କରିବା ପାଇଁ ଧନିଆ ଚା' ଔଷଧ ଭଳି କାମ କରିଥାଏ। ବର୍ଷାଦିନେ ଏହାକୁ ସବୁଦିନ ପିଇଲେ ଦେହ ସୁସ୍ଥ ରହିବ।

## ବକେୟା ପ୍ରାପ୍ୟ ଦାବିରେ ବିକ୍ଷୋଭ

କଟକ ଅଫିସ:ବକେୟା ପ୍ରାପ୍ୟ ଦାବିରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ସମ୍ମୁଖରେ ଠିକା ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ବକେୟା ସହ ଇପିଏଫ୍‌ଓଇ ଏବଂ ଏସ୍ଆଇ ସୁବିଧା ଯୋଗାଇଦେବାକୁ ଏନ୍ଆର୍ଆଇ କଣ୍ଟ୍ରାକ୍ଟ ୟୁନିଅନ ସଭାପତି ବସନ୍ତ ସାହୁ, ସାଧାରଣ ସମ୍ପାଦକ ସୁଧୀର ନାଏକ, ସହ ସମ୍ପାଦକ ମମତା ଦାସ, କିଶୋର ଭୋଇ, ପ୍ରବୀଣ ଭୋଇ, କୋଷାଧ୍ୟକ୍ଷ ପବିତ୍ର ଦାସ, ମଜଦୁର ସଂଘ କଟକ ଜିଲା ସମ୍ପାଦକ ଭାଗିରଥି ବେହେରା ଦାବି କରିଛନ୍ତି ।

**ସଂକ୍ଷେପରେ**

### ଗୋରୁ ଗାଡ଼ି ଜବତ, ବେପାରି ଫେରାର

ଭୁବନେଶ୍ୱର,୨୦।୭ (ବ୍ୟୁରୋ): ମଞ୍ଚେଶ୍ୱର ଥାନା ପୋଲିସ ବରିମୁଣ୍ଡ ଗ୍ରାମ ନିକଟରୁ ଏକ ଟାଟା ଏସିଇ ଗାଡିରୁ ୪ଟି ଗୋରୁ ଉଦ୍ଧାର କରିବା ସହ ଗାଡିକୁ ଜବତ କରିଛି। ପୋଲିସର ଅତର୍କିତ ଚଢ଼ାଉ ସମୟରେ ବେପାରିମାନେ ଗାଡି ଛାଡି ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ସୋମବାର ସକାଳ ପ୍ରାୟ ୯ଟାରେ ବରିମୁଣ୍ଡ ଗ୍ରାମ ନିକଟରେ ଟାଟା ଏସିଇ ଗାଡିରେ ଗୋରୁ ବୋଝେଇ ହୋଇ ଚାଲାଣ ହେଉଥିଲା। ସ୍ଥାନୀୟ ଲୋକେ ଗାଡିକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ବେପାରିମାନେ ଲୋକଙ୍କୁ ଧମକ ଚମକ ଦେଇଥିଲେ। ଏନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ତେବେ ଜବତ ଗୋରୁ କେଉଁଠିକୁ ଚାଲାଣ ହେଉଥିଲା ସେନେଇ ପୋଲିସ ଖୋଳତାଡ଼ ଜାରି ରଖିଛି।

### ବିପିୟୁଟି ପରୀକ୍ଷା ବାତିଲ କରାଯାଉ

ପୁରୀ ଅଫିସ,୨୦।୭: କରୋନା ଏବେ ମାଡ଼ିଚାଲିଛି। ଏହାର ପ୍ରକୋପ କେବେ କମିବ ତାହା କିଛି ସ୍ପଷ୍ଟ ନାହିଁ। କରୋନାକୁ ନେଇ ଏବେ ସମସ୍ତେ ଏକପ୍ରକାର ଭୟଭୀତ ଅବସ୍ଥାରେ ଥିବାବେଳେ ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ବିପିୟୁଟି ପରୀକ୍ଷା କରାଇବା ଲାଗି ୟୁଜିସି ନିଷ୍ପତ୍ତି ନେଇଛି। ବର୍ତ୍ତମାନ ସ୍ଥିତିରେ ପରୀକ୍ଷା ହେବା ସମ୍ଭବ ନୁହେଁ। ତେଣୁ ଏହି ପରୀକ୍ଷାକୁ ବାତିଲ କରାଯାଉ। ଅନ୍ୟ ସେମିଷ୍ଟର ମାର୍କକୁ ଆଧାର କରି ସମସ୍ତ ଛାତ୍ରୀଛାତ୍ରଙ୍କୁ ପାସ୍ କରାଇବା ଲାଗି ଦାବି ହୋଇଆସୁଛି। ଏ ନେଇ ବିପିୟୁଟି ମୁଖ୍ୟ, ରାଜ୍ୟପାଳ ଏବଂ ସରକାରଙ୍କୁ ମଧ ଦାବିପତ୍ର ଦିଆଯାଇଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସୋମବାର ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଇଛି। ବିପିୟୁଟି ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଯଦି ସରକାରଙ୍କ ନିଦ ନ ଭାଙ୍ଗେ ତେବେ ପ୍ରତ୍ୟେକ ଜିଲାରେ ଛାତ୍ର କଂଗ୍ରେସ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ଆତ୍ମାହୁତି ଦେବେ ବୋଲି ଛାତ୍ର କଂଗ୍ରେସ ରାଜ୍ୟ ସଂଯୋଜକ ଆଶୁତୋଷ ସାମନ୍ତରାୟ କହିଛନ୍ତି।

### ସ୍ୱାମୀ ବିବେକାନନ୍ଦ ଯୁବ ସଂସଦର ୱେବିନାର

**କଟକ ଅଫିସ,୨୦।୭:** ସ୍ୱାମୀ ବିବେକାନନ୍ଦ ଯୁବ ସଂସଦ ପକ୍ଷରୁ ଏକ ୱେବିନାର ଅନୁଷ୍ଠିତ ହୋଇଛି। 'ସାମ୍ୟ, ମୈତ୍ରୀ ଏବଂ ପ୍ରୀତି: ଜଗନ୍ନାଥ ସଂସ୍କୃତି' ଉପରେ ହୋଇଥିବା ଆଲୋଚନାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ସଞ୍ଜୟ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ କହିଥିଲେ, ଜଗନ୍ନାଥ ସଂସ୍କୃତି ସାମ୍ୟତା, ମୈତ୍ରୀଭାବ ଓ ପ୍ରୀତି ବାଣ୍ଟି ଆଦର୍ଶବାଦ ଧାରାରେ ଜନମାନସକୁ ପ୍ରଭାବିତ କରିଛି। ବଳରାମ ଦାସ, ରଘୁ ଅରକ୍ଷିତ, ଦାସିଆ ବାଉରୀ, ଭକ୍ତ ସାଲବେଗ, ଜୟଦେବ ଭଳି ବିଭିନ୍ନ ବୃତ୍ତାନ୍ତକୁ ଶ୍ଳୋକ ତଥା ସଙ୍ଗୀତରେ ପରିବେଷଣ କରାଯାଇଥିଲା। ଅହଲ୍ୟା ଗୋଚ୍ଛାୟତ ବନ୍ଦନା ପ୍ରାରମ୍ଭିକ ବନ୍ଦନା କରିଥିଲେ। ବୈତରଣୀ ଗ୍ରୁପର ସଦସ୍ୟ ଦିଲିପ ବାରିକ, ବିଭୁତି ସାହୁ ସଭା ଆୟୋଜନ ଓ ଅଧାପକ ଡ. ପ୍ରିୟବ୍ରତ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍କଳ କଳା ସଂସ୍କୃତି ପରିଷଦର ଖୋର୍ଦ୍ଧା ଜିଲା ସଭାପତି ଅମରେନ୍ଦ୍ର ସାହୁ ପୌରୋହିତ୍ୟ ଓ ଅଧାପକ ବିନାୟକ ଘୋଷ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ ପରବର୍ତ୍ତୀ କାର୍ଯ୍ୟକ୍ରମ ସୂଚନା ଦେଇଥିଲେ।

# ଚାଷୀଙ୍କୁ ନିମ୍ନମାନର ନଡ଼ିଆ ଚାରା

ପିପିଲି, ୨୦।୭(ସ୍ୱ.ପ୍ର.)



ପିପିଲି ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ନଡ଼ିଆ ଚାରା ନିମ୍ନମାନର ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଏ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପିପିଲି ବ୍ଲକ ଅଧୀନ ତରାକାଜ ନିକଟ ସହକାରୀ ଉଦ୍ୟାନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ଉଦ୍ୟାନ–କୃଷି ତାଲିମ ଓ ସମ୍ପ୍ରସାରଣ କେନ୍ଦ୍ର ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରତି ପଞ୍ଚାୟତର ଚାଷୀଙ୍କୁ ମାଗଣାରେ ନଡ଼ିଆ ଚାରା ଯୋଗାଇ ଦିଆଯାଉଛି। ତେବେ ଏହି ଚାରାଗୁଡ଼ିକ ଅତି ନିମ୍ନମାନର ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ପିପିଲି ସହକାରୀ ଉଦ୍ୟାନ ଅଧିକାରୀ ରଶ୍ମିରେଖା ପଣ୍ଡାଙ୍କୁ ପଚାରିବାରେ କହିଛନ୍ତି, ଏହି ବିଭାଗକୁ ପ୍ରଥମ ପର୍ଯ୍ୟାୟରେ ୪ହଜାର ନଡ଼ିଆ ଚାରା ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେଶନ (ଓଏଆଇସି) ଭୁବନେଶ୍ୱର ପକ୍ଷରୁ ଆସିଛି। ସେଥିମଧ୍ୟରୁ ୨୫ଶହ ଚାରା ଠିକ୍ ରହିଥିବାବେଳେ ୧୫ଶହ ଚାରା ନିମ୍ନମାନର ହୋଇଥିବାରୁ ସେଗୁଡ଼ିକୁ ଫେରାଇ ଦେବାକୁ ସ୍ଥିର କରାଯାଇଛି। ପିପିଲି ବ୍ଲକର ମୋଟ ୨୫ଟି ପଞ୍ଚାୟତ ମଧ୍ୟରୁ ୧୯ଟି ପଞ୍ଚାୟତରେ ଏହି ସ୍କିମ୍ ମାଧ୍ୟମରେ ଚାଷୀଙ୍କୁ ନଡ଼ିଆ ଚାରା ଲଗାଇବା ପାଇଁ ସାମିଲ କରାଯାଇଛି। ବାହାରେ ନଡ଼ିଆ ଚାରାର ମୂଲ୍ୟ ୫୦ ଟଙ୍କା ଲେଖାଏ ହୋଇଥିବାବେଳେ ଏହି ବିଭାଗ ଚାଷୀମାନଙ୍କୁ ମାଗଣାରେ ବଣ୍ଟନ

**୪ ହଜାରରୁ ଫେରିବ ୧୫ଶହ**

କରୁଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ଚାଷୀ ନଡ଼ିଆ ଚାରା ଲଗାଇବା ପାଇଁ ୦.୧ ହେକ୍ଟରକୁ ୫୮ଟି ଲେବର ପେମେଣ୍ଟ ଜବ୍‌କାର୍ଡରେ ମାଧ୍ୟମରେ ଦିଆଯାଉଛି। ଏଥିସହ ନଡ଼ିଆ ଚାରାକୁ ଘେରାରେ ଆବଦ୍ଧ କରି ରଖିବା ପାଇଁ ଜାଲ, ଜୈବିକ ସାର ଓ କୀଟନାଶକ ଔଷଧ ମାଗଣାରେ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସହକାରୀ ଉଦ୍ୟାନ ଅଧିକାରୀ କହିଛନ୍ତି।



ଚିତାଲାଗି ଅମାବାସ୍ୟା ଅବସରରେ ସୋମବାର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ।

## ପ୍ଲାଜ୍‌ମା ଦାନ କଲେ ୪ ଏନ୍‌ଡିଆର୍‌ଏଫ୍ ଯବାନ

**ନରାଜ,୨୦।୭(ଡି.ଏନ୍.ଏ.):** କଟକ ଜିଲା ମୁଣ୍ଡଳିସ୍ଥିତ ଏନ୍‌ଡିଆରଏଫର ୪ଜଣ କରୋନା ବିଜୟୀ ଯବାନ ସୋମବାର ଏସ୍‌ସିବିରେ ପ୍ଲାଜମା ଦାନ କରିଛନ୍ତି। ଗତ ରବିବାର ସେମାନଙ୍କର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। ରିପୋର୍ଟ ଭଲ ଥିବାରୁ ସେମାନେ ପ୍ଲାଜମା ଦାନ କରିଛନ୍ତି। ପଶ୍ଚିମବଙ୍ଗରେ ଅମ୍ଫନ୍ ବାତ୍ୟା ସମୟରେ ମୁଣ୍ଡଳିସ୍ଥିତ ଏନଡିଆର୍‌ଏଫର ଯବାନମାନେ ପ୍ରଭାବିତ ଅଞ୍ଚଳକୁ ଯାଇ ଉଦ୍ଧାର କାର୍ଯ୍ୟ କରିଥିଲେ। ଫେରିବା ପରେ ବହୁ ଯବାନ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏବେ ସୁସ୍ଥ ହେବା ପରେ ୪ ଜଣ ନିଜ ପ୍ଲାଜମା ଦାନ କରିଥିବା ବେଳେ ଆଉ ୩୭ ଜଣ ମଧ ଦାନ କରିବାକୁ ଘୋଷଣା କରିଛନ୍ତି ବୋଲି ଏନଡିଆରଏଫ ସୂତ୍ରରୁ ପ୍ରକାଶ।

## ଫନୀ ବିପନ୍ନଙ୍କ ତହସିଲରେ ଧାରଣା

**ସାକ୍ଷୀଗୋପାଳ,୨୦।୭ (ସ୍ୱ.ପ୍ର./ ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକର ବିଭିନ୍ନ ଗ୍ରାମର ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ବିପନ୍ନମାନେ ଘରଭଙ୍ଗା ସହାୟତା ଦାବିରେ ସୋମବାର ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବରପାଇ ତହସିଲଦାର ମନୋଜ କୁମାର ନାୟକ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିବା ସହ ଖୁବଶୀଘ୍ର ସହାୟତା ଦେବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ପ୍ରତ୍ୟାହୃତ ହୋଇଥିଲା। ଫନୀ ଯିବାର ବର୍ଷେ ପରେ ମଧ ବ୍ଲକ ଅଞ୍ଚଳର ଶତାଧିକ ହିତାଧିକାରୀ ଏବେ ବି ପଲିଥିନ ତଳେ ମୁଣ୍ଡ ଗୁଞ୍ଜି ରହୁଛନ୍ତି। ଏ ନେଇ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି ଜଣାଇଥିଲେ ମଧ ପ୍ରତିଥର କେବଳ ପ୍ରତିଶ୍ରୁତି ହିଁ ମିଳୁଛି। ଶେଷରେ ଫନୀ କ୍ଷତିଗ୍ରସ୍ତ କ୍ରିୟାନୁଷ୍ଠାନ କମିଟିର ପୁରୀ ଜିଲା ଆବାହକ ଗୋବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ପରିବାର ତହସିଲ ଅଫିସ ସମ୍ମୁଖରେ ବସି ରହିଥିଲେ। ପରେ ତହସିଲଦାର ଆସି ପ୍ରକୃତ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ଚଳିତମାସ ୩୦ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ। ଏଥିରେ ବିଷ୍ଣୁପ୍ରିୟା ରଥ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଆଇନଜୀବୀ ବିନାୟକ ମହାନ୍ତି, ପ୍ରାଣନାଥ ବିଶ୍ୱାଳ, ମଙ୍ଗୁଆ ସେନାପତି ଓ ସୁଶାନ୍ତି ମହାରଣା ପ୍ରମୁଖ ସାମିଲ ଥିଲେ।

## ଧାର୍ଯ୍ୟ ଋଣର ୫୭% ପାଇଲେଣି ଏମ୍‌ଏସ୍‌ଏମ୍‌ଇ

**ଭୁବନେଶ୍ୱର,୨୦।୭(ବ୍ୟୁରୋ):** ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ ଋଣ ସହାୟତା ୫୭.୩୫ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କଗୁଡ଼ିକର ସହଯୋଗ ସହ ନିରନ୍ତର ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଛି। ମଞ୍ଜୁର କରାଯାଇଥିବା ୨୨୫୧.୪୧ କୋଟି ଟଙ୍କା ଋଣ ମଧ୍ୟରୁ ସୋମବାର ସୁଦ୍ଧା ୧୨୯୧.୦୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ମୋଟ ୫୭୮୧୯ଟି ଆକାଉଣ୍ଟଧାରୀଙ୍କୁ ଏହି ଋଣ ପ୍ରଦାନ କରାଯାଇଛି। କୋଭିଡ୍–୧୯ ଓ ପରବର୍ତ୍ତୀ ଲକ୍‌ଡାଉନ୍ ଯୋଗୁ ବିପୁଳ କ୍ଷତିର ସାମ୍ନା କରୁଥିବା ଏମ୍‌ଏସ୍‌ଏମ୍‌ଇ ଉତ୍ପାଦନକାରୀ ୟୁନିଟ୍‌ଗୁଡ଼ିକୁ ଏହି ପରିସ୍ଥିତିରୁ ଉପରକୁ ଆଣିବାକୁ ଜରୁରୀ ଋଣ ନିଶ୍ଚିତ ଯୋଜନା (ଇସିଏଲ୍‌ଜିଏସ୍) ପ୍ରଣୟନ କରାଯାଇଛି। ୩ ହଜାର କୋଟି ଟଙ୍କାର ଏହି ଅତିରିକ୍ତ ଆର୍ଥିକ ସହଯୋଗ କେବଳ ରାଜ୍ୟର ଏମ୍‌ଏସ୍‌ଏମ୍‌ଇ ୟୁନିଟ୍‌ଗୁଡ଼ିକର ଆର୍ଥିକ ଦୁଃସ୍ଥିତିକୁ ସୁଧାରିବା ପାଇଁ ପ୍ରଦାନ କରାଯାଉଛି। ନିକଟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟର ସମସ୍ତ ବ୍ୟାଙ୍କର ଉଚ୍ଚପଦାଧିକାରୀଙ୍କୁ ଋଣ ପ୍ରଦାନକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକୁ ଦୈନନ୍ଦିନ ସମୀକ୍ଷା କରାଯାଇ ଋଣ ପ୍ରଦାନରେ ଥିବା ସମସ୍ୟାଗୁଡ଼ିକ ସମାଧାନ କରାଯାଇଛି। ଆଗାମୀ ୧୦ ଦିନ ମଧ୍ୟରେ ଏମ୍‌ଏସ୍‌ଏମ୍‌ଇ ଋଣ ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

## ଜାଇକା ପ୍ରକଳ୍ପ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

କଟକ ଅଫିସ,୨୦।୭

ବର୍ତ୍ତମାନ ମହାମାରୀ କରୋନା ସମୟରେ କଟକ ସହରବାସୀଙ୍କୁ ଜାଇକା ସମସ୍ୟା ବେଢ଼ି ଉପରେ କୋରଡ଼ା ମାଡ଼ ଭଳି ହୋଇଛି। ଡ୍ରେନେଜ ଓ ସ୍ୱେରେଜ ବ୍ୟବସ୍ଥାକୁ ସୁପରିଚାଳନା ପାଇଁ ୨୦୧୩ରୁ ଜାଇକା ପ୍ରକଳ୍ପ ଆରମ୍ଭ କରାଯାଇଥିଲା। କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ତଥ୍ୟଭିତ୍ତିକ ଚିଠି ଲେଖି ଏହାର ଆଶୁ ସମାଧାନ ପାଇଁ ଦାବି ଜଣାଇଛନ୍ତି। ୬ ବର୍ଷରେ ଜାଇକା ଅଧିକାରୀଙ୍କ ଭୁଲ୍ ପରିଚାଳନା ପାଇଁ ୯ ଜଣଙ୍କ ଜୀବନ ହାନି ସହ ଶତାଧିକ ଆହତ ହୋଇଛନ୍ତି। ବିଭିନ୍ନ କାରଣ ଦେଖାଇ କାର୍ଯ୍ୟ ସାରିବାକୁ ନିର୍ଦ୍ଧାରିତ ସମୟ ବୃଦ୍ଧି କରାଯାଉଥିବା ବେଳେ ଜନସାଧାରଣଙ୍କ ନିତ୍ୟ ବ୍ୟବହାର୍ଯ୍ୟ ରାସ୍ତା ଅବରୋଧ କରାଯାଇଛି। ବିଗତ ଦିନରେ ମୁଖ୍ୟ ନାଳକୁ ମଧ ଭାଙ୍ଗି ଦିଆଯାଇଛି। ତଥାପି ପ୍ରକଳ୍ପର ଅଗ୍ରଗତି ଘଟୁନାହିଁ। ସମୁଦାୟ କାର୍ଯ୍ୟ କେବେ ସରିବ, ତାହାର ସଠିକ୍ ଉତ୍ତର ମିଳୁନାହିଁ। ମୁଖ୍ୟମନ୍ତ୍ରୀ କଟକର ସୁରକ୍ଷା ଓ ଜନସାଧାରଣଙ୍କ ସୁବିଧା ପ୍ରତି ଧ୍ୟାନ ଦେବାକୁ ବେହେରା ଏହି ଚିଠି ମାଧ୍ୟମରେ ଦାବି କରିଛନ୍ତି।



କରୋନା ସଂକ୍ରମଣ ଏଡ଼ାଇବା ପାଇଁ ଲକ୍‌ଡାଉନ୍ ଅଞ୍ଚଳରେ ସୋମବାରଠାରୁ ସକାଳୁଆ ବ୍ୟାଙ୍କ୍ ସେବା ଆରମ୍ଭ ହୋଇଥିବାବେଳେ ଭୁବନେଶ୍ୱରସ୍ଥିତ ଏକ ବ୍ୟାଙ୍କ୍‌ରେ ଉପଭୋକ୍ତାମାନେ ସାମାଜିକ ଦୂରତ୍ୱରେ ରହିଛନ୍ତି।

# ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟଙ୍କୁ ଡିସିପି ଦାୟିତ୍ୱ

କଟକ ଅଫିସ,୨୦।୭

ମାଓବାଦୀ ପ୍ରବଣ ଅଞ୍ଚଳରେ ସଫଳତା ପାଇଥିବା ପୋଲିସ ଅଧିକାରୀଙ୍କୁ ଏବେ କଟକ ଡିସିପି ଦାୟିତ୍ୱ ମିଳୁଛି। ସୋମବାର କଟକ ଡିସିପି ଦାୟିତ୍ୱ ନେଇଥିବା ପ୍ରତୀକ ସିଂ ହୁଅନ୍ତୁ କିମ୍ବା ପୁରୀ ଏସ୍‌ପି ଭାବେ ବଦଳି ହୋଇଥିବା ଅଖିଳେଶ୍ୱର ସିଂ, ଉଭୟ ରାଜ୍ୟରେ ମାଓବାଦୀ ମୁକାବିଲା କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇଛନ୍ତି। ଆପରାଧିକ କାର୍ଯ୍ୟକଳାପ ଉପରେ ସତର୍କ ଓ ସକ୍ରିୟ ଦୃଷ୍ଟି, ସୁଚିନ୍ତିତ ଯୋଜନା ସହ ସେମାନଙ୍କ ମୁକାବିଲା ଦକ୍ଷତା ଯୋଗୁ ସମ୍ଭବତଃ ସେମାନଙ୍କୁ କଟକ ଭଳି ଅପରାଧପ୍ରବଣ ସହରର ପୋଲିସ ମୁଖିଆ ଦାୟିତ୍ୱ ମିଳିଛି।

ଗତ ଜୁଲାଇ ୫ ବିଳମ୍ବିତ ରାତିରେ କନ୍ଧମାଳର ସିର୍ଲା ଜଙ୍ଗଲରେ ପୋଲିସ ଗୁଳିରେ ୨ ମହିଳାଙ୍କ ସମେତ ୪ ମାଓବାଦୀ ନିହତ ହୋଇଥିଲେ। ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା। ସେତେବେଳେ କନ୍ଧମାଳର ଏସ୍‌ପି ଥିବା ପ୍ରତୀକ ସିଂଙ୍କୁ ଏହାର ଶ୍ରେୟ ଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଫୋନ୍ ଯୋଗେ ପ୍ରତୀକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏନ୍‌କାଉଣ୍ଟରର କିଛିଦିନ ପରେ ତାଙ୍କ କାନ୍ଧରେ କଟକ ସହରର ଆଇନଶୃଙ୍ଖଳା ପରିସ୍ଥିତି ଭାର ଦିଆଯାଇଛି। ସେହିପରି ୨୦୧୩ରେ ମାଲକାନଗିରି ଜିଲା ସିଲାକୋଟା ଜଙ୍ଗଲରେ ସଂଘଟିତ ଏନକାଉଣ୍ଟରରେ ୧୩ ମାଓବାଦୀ ନିପାତ ହୋଇଥିଲେ। ଏହାର ଶ୍ରେୟ ଅଖିଳେଶ୍ୱରଙ୍କୁ ମିଳିଥିଲା। ଏହି ଅପରେଶନ ପାଇଁ ୨୦୧୪ରେ ଅଖିଳେଶ୍ୱରଙ୍କ ସମେତ ଅନ୍ୟ ୭ ପୋଲିସ କର୍ମଚାରୀ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। କଟକ କାର୍ଯ୍ୟକାଳ ଭିତରେ ଅଖିଳେଶ୍ୱର ସିଂ ୨୧ଟି ଏନକାଉଣ୍ଟର କରିଛନ୍ତି।



ପ୍ରତୀକ ସିଂଙ୍କୁ ପୋଲିସ କମିଶନର ସ୍ୱାଗତ କରୁଛନ୍ତି।

### ୧୨ ବର୍ଷରେ ୬ ଡିସିପି

୨୦୦୮ରେ କମିଶନରେଟ ପୋଲିସ ଗଠନ ହୋଇଥିଲା। କମିଶନରେଟ ବ୍ୟବସ୍ଥା ଲାଗୁ ହେବା ପରେ କଟକର ପ୍ରଥମ ଡିସିପି ଭାବେ ବରିଷ୍ଠ ଆଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ଏସ୍. ପ୍ରବୀଣ କୁମାର, ଅମିତେନ୍ଦ୍ର ନାଥ ସିହ୍ନା, ସଞ୍ଜୀବ ଆରୋରା ଡିସିପି ଭାବେ ଦାୟିତ୍ୱ ତୁଲାଇଥିଲେ। ସଞ୍ଜୀବ ଆରୋରାଙ୍କ ବଦଳି ପରେ ୨୦୧୭ ଜୁଲାଇରେ କଟକ ଡିସିପି ଭାବେ ଅଖିଳେଶ୍ୱର ସିଂ ଦାୟିତ୍ୱ ଗ୍ରହଣ କରିଥିଲେ। ଏବେ ୬ଷ୍ଠ ଡିସିପି ଭାବେ ପ୍ରତୀକ ସିଂ ଦାୟିତ୍ୱ ନେଇଛନ୍ତି।

## ଔଷଧ ଚିଠା ଧରି ବୁଲୁଛନ୍ତି ଅମାନିଆ

ଖୋର୍ଦ୍ଧା ଅଫିସ,୨୦।୭

**ଲକ୍‌ଡାଉନରେ ବାହାନା**

ଖୋର୍ଦ୍ଧାରେ ୧୪ଦିନିଆ ଲକ୍‌ଡାଉନକୁ କଡ଼ାକଡ଼ି କରାଯାଇଛି। ବ୍ୟବସାୟୀଙ୍କୁ କୋଭିଡ୍ ଗାଇଡ୍‌ଲାଇନ ପାଳନ ଲାଗି ତାଗିଦ୍ କରାଯିବା ସହ ବିଭିନ୍ନ ଛକରେ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। କିନ୍ତୁ କେତେଜଣ ଯୁବକ ଔଷଧ ଚିଠା ଧରି ବାଇକ୍‌ରେ ବୁଲୁଥିବା ଦେଖିବାକୁ ମିଳୁଛି। ଆଉ କିଏ ମେଡିକାଲ, ପରିବା ଓ ସଉଦା ଆଳରେ ବାଇକ୍‌ରେ ବୁଲୁଛନ୍ତି। ଏହି ଅମାନିଆଙ୍କ ଉପରେ ଏଥର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି। ସଉଦା ଆଣିବା ଲାଗି ନିକଟସ୍ଥ ଦୋକାନକୁ ଯାଆନ୍ତୁ। ଅତି ଜରୁରୀ ନ ଥିଲେ ଘରୁ ବାହାରନ୍ତୁନି ବୋଲି ଏସ୍‌ପି ସ୍ୱାଇଁ ଲୋକମାନଙ୍କୁ ଅନୁରୋଧ କରିଛନ୍ତି। କରୋନା ନିୟନ୍ତ୍ରଣ ଲାଗି ସତର୍କତା ଅବଲମ୍ବନ କରାଯାଉଛି। ସ୍ୱାସ୍ଥ୍ୟ ଟିମ୍ ଘରକୁଘର ବୁଲି ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ରିପୋର୍ଟ ସଂଗ୍ରହ କରୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ରାପିଡ୍ ଟେଷ୍ଟ ଏବଂ ସ୍ୱାବ୍ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି। ବାରମ୍ବାର ତାଗିଦ୍ ସତ୍ତ୍ୱେ ଲକ୍‌ଡାଉନ ସମୟରେ କେତେଜଣ ଅମାନିଆ ବିନା କାରଣରେ ବାଇକ୍ ଧରି ବୁଲୁଥିବା ଦେଖିବାକୁ ମିଳୁଛି। ଜରିମାନା ଆଦାୟ କରିବା ପ୍ରଶାସନର ଲକ୍ଷ୍ୟ ନୁହେଁ ବୋଲି ଜିଲାପାଳ ଶୀତାଂଶୁ କୁମାର ରାଉତ କହିଛନ୍ତି।

## ମୋବାଇଲ ଟାୱାର ନିର୍ମାଣକୁ ବିରୋଧ

**ପୁରୁଣା ଭୁବନେଶ୍ୱର, ୨୦।୭ (ଡି.ଏନ୍.ଏ.):** ଶିଶୁପାଳଗଡ଼ସ୍ଥିତ ଇନ୍ଦିରା କଲୋନୀରେ ଏକ ଘରୋଇ ମୋବାଇଲ କମ୍ପାନୀର ଟାୱାର ନିର୍ମାଣକୁ ନେଇ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଟାୱାର ସ୍ଥାନାନ୍ତର ପାଇଁ ଜିଲାପାଳଙ୍କ ନିକଟରେ ଫେବୃୟାରୀରେ ଦାବି ହୋଇଥିଲା। ପରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। କିନ୍ତୁ ପୁଣି ଟାୱାର ନର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଟାୱାର ନିର୍ମାଣ କାର୍ଯ୍ୟ ବନ୍ଦ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କଲୋନୀ ବାସିନ୍ଦା ପ୍ରିୟବ୍ରତ ମିଶ୍ର, କବିରାଜ ପ୍ରଧାନ ଚେତାବନୀ ଦେଇଛନ୍ତି। ଭୁବନେଶ୍ୱର ବିଡିଓ ତ୍ରିଲୋଚନ ମହାନ୍ତି କହିଛନ୍ତି, ପୁନଃ ନିର୍ମାଣ କରାଯାଉଥିଲେ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ତଥ୍ୟ ସଂଗ୍ରହ କରିବେ ସ୍ୱେଚ୍ଛାସେବୀ

**ପୁରୀ ଅଫିସ, ୨୦।୭:** ପୁରୀ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷକରି ପୁରୀ ସହରରେ କରୋନାକୁ ପ୍ରତିହତ କରିବା ଲାଗି ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ସେମାନେ ସଚେତନ ସୃଷ୍ଟି କରିବା ସହ କମ୍ୟୁନିଟି ଓ ପ୍ରଶାସନ ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିବେ। ପେଣ୍ଠକଟା ପରେ ବଳିଆପଣ୍ଡା ଓ ବାଲିନୋଳିଆ ସାହିରେ ଏହି ସ୍ୱେଚ୍ଛାସେବୀମାନେ କାମ କରିବେ। ପ୍ରତି ୨୫ ଘର ସର୍ଭେ ପାଇଁ ଜଣେ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଏମାନେ ସମ୍ପୃକ୍ତ ସାହି ଓ ବସ୍ତିର ବାସିନ୍ଦା ହୋଇଥିବେ। ଉଭୟ ପୁରୁଷ ଓ ମହିଳାଙ୍କୁ ନିୟୋଜିତ କରାଯିବ। ସେମାନେ ସୁସ୍ଥ ଥିବା ସହ ହ୍ୱାଟ୍‌ସ ଆପ୍ ବ୍ୟବହାର କରୁଥିବା ଉପରେ ଗୁରୁତ୍ୱ ଦିଆଯାଇଛି। ସୋମବାର ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଟାଉନହଲ୍‌ରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏହି ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ଥଣ୍ଡା, କାଶ ଲକ୍ଷଣ ଥିବା ବ୍ୟକ୍ତିଙ୍କ ବିଷୟରେ ତଥ୍ୟ ଦେବା ସହ ମାସ୍କ ବ୍ୟବହାର ଓ ସାମାଜିକ ଦୂରତ୍ୱ ରକ୍ଷା ସମ୍ପର୍କରେ ସଚେତନ କରାଇବେ। ବାହାର ବ୍ୟକ୍ତି ବସ୍ତିକୁ ଆସିବା, ବସ୍ତିରୁ ବାହାରକୁ ଯିବା ଏବଂ ସଙ୍ଗରୋଧ ନିୟମ ଉଲ୍ଲଂଘନ ସମ୍ପର୍କରେ ତଥ୍ୟ ହାସଲ କରିବେ। ଆବଶ୍ୟକସ୍ଥଳେ ପୋଲିସ ଓ ପୌରସଂସ୍ଥା ପକ୍ଷରୁ ମିଳିତ ଚଢ଼ାଉ କରାଯିବ। ହୋର୍ଡିଂ, ଡାକବାଜି ଯନ୍ତ୍ର ଓ ପ୍ରଚାରପତ୍ର ମାଧ୍ୟମରେ ସଚେତନ କରାଯିବ। ଆସନ୍ତା ୨ଦିନ ମଧ୍ୟରେ ସମସ୍ତ ଆନୁସଙ୍ଗିକ ପ୍ରକ୍ରିୟା ସାରି ସ୍ୱେଚ୍ଛାସେବୀ ନିୟୋଜନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଅନ୍ୟପକ୍ଷରେ ପୁରୀ ସହରରେ ଘରକୁ ଘର ବୁଲି କରୋନା ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଉଛି। ଏଥିରେ ଆଶାକର୍ମୀ, ଅଙ୍ଗନୱାଡ଼ିକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଗଠିତ ୬୪ଟି ଟିମ୍ ସାମିଲ ରହିଛନ୍ତି। ସୋମବାର ସୁଦ୍ଧା ୩୫ହଜାର ପରିବାରରୁ ତଥ୍ୟ ସଂଗ୍ରହ ହୋଇଛି। ଏଥିରୁ ୩୬୭ ଜଣଙ୍କଠାରେ ଲକ୍ଷଣ ଥିବା ଚିହ୍ନଟ କରାଯିବା ସହ ବାହାରୁ ଆସିଥିବା ୧୧୭ଜଣଙ୍କୁ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ ଦାଶ, ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ ଉପସ୍ଥିତ ଥିଲେ।

# ସୋସିଆଲ ମିଡିଆରେ ପରିବେଶ ସୁରକ୍ଷା ବାର୍ତ୍ତା

ଖୋର୍ଦ୍ଧା ଅଫିସ,୨୦।୭

- ଛାତ୍ରୀଛାତ୍ରଙ୍କ ନିଆରା ପ୍ରୟାସ
- ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି ଲକ୍ଷ୍ୟ




ଗଛ ଆମ ଜୀବନ। ଗଛ ବଞ୍ଚିଲେ, ପରିବେଶ ବଞ୍ଚିବ। ବର୍ଷାଋତୁରେ ଚାରାଟିଏ ଲଗାଇବା ପାଇଁ ଆହ୍ୱାନ ଦେବା ସହ ପରିବେଶ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ଛାତ୍ରୀଛାତ୍ର। ଚାରାରୋପଣ ଓ ପରିବେଶ ସୁରକ୍ଷା ଲାଗି କାର୍ଡବୋର୍ଡରେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କି ତଥା ଓଡ଼ିଆ ଏବଂ ଇଲିଶରେ ବାର୍ତ୍ତା ପ୍ରସ୍ତୁତ କରି ଏହାକୁ ସୋସିଆଲ ମିଡ଼ିଆରେ ପ୍ରଚାର କରୁଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନେ ସେମାନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ସେମାନଙ୍କ ବାର୍ତ୍ତାକୁ ସ୍କୁଲ୍‌ର ଆପ୍, ବିଭିନ୍ନ ସୋସିଆଲ ଗ୍ରୁପ୍‌ରେ ଅପ୍‌ଲୋଡ୍ କରାଯାଉଛି। ଏଭଳି କାର୍ଯ୍ୟ କରି ପ୍ରଶଂସା ସାଉଣ୍ଟୁଛନ୍ତି ସିଗମ୍ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର।

ଏ ନେଇ ପ୍ରଧାନଶିକ୍ଷୟିତ୍ରୀ ମତାଞ୍ଜଳି ପଟ୍ଟନାୟକ କହିଛନ୍ତି, ପ୍ରତିବର୍ଷ ବର୍ଷାଋତୁରେ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ର ଏବଂ ଅଭିଭାବକମାନଙ୍କୁ ନେଇ ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥାଏ। ଚଳିତବର୍ଷ କରୋନା ଯୋଗୁ ସ୍କୁଲ ବନ୍ଦ ରହିଛି। ତେଣୁ ପ୍ରତ୍ୟେକ ଅଭିଭାବକ ନିଜ ଘର ବାରିରେ ଚାରାଟିଏ ଲଗାଇବା ଲାଗି ଅନୁରୋଧ କରାଯାଇଛି। ଏଥିସହ ଛାତ୍ରୀଛାତ୍ରମାନେ ଚିତ୍ର ଆଙ୍କି ପରିବେଶ ସଚେତନତାର ବାର୍ତ୍ତା ଦେବା ଲାଗି ପରାମର୍ଶ ଦିଆଯାଇଛି। ଜୁଲାଇ ୧ରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଏଲ୍‌କେଜିରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଅନେକ ଛାତ୍ରୀଛାତ୍ର ଏଥିଲାଗି ପ୍ରୟାସ ଆରମ୍ଭ କରିଛନ୍ତି। ପରିବେଶ ସୁରକ୍ଷା ପାଇଁ ପିଲାଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ଏହି ଅଭିଯାନର ଲକ୍ଷ୍ୟ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି।

# ଇଂଲଣ୍ଡ ୧୧୩ ରନରେ ବିଜୟୀ

## ଦ୍ୱିତୀୟ ଟେଷ୍ଟ

**ମାଞ୍ଚେଷ୍ଟର, ୨୦।୭**

ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଓ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ଇଂଲଣ୍ଡ ଏଠାରେ ଅନୁଷ୍ଠିତ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ୧୧୩ ରନରେ ପରାସ୍ତ କରିଛି। ୩୧୨ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ୧୯୮ ରନରେ ଅଲଆଉଟ ହୋଇ ଯାଇଥିଲା। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜ ଏବେ ୧-୧ ସ୍ଥିତିରେ ପହଞ୍ଚିଛି। ସାଉଥାମ୍ପଟନଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୪ ଉଇକେଟରେ ବିଜୟୀ ହୋଇଥିଲା।

ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ ମାତ୍ର ୨୩ ରନ ମଧ୍ୟରେ ୩ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଷ୍ଟୁଆର୍ଟ ବ୍ରଡ୍ ଓ କ୍ରିସ୍ ୱୋକ୍ସ ଭ୍ରମଣକାରୀ ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜନ କ୍ୟାମ୍ପବେଲ ମାତ୍ର ୪ ରନ କରି ବ୍ରଡ୍‌ଙ୍କ ପ୍ରଥମ ଶିକାର ହୋଇଥିଲେ। ଫର୍ମରେ ଥିବା କ୍ରେଗ୍ ବ୍ରାଥୱେଟଙ୍କ ୪ର୍ଥ ଇନିଂସରେ ଖରାପ ପ୍ରଦର୍ଶନ ଏଠାରେ ମଧ୍ୟ ଜାରି ରହିଥିଲା। ଚଳିତ ସିରିଜର ୨ଟି ପ୍ରଥମ ଇନିଂସରେ ଅର୍ଦ୍ଧଶତକ ହାସଲ କରି ସାରିଥିବା ଏହି ଓପନିଂ ବ୍ୟାଟ୍ସମ୍ୟାନ ଦ୍ୱିତୀୟ ଇନିଂସରେ ୨୩ ବଲ୍‌ରୁ ମାତ୍ର ୧୨ ରନ କରି କ୍ରିସ୍ ୱୋକ୍ସଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଥିଲେ। ଶାଇ ହୋପ୍ ୭ ଓ ନିର୍ଭରଯୋଗ୍ୟ ରଷ୍ଟନ ଚେଜ୍ ମାତ୍ର ୬ ରନ କରି ଆଉଟ ହେବାଦ୍ୱାରା ଭ୍ରମଣକାରୀ ଦଳର ବିପଦ ଆଶଙ୍କା ବଢ଼ି ଯାଇଥିଲା। ତେବେ ଶାମରା ବ୍ରୁକ୍ସ ଓ ଜର୍ମେନ ବ୍ଲାକ୍‌ଉଡ୍ ବ୍ୟକ୍ତିଗତ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ସହ ୫ମ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ୱେଷ୍ଟଇଣ୍ଡିଜ ପାଇଁ ଆଶା ସଞ୍ଚାର କରିଥିଲେ। ଏହି ଯୋଡ଼ିରେ ଠିକ୍ ୧୦୦ ରନ ଯୋଗ ହେବାପରେ ବ୍ଲାକ୍‌ଉଡ୍‌ଙ୍କୁ ଉଇକେଟ କିପର ଜୋସ ବଟଲରଙ୍କ ହାତରେ କ୍ୟାଚ କରାଇ ବେନ୍ ଷ୍ଟୋକ୍ସ ଘରୋଇ ଦଳକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ୮୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବ୍ଲାକ୍‌ଉଡ୍ ୮ ଚୌକା ସହ ୫୫ ରନ କରିଥିବାବେଳେ ଷ୍ଟୋକ୍ସଙ୍କ ଏକ ଶର୍ଟ ବଲ୍‌କୁ ଠିକ୍‌ଭାବେ ଖେଳି ନ ପାରି କଟ୍ ବିହାଇଣ୍ଡ ହୋଇ ଯାଇଥିଲେ। ଶେନ ଡୋରିଚ୍ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିବା ୱେଷ୍ଟଇଣ୍ଡିଜକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ପରେ ଧୈର୍ଯ୍ୟର ସହ ଖେଳୁଥିବା ବ୍ରୁକ୍ସଙ୍କୁ ଆଉଟ କରି ସାମ୍ କୁରାନ ଇଂଲଣ୍ଡର ବିଜୟ ସମ୍ଭାବନା ଦୃଢ଼ୀଭୂତ କରି ଦେଇଥିଲେ। ୧୩୬ ବଲ୍ ଖେଳିଥିବା ବ୍ରୁକ୍ସ ୪ ଚୌକା ଓ ୨ ଛକା ସହ ୬୨ ରନ କରିଥିଲେ। ଅଧିନାୟକ ଜାସନ ହୋଲ୍ଡର ୩୫ ରନ କରି ଆଉଟ ହେବାରୁ ଇଂଲଣ୍ଡ ବିଜୟ ଏକ ପ୍ରକାର ନିଶ୍ଚିତ ହୋଇ ଯାଇଥିଲା। ଇଂଲଣ୍ଡ ପକ୍ଷରୁ ବ୍ରଡ୍ ୩ଟି, କ୍ରିସ୍ ୱୋକ୍ସ, ବେନ୍ ଷ୍ଟୋକ୍ସ ଓ ଡୋମିନିକ୍ ବେସ୍ ୨ଟି ଲେଖାଏ ଏବଂ ସାମ୍ କୁରାନ୍ ଗୋଟିଏ ଉଇକେଟ ନେଇଥିଲେ।

ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସକୁ ୧୨୯/୩ରେ ଘୋଷଣା କରିଥିଲା। ଇଂଲଣ୍ଡ ମାତ୍ର ୧୭ ରନରେ ୨ଟି ଉଇକେଟ ହରାଇଥିଲା। ତେବେ ଦ୍ରୁତ ହାରରେ ରନ ସଂଗ୍ରହ ରଣନୀତିରେ ପ୍ରଥମଥରପାଇଁ ଇନିଂସ ଓପନ କରିଥିବା ବେନ୍ ଷ୍ଟୋକ୍ସ ୫୭ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୭୮ ରନ କରି ଅପରାଜିତ ରହି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଷ୍ଟୋକ୍ସ ୩୬ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଜଣେ ଇଂଲଣ୍ଡ ଓପନରଭାବେ କମ୍ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବାରେ ଏହା ଏକ ରେକର୍ଡ। ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜ ୨୮୭ ରନରେ ଅଲଆଉଟ ହୋଇ ଯାଇଥିଲା।


ବେନ୍ ଷ୍ଟୋକ୍ସ


ଷ୍ଟୁଆର୍ଟ ବ୍ରଡ୍

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ଇନିଂସ:** ୪୬୯/୯ ଘୋଷଣା। **ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ:** ୨୮୭। **ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୧୨୯/୩ (ଘୋଷଣା)। **ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ:** ୧୯୮/ଅଲଆଉଟ (ବ୍ରୁକ୍ସ-୬୨, ବ୍ଲାକ୍‌ଉଡ-୫୫, ହୋଲ୍ଡର-୩୫, ବ୍ରଡ୍-୩/୪୨, ୱୋକ୍ସ-୨/୩୪, ଷ୍ଟୋକ୍ସ-୨/୩୦, ବେସ୍-୨/୫୯, କୁରାନ-୧/୩୦)।

# ଟି୨୦ ବିଶ୍ୱକପ୍ ସ୍ଥଗିତ

## ଆଇପିଏଲ୍ ଆୟୋଜନ ପଥ ପରିଷ୍କାର

**ଦୁବାଇ/ନୂଆଦିଲ୍ଲୀ, ୨୦।୭ (ପି.ଟି.)**

କୋଭିଡ୍-୧୯ ମହାମାରୀ ଯୋଗୁ ଅଷ୍ଟ୍ରେଲିଆରେ ଚଳିତ ବର୍ଷ ହେବାକୁଥିବା ପୁରୁଷ ଟି୨୦ ବିଶ୍ୱକପ୍‌କୁ ସ୍ଥଗିତ ରଖାଯାଇଛି। ସୋମବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏ ସମ୍ପର୍କରେ ବିଧିବଦ୍ଧ ନିଷ୍ପତ୍ତି ନେଇଛି। ଫଳରେ ଅକ୍ଟୋବର-ନଭେମ୍ବରରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଆୟୋଜନ ନେଇ ପଥ ପରିଷ୍କାର ହୋଇଛି। ତେବେ ୨୦୨୧ ଏବଂ ୨୦୨୦ ସଂସ୍କରଣ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅଦଳବଦଳ ପ୍ରସ୍ତାବ ଉପରେ ଆଇସିସି କୌଣସି ନିଷ୍ପତ୍ତି ନେଇ ନାହିଁ। ଟି୨୦ ବିଶ୍ୱକପ୍ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ କ୍ରିକେଟ ଅଷ୍ଟ୍ରେଲିଆ ଗତ ମେ ମାସରେ ଆଇସିସିକୁ କହିଥିଲା ଯେ, ୧୬ଟି ଅନ୍ତର୍ଜାତୀୟ ଟିମ୍ ପାଇଁ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା ଏବଂ ରୁଦ୍ଧଦ୍ୱାରରେ ଏହି ଇଭେଣ୍ଟର ଆୟୋଜନ ସମ୍ଭବପର ନୁହେଁ। ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଟି୨୦ ବିଶ୍ୱକପ୍ ସ୍ଥଗିତ ରଖିବା ଲାଗି ନିଷ୍ପତ୍ତି ଯାଇଥିବା ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ସାହାନେ କହିଛନ୍ତି। ଆଇସିସି ବିଜନେସ କର୍ପୋରେଶନ (ଆଇବିସି) ବୋର୍ଡ କହିଛି କୋଭିଡ୍-୧୯ ଯୋଗୁ ବର୍ତ୍ତମାନ ଦିନକୁ ଦିନ ସ୍ଥିତି ବଦଳିବାରେ ଲାଗିଛି। ଏହା ଉପରେ ନଜର ରଖାଯାଇଛି। ଯାହାଫଳରେ ୨୦୨୧ ଓ ୨୦୨୨ ମଧ୍ୟରେ ହେବାକୁଥିବା ଗ୍ଲୋବାଲ ଇଭେଣ୍ଟଗୁଡ଼ିକର ସଫଳ ଆୟୋଜନ ଏବଂ ମହାମାରୀ ସମୟରେ ଯେଉଁ ରାଜସ୍ୱହାନୀ ଘଟିଛି ତାହାର ଭରଣାପାଇଁ ଯୋଜନା ପ୍ରସ୍ତୁତ କରିହେବ। ଏପର୍ଯ୍ୟନ୍ତ ବିଧିବଦ୍ଧ ଘୋଷଣା ନ ହୋଇଥିଲେ ମଧ୍ୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚଳିତ ବର୍ଷର ଆଇପିଏଲ୍‌କୁ ସଂଯୁକ୍ତ ଆରବ ଏମିରେଟ୍ସରେ ଆୟୋଜନ କରିବାର ସମ୍ଭାବନା ରହିଛି। କରୋନା ମହାମାରୀଯୋଗୁ ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୧୧ ଲକ୍ଷ ଅତିକ୍ରମ କରି ସାରିଥିବାବେଳେ ୨୭,୦୦୦ଜଣଙ୍କର ମୃତ୍ୟୁ ଘଟି ସାରିଲାଣି। ଅନ୍ୟ ଏକ ବିକଳ୍ପ ହେଲା ଭାରତରେ ଏକ ଦ୍ୱୈତନଗରରେ ରୁଦ୍ଧଦ୍ୱାରରେ ଜୈବ ସୁରକ୍ଷିତ ପରିବେଶରେ ଆୟୋଜନ କରିବା। ଆଇପିଏଲ ଯଦି ହୁଏ ତେବେ ସେପ୍ଟେମ୍ବର ଶେଷ ସପ୍ତାହରେ ଆରମ୍ଭ ହୋଇ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଶେଷ ହେବ। ବିସିସିଆଇର ଜଣେ ଅଫିସିଆଲ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଆମେ ଆମର ଯୋଜନାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବୁ। ସବୁଜ ସଂକେତ ପାଇବାପରେ ଆଇପିଏଲ୍ ସମ୍ପର୍କରେ ବିଧିବଦ୍ଧ ଘୋଷଣା କରିବୁ। ଏହା ବ୍ୟତିରେକେ ୨୦୨୩ରେ ଭାରତରେ ହେବାକୁଥିବା ୫୦ ଓଭର ବିଶ୍ୱକପ୍ ମାର୍ଚ୍ଚ-ଏପ୍ରିଲ୍‌ରୁ ନଭେମ୍ବରକୁ ଘୁଞ୍ଚାଇଦେବା ଲାଗି ଆଇସିସି ବୈଠକରେ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା କ୍ୱାଲିଫିକେଶନ ପ୍ରକ୍ରିୟା ପାଇଁ ଅଧିକ ସମୟ ମିଳିବ। ୨୦୨୧ରେ ନ୍ୟୁଜିଲାଣ୍ଡରେ ମହିଳା ଦିନିକିଆ ବିଶ୍ୱକପ୍ ହେବ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଇଭେଣ୍ଟର ଆୟୋଜନ ପାଇଁ ଯୋଜନା ଚାଲିଛି। ଏହାସତ୍ତ୍ୱେ ଆଇବିସି ବୋର୍ଡ ପରିସ୍ଥିତି ଉପରେ ନଜର ରଖିଛି। ଅନ୍ୟପକ୍ଷରେ ଶଶାଙ୍କ ମନୋହରଙ୍କର ସ୍ଥାନରେ ଆଇସିସିର ପରବର୍ତ୍ତୀ ସ୍ୱାଧୀନ ଚେୟାରମ୍ୟାନ ପାଇଁ ପ୍ରାର୍ଥୀପତ୍ର ପ୍ରକ୍ରିୟା ନେଇ ଆଇସିସି ପକ୍ଷରୁ କୌଣସି ଘୋଷଣା କରାଯାଇ ନାହିଁ।







# ବିଶ୍ୱ ଚେସ୍ ଦିବସରେ ପ୍ରତ୍ୟୁଷ ଚାମ୍ପିୟନ

**ଭୁବନେଶ୍ୱର, ୨୦।୭(କ୍ରୀଡ଼ା ପ୍ରତିନିଧି):** ବିଶ୍ୱ ଚେସ୍ ଦିବସ ଅବସରରେ ସୋମବାର ଆୟୋଜିତ ଅନ୍‌ଲାଇନ୍ ଚେସ୍ ଚାମ୍ପିୟନଶିପ୍‌ରେ ପ୍ରତ୍ୟୁଷ ମହାପାତ୍ର ଚାମ୍ପିୟନ ହୋଇଛନ୍ତି। ଏସ୍‌ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ମଦର୍ସ ପବ୍ଲିକ୍ ସ୍କୁଲର ୯ମ ଷ୍ଟାଣ୍ଡାର୍ଡ ଛାତ୍ର ପ୍ରତ୍ୟୁଷ ମୋଟ ୬ ପଏଣ୍ଟ ମଧ୍ୟରୁ ୫.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପ୍ରଭୁଜୀ ଇଂଲିଶ୍ ମିଡିୟମ ସ୍କୁଲର ବିକାଶ କୁମାର ଲେଙ୍କା ୫ ପଏଣ୍ଟ ସହ ରନର୍ସଅପ୍ ହୋଇଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ତେଜାସ ଲୋହାନୀ(୫) ତୃତୀୟ ସ୍ଥାନ ହାସଲ କରିଛନ୍ତି। ୧୫ ବର୍ଷରୁ କମ୍ ବର୍ଗରେ ଅନୁଜ ସୁବୁଦ୍ଧି, ୧୩ ବର୍ଷରୁ କମ୍‌ରେ ଆରିନ ଅନ୍ୱେଷ ସ୍ୱାଇଁ, ୧୧ ବର୍ଷରୁ କମ୍‌ରେ ସାଇ ଅମୃତ ପରିଜା, ତ୍ରିଦେବ ତୀର୍ଥଙ୍କର, ମହାବୀର ପାତ୍ର, ୯ ବର୍ଷରୁ କମ୍ ବର୍ଗରେ ସୂର୍ଯ୍ୟାଂଶୁ ମହାକୁଡ଼, ଶୁଭମ୍ ପ୍ରତୀକ ମିଶ୍ର, ଶିବାଶିଷ ସିଂ ଏବଂ ୭ ବର୍ଷରୁ କମ୍‌ରେ ରିଷଭ ମିଶ୍ର ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଡାକ୍ତର ମାନସ ରଞ୍ଜନ ମିଶ୍ର ଓ କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା। ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ବିଶ୍ୱ ଚେସ୍ ଦିବସ ଅବସରରେ ସମସ୍ତ ଖେଳାଳି, ସଙ୍ଗଠକ, ପ୍ରଶିକ୍ଷକ, ଶୁଭେଚ୍ଛୁ ଓ ଚେସ୍ ପ୍ରଶାସକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ସିଡ୍‌ଲରଙ୍କୁ ଭେଟିବେ ଆନନ୍ଦ

**ଚେନ୍ନାଇ, ୨୦।୭ (ପି.ଟି.):** ମ୍ୟାଗ୍ନସ କାର୍ଲସେନ ଚେସ୍ ଟୁର୍‌ରେ ପ୍ରଥମଥରପାଇଁ ଭାଗ ନେବାକୁ ଯାଉଛନ୍ତି ଭାରତୀୟ ତାରକା ବିଶ୍ୱନାଥନ ଆନନ୍ଦ। ଚେସ୍ ୨୪ ଲିଜେଣ୍ଡ୍ସ ଟୁର୍ନାମେଣ୍ଟରେ ଆନନ୍ଦ ରୁଷୀୟ ଗ୍ରାଣ୍ଡମାଷ୍ଟର ପିଟର ସିଡଲରଙ୍କୁ ଭେଟି ଅଭିଯାନ ଆରମ୍ଭ କରିବେ। ସିଡଲର ହେଉଛନ୍ତି ୮ ଥର ରୁଷିଆନ ଚାମ୍ପିୟନ ଏବଂ ବିଶ୍ୱକପ ବିଜେତା। ଅନ୍‌ଲାଇନ୍‌ରେ ଖେଳାଯିବାକୁଥିବା ରାଉଣ୍ଡ-ରବିନ ପ୍ରତିଯୋଗିତା ମଙ୍ଗଳବାରଠାରୁ ଆରମ୍ଭ ହେବ। ''ଚେସ୍ ବୋର୍ଡକୁ ଫେରିବା ଉପରେ ମୁଁ ଧ୍ୟାନ ଦେଉଛି। ଏପରି ଏକ 'ଇଣ୍ଟର-ଜେନେରେଶନାଲ ଚ୍ୟାଲେଞ୍ଜ'ରେ ଭାଗ ନେବାକୁ ଆଗ୍ରହୀ'' ବୋଲି ପୂର୍ବତନ ବିଶ୍ୱ ଚାମ୍ପିୟନ ଆନନ୍ଦ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଆନନ୍ଦ ବିଶ୍ୱର ନମ୍ବରୱାନ ଖେଳାଳି କାର୍ଲସେନ, ଭ୍ଲାଡିମିର କ୍ରାମନିକ, ଆନିଶ ଗିରି, ପିଟର ଲେକୋ, ଇଆନ ନେପୋମନିଆଚି, ବୋରିସ ଗେଲଫାଣ୍ଡ, ଡିଙ୍ଗ ଲିରେନ ଓ ଭାସଲି ଇଭାନଚୁକ୍‌ଙ୍କୁ ଭେଟିବେ। ଟୁର୍ନାମେଣ୍ଟଟି ଅଗଷ୍ଟ ୫ ପର୍ଯ୍ୟନ୍ତ ଚାଲିବ। କରୋନା ଭାଇରସ ସଂକ୍ରମଣ ଜନିତ ଲକ୍‌ଡାଉନ୍ ଯୋଗୁ ଜର୍ମାନୀରେ ୩ ମାସ ରହି ଘରକୁ ଫେରିବାପରେ ଆନନ୍ଦଙ୍କର ଏହା ହେବ ପ୍ରଥମ ଟୁର୍ନାମେଣ୍ଟ। ଜର୍ମାନୀରେ ଥିବାବେଳେ ସେ ଅନ୍‌ଲାଇନ୍ ନେସନ୍ସ କପ୍‌ରେ ଭାଗ ନେଇଥିଲେ।

# ମେସିଙ୍କ ଆଉ ଏକ ରେକର୍ଡ

**ଭିଟୋରିଆ (ସ୍ପେନ୍), ୨୦।୭ (ଏପି):** ସ୍ପାନିଶ ଲିଗ୍‌ରେ ଲିଓନେଲ ମେସି ରେକର୍ଡ ଟପ୍ ସ୍କୋରିଂ ଟାଇଟଲ ଜିତିଛନ୍ତି। ଫାଇନାଲ ରାଉଣ୍ଡରେ ଆଲଭେସ୍ ବିପକ୍ଷ ୫-୦ ବିଜୟ ମ୍ୟାଚରେ ଦୁଇଟି ଗୋଲ ସ୍କୋର କରିବା ପରେ ସେ ଏହି ସଫଳତା ହାସଲ କରିଛନ୍ତି। ଟୁର୍ନାମେଣ୍ଟରେ ମେସି ମୋଟ ୨୫ଟି ଗୋଲ ସ୍କୋର କରିଛନ୍ତି, ଯାହାକି ବେଞ୍ଜିମା କରିମ୍‌ଙ୍କଠାରୁ ୪ଟି ଅଧିକ। ଲେଗାନେସ୍‌ଠାରେ ରିୟଲ ମାଡ୍ରିଡ୍‌ର ୨-୨ ଡ୍ର ମ୍ୟାଚରେ ସେ ଗୋଟିଏ ହେଲେ ଗୋଲ ସ୍କୋର କରିପାରି ନ ଥିଲେ। ମେସି ହେଉଛନ୍ତି ପ୍ରଥମ ଖେଳାଳି ଯିଏକି ୭ ପୃଥକ୍ ପୃଥକ୍ ସିଜନରେ ଟପ୍ ସ୍କୋରର ରହିଆସିଛନ୍ତି। ଇଞ୍ଜୁରୀ ଯୋଗୁ ସିଜନ ଆରମ୍ଭରେ ସେ କେତୋଟି ଗେମ୍ ଖେଳି ପାରି ନ ଥିଲେ ମଧ୍ୟ ମାଇଲଖୁଣ୍ଟରେ ପହଞ୍ଚିଯାଇଥିଲେ। ଆର୍ଜେଣ୍ଟିନାର ଏହି ଷ୍ଟାର ଖେଳାଳି ୩୩ଟି ମ୍ୟାଚରେ ୨୫ ଗୋଲ ସ୍କୋର କରିଥିଲେ। ମେସି ପୂର୍ବରୁ ୬ ସ୍କୋରିଂ ଟାଇଟଲ ସହ ଟେଲମୋ ଜାରାଙ୍କ ସମକକ୍ଷ ହୋଇଥିଲେ। ସେ ଆହୁରି ମଧ୍ୟ କ୍ରମାଗତ ୪ଥର ଟପ୍ ସ୍କୋରର ଟ୍ରଫି ହାସଲ କରି ହୁଗୋ ସାଞ୍ଚେଜ୍‌ଙ୍କ ସମକକ୍ଷ ହୋଇପାରିଛନ୍ତି।







# ବଦଳିଲା ଏଆଇଏଫ୍‌ଏଫ୍‌ର ସିଜନ୍ ସମୟ

**କଟକ ଅଫିସ,୨୦।୭:** କରୋନା କଟକଣା ଯୋଗୁ ଅଲଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ସିଜନ୍ ସମୟ ପରିବର୍ତ୍ତନ କରାଯାଇଛି। ଚଳିତବର୍ଷ ନିମନ୍ତେ ଅଗଷ୍ଟ ପହିଲାରୁ ସିଜନ ଆରମ୍ଭ ହେବ ବୋଲି ଏଆଇଏଫଏଫ ଘୋଷଣା କରିଛି। ଆସନ୍ତାବର୍ଷ ମେ ୩୧ ପର୍ଯ୍ୟନ୍ତ ଉକ୍ତ ସିଜନ ଜାରି ରହିବ। ଏ ନେଇ ସୋମବାର ଏଆଇଏଫ୍‌ଏଫ ପକ୍ଷରୁ ଏକ ୱେବିନାର ଆୟୋଜନ କରାଯାଇଥିଲା। ପୂର୍ବାଞ୍ଚଳର ବିଭିନ୍ନ ରାଜ୍ୟର ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ସନ୍ତୋଷ କୁମାର ମାର୍ଥା ପ୍ରତିନିଧିତ୍ୱ କରିଥିଲେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ